

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୦୭ ସେପ୍ଟେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 07 September 2024
Vol.No. 35 ■ No.240 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

## ବିଜେପିରେ ମିଶିଲେ: ବିଜେଡି ଉପରେ ଭୟଙ୍କର ଭାବେ ବର୍ଷିଲେ

ଭୁବନେଶ୍ୱର, ୬/୯ (ନି.ପ୍ର): ବିଜେପିରେ ମିଶୁ ମିଶୁ ବିଜେଡି ବିରୋଧରେ ସୁଜିତ୍ କୁମାରଙ୍କ ବିଷୋଦଗାର୍ । କହିଛନ୍ତି ବିଜେଡି ସରକାରରେ ଜମି, ଛତୁଆ, ପଥର ଖଣି ଓ ଟେଣ୍ଡର ଫିକ୍ସିଂରେ ହଜାର ହଜାର କୋଟିର ଦୁର୍ନୀତି ଚାଲିଥିଲା । ବିଜେପିରେ ମିଶୁ ମିଶୁ ବିଜେଡି ବିରୋଧରେ ସୁଜିତ୍ କୁମାରଙ୍କ ବିଷୋଦଗାର୍ । ଗୋଟି ଗୋଟି କରି ନିଜ ଇସ୍ତଫା ପଛର କାରଣ ବଖାଣି ବିସ୍ଫୋରଣ ବି କଲେ ସୁଜିତ୍ କୁମାର । ଏହି ପୂର୍ବତନ ରାଜ୍ୟସଭା ସାଂସଦ କହିଛନ୍ତି-ବିଜେଡି ସରକାରରେ ହରିଲୁଟ୍ ଚାଲିଥିଲା, ହେଲେ ନେତା କିଛି ଶୁଣୁନଥିଲେ । ଜମି, ପଥର ଖଣି, ଛତୁଆ ଓ ଟେଣ୍ଡର ଫିକ୍ସିଂରେ ହଜାର ହଜାର କୋଟିର ଦୁର୍ନୀତି ଚାଲିଥିଲା । ଜିଲ୍ଲାରୁ ରାଜ୍ୟସ୍ତରର ବହୁ ନେତା ଏବଂ ଅଫିସର ଏଥିରେ ସାମିଲ ଥିଲେ । ଏନେଇ ଦଳ ନେତୃତ୍ୱଙ୍କୁ




ବହୁବାର ଜଣାଇବାକୁ ଚେଷ୍ଟା କରିଛି, ହେଲେ ବିଫଳ ହୋଇଥିଲି । ତେଣୁ ଶେଷରେ ବାଧ ହୋଇ ଦଳ ଛାଡ଼ିଦେଲି । ଏତିକିରେ ସରିନଥିଲା ବିଜେଡି ବିରୋଧରେ ସୁଜିତଙ୍କ ବିଷୋଦଗାର । ଗୁମର ଖୋଲି କହିଥିଲେ-ନିର୍ବାଚନ ପୂର୍ବରୁ ବିଜେଡିରେ ତାଙ୍କୁ ଧମକ ଦିଆଯାଇଥିଲା । ତାଙ୍କୁ ରାଜ୍ୟସଭାରୁ କାଢ଼ି ଦିଆଯିବା ସହ ପଲିଟିକାଲ କ୍ୟାରିଅର ଶେଷ କରିଦିଆଯିବ ବୋଲି କଳାହାଣ୍ଡି ଆସି ଧମକାଇ ଥିଲେ ବିଜେଡିର ଜଣେ ରାଜ୍ୟସ୍ତରୀୟ ନେତା । ଯଦିଓ ମୋ ମୁହଁରେ ସେ କିଛି କହିନଥିଲେ, କିନ୍ତୁ ଅନ୍ୟ ଦଳୀୟ ନେତାଙ୍କୁ କହିଥିଲେ । ତେବେ ନିର୍ବାଚନ ପରେ ଏକଥା ମୁଁ ଦଳ ସୁପ୍ରିମୋଙ୍କୁ ଜଣାଇଥିଲି, ହେଲେ ସେ ଦେଖିବେ ବୋଲି କହି ଚୁପ୍ ରହିଗଲେ । ତା ସହ ସୁଜିତ୍ ଆହୁରି ମଧ୍ୟ ସାଂଘାତିକ ଆରୋପ ଆଣି କହିଛନ୍ତି-ବିଜେଡି ଦଳରେ ଜଣେ ଦୁଇ ଜଣ ବଡ଼ ▶▶ପୃଷ୍ଠା ୭

## ସଫଳ ହେଲା ଅଗ୍ନି-୪ ରାତ୍ରିକାଳୀନ ପରୀକ୍ଷଣ

ବାଲେଶ୍ୱର, ୬/୯ (ନି.ପ୍ର): ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଏହି କ୍ଷେପଣାସ୍ତ୍ର ୪ ନମ୍ବର ଲଞ୍ଚ ପ୍ୟାଡରୁ ରାତି ୭ଟା ୫୫ ମିନିଟ୍ ସମୟରେ ଉତକ୍ଷେପଣ ହୋଇଥିଲା । ୨୦ ମିଟର ଲମ୍ବ ଓ ୧୭ ହଜାର କିଲୋଗ୍ରାମ ଓଜନର ଏହି କ୍ଷେପଣାସ୍ତ୍ର ୧ ହଜାର କିଲୋଗ୍ରାମ ପର୍ଯ୍ୟନ୍ତ ଯୁଦ୍ଧାସ୍ତ୍ର ବହନ କରିପାରିବ । ଅଗ୍ନି-୪ ରାତ୍ରିକାଳୀନ ପରୀକ୍ଷଣ ସଫଳ ହୋଇଛି । ଅବଦୁଲ କଲାମ ଦ୍ୱୀପରୁ ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପ କରାଯାଉଥିବା ଅଗ୍ନି-୪ ମିଜାଇଲର ୯ ନମ୍ବର ଭର୍ସନର ରାତ୍ରିକାଳୀନ ପରୀକ୍ଷଣ ହୋଇଛି । ଆଇସିବିଏମ ଗ୍ରୁପର ଏହି କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ କ୍ଷମତା ୪ ହଜାର କିଲୋମିଟର ରହିଛି । ପରମାଣୁ ଯୁଦ୍ଧାସ୍ତ୍ର ମଧ୍ୟ ବହନ କରିପାରିବ ଅଗ୍ନି-୪ (୦.୯) ।




ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଏହି କ୍ଷେପଣାସ୍ତ୍ର ୪ ନମ୍ବର ଲଞ୍ଚ ପ୍ୟାଡରୁ ରାତି ୭ଟା ୫୫ ମିନିଟ୍ ସମୟରେ ଉତକ୍ଷେପଣ ହୋଇଥିଲା । ୨୦ ମିଟର ଲମ୍ବ ଓ ୧୭ ହଜାର କିଲୋଗ୍ରାମ ଓଜନର ଏହି କ୍ଷେପଣାସ୍ତ୍ର ୧ ହଜାର କିଲୋଗ୍ରାମ ପର୍ଯ୍ୟନ୍ତ ଯୁଦ୍ଧାସ୍ତ୍ର ବହନ କରିପାରିବ । ଦୁଇଟି ପର୍ଯ୍ୟାୟ ଦେଇ ଏହା ପ୍ରଥମେ ଭୂପୃଷ୍ଠରୁ ଆକାଶକୁ ଗତି କରିଥାଏ । ଶତ୍ରୁ ରାଷ୍ଟ୍ରର ଯେ କୌଣସି ସ୍ଥାନକୁ ଏହି କ୍ଷେପଣାସ୍ତ୍ର ସହଜରେ ଲକ୍ଷ୍ୟଭେଦ କରିପାରିବ । ଉଚ୍ଚଉଡଙ୍ଗର ସ୍ୱତନ୍ତ୍ର ପ୍ରଶିକ୍ଷଣପ୍ରାପ୍ତ ବୈଜ୍ଞାନିକମାନେ ଏହାର ପରୀକ୍ଷଣ କରିଛନ୍ତି । ଚାନ୍ଦିପୁର ସ୍ଥିତ ଡିଆରଡିଓର ବରିଷ୍ଠ ବୈଜ୍ଞାନିକମାନେ ଟେଲିମେଟ୍ରିକ ରାଡାର୍ ସିଷ୍ଟମ୍‌ରେ ଏହାର ଲକ୍ଷ୍ୟଭେଦି କ୍ଷମତା ଏବଂ ଗତିବିଧି ଯାଞ୍ଚ କରିଥିଲେ ।

## ଭୁବନେଶ୍ୱରରେ ଭାରତର ପ୍ରଥମ ସିଲିକନ୍ କାର୍ବାଇଡ୍ ମ୍ୟାନୁଫାକଚରିଂ ୟୁନିଟ୍: ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୬/୯ (ନି.ପ୍ର): ଦେଶର ପ୍ରଥମ ସିଲିକନ୍ କାର୍ବାଇଡ୍ ମ୍ୟାନୁଫାକଚରିଂ କେନ୍ଦ୍ରର ଆଜି ଶିଳାନ୍ୟାସ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଭୁବନେଶ୍ୱରର ଇନଫୋଭ୍ୟାଲିସ୍ଥିତ ଇଏମସି ପାର୍କରେ ଆରଆଇଆର ପାୱାର ଇଲୋକ୍ଟ୍ରୋନିକ୍ସ ଲିଃ ଦ୍ୱାରା ଏହି ୟୁନିଟ୍ ସ୍ଥାପନ କରାଯାଉଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ, ଦେଶର ଅଗ୍ରଣୀ ସେମିକଣ୍ଡକ୍ଟର ହବ୍ ଭାବେ ଓଡ଼ିଶାକୁ ଗଢ଼ିବା ଦିଗରେ ଏହି



ୟୁନିଟ୍ ସ୍ଥାପନ ରାଜ୍ୟ ସରକାରଙ୍କ ଉଲ୍ଲେଖନୀୟ ପଦକ୍ଷେପ । ଏହି ନୂଆ ସୁବିଧା ନାକେବଳ ରାଜ୍ୟରେ ଷ୍ଟେଟ ଅଫ୍ ଆର୍ଟ ପ୍ରଡକ୍ଟ ସୃଷ୍ଟି କରିବ ବରଂ ପ୍ରତିଭାବାନ ଯୁବକଯୁବତୀଙ୍କ ପାଇଁ ବ୍ୟାପକ

## ଜମ୍ମୁ-କଶ୍ମୀର ପାଇଁ ବିଜେପିର ଇସ୍ତାହାର
### ଧାରା ୩୭୦କୁ ଆଉ ଫେରିବାକୁ ଦେବୁ ନାହିଁ : ଅମିତ ଶାହା

ନୂଆଦିଲ୍ଲୀ, ୬/୯ : ଜମ୍ମୁ-କଶ୍ମୀରରେ ଦୀର୍ଘ ୧୦ ବର୍ଷ ପରେ ଆସନ୍ତା ୧୮ ତାରିଖରୁ ବିଧାନସଭା ପାଇଁ ଭୋଟ ପଡ଼ିବ । ଏହାପୂର୍ବରୁ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଆଜି ବିଜେପି ପକ୍ଷରୁ ନିର୍ବାଚନୀ ଇସ୍ତାହାର ବା ପ୍ରତିଶ୍ରୁତି ପତ୍ର ଜାରି କରାଯାଇଛି । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏହାକୁ ଜାରି କରିଛନ୍ତି । ଜମ୍ମୁ-କଶ୍ମୀରରେ ବିଜେପି ସରକାର ଗଠନ କରିବା ପରେ ରଜୌରୀରେ ଗୋଟିଏ ନୂଆ ଟୁରିଷ୍ଟ ହବ ତିଆରି କରାଯିବ । ସେହିପରି ଉପତ୍ୟକାରେ ୫ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଜମ୍ମୁରେ ମଧ୍ୟ ଏକାଧିକ ପର୍ଯ୍ୟଟନ ସ୍ଥଳୀ ହେବ ଓ ବିଜେପି କଶ୍ମୀର ପଣ୍ଡିତଙ୍କ ସମେତ




ସମସ୍ତ ବିସ୍ଥାପିତଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରିବ ବୋଲି ଇସ୍ତାହାରରେ କୁହାଯାଇଛି । ନିର୍ବାଚନୀ ଇସ୍ତାହାରରେ କୁହାଯାଇଛି ଯେ ଆମେ ଜମ୍ମୁ କଶ୍ମରରେ ଟିକା ଲାଲ ତାପଲୋ ବିସ୍ଥାପିତ ସମାଜ ପୁନର୍ବାସ ଯୋଜନା (ଟିଏଲଟିଭିପିୱାଇ) ଲଞ୍ଚ କରିବୁ । ଏହି ଯୋଜନାରେ କଶ୍ମୀର ପଣ୍ଡିତଙ୍କ ସୁରକ୍ଷିତ ଘର ବାହୁଡ଼ା ହେବ । ସେମାନଙ୍କୁ ଏଠାରେ ସବୁ ପ୍ରକାରର ସୁବିଧା ଯୋଗାଇ ଦିଆଯିବ । ଅମିତ ଶାହ ଇସ୍ତାହାର ରିଲିଜ କରିବା ପରେ ବିଜେପି ଜମ୍ମୁ-କଶ୍ମୀରରୁ ଆତଙ୍କବାଦକୁ ▶▶ପୃଷ୍ଠା ୭

## ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ଚାଲିଗଲା ୨ ଶ୍ରମିକଙ୍କ ଜୀବନ: ଜଣେ ଗୁରୁତର

କଟକ, ୬/୯ (ନି.ପ୍ର): ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ୨ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି । କଟକ ଜିଲ୍ଲା ତ୍ରିଶୁଳିଆର ଏକ ଆପାର୍ଟମେଣ୍ଟରେ ଏହି ଘଟଣା ଘଟିଛି । ଆହତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ପାଇଖାନା ଟାଙ୍କି ସେଣ୍ଟ୍ରିଂ ଖୋଲୁଥିବା ବେଳେ ଏହି ଅଘଟଣ ଘଟିଛି । ଆଜି ସକାଳେ ତ୍ରିଶୁଳିଆରେ ଥିବା ଏକ ଆପାର୍ଟମେଣ୍ଟରେ ପାଇଖାନା ଟାଙ୍କିରେ ୩ ଜଣ ଶ୍ରମିକ ସେଣ୍ଟ୍ରିଂ ଖୋଲୁଥିଲେ । ଏହି ସମୟରେ ସେମାନେ ସେଠାରେ ଶ୍ୱାସରୁଦ୍ଧ ହୋଇଯାଇଥିଲେ । ▶▶ପୃଷ୍ଠା ୭

## ସୀମାରେ ଅଣ୍ଡା ଓ କୁକୁଡ଼ା ଗାଡ଼ି ଅଟକାଇଛି କୋଲକାତା ପୁଲିସ୍


ପଶ୍ଚିମବଙ୍ଗ, ୬/୯ (ନି.ପ୍ର): ପଶ୍ଚିମବଙ୍ଗ ସୀମାରେ ଅଟକିଛି ଅଣ୍ଡା ଓ କୁକୁଡା ଗାଡ଼ି । ଆନ୍ଧ୍ରପ୍ରଦେଶରୁ ଆସିଥିବା ଅଣ୍ଡା ଓ କୁକୁଡା ବୋଝେଇ ଟ୍ରକ୍ ଗୁଡ଼ିକୁ ୨୪ ଘଣ୍ଟା ହେଲା କୋଲକାତା ପୁଲିସ୍ ଅଟକାଇ ରଖିଛି । ଯେଉଁଥିପାଇଁ ୭୦ରୁ ଅଧିକ ଟ୍ରକ୍ ଜାତୀୟ ରାଜପଥରେ ଛିଡ଼ା ହୋଇଛି । ଆଗକୁ ଯାଇପାରୁ ନାହିଁ । ଆସାମ ଓ ଓଡ଼ିଶାର ପଡ଼ୋଶୀ ପଶ୍ଚିମବଙ୍ଗ ଅଣ୍ଡା ଏବଂ କୁକୁଡ଼ା ପାଇଁ ଆନ୍ଧ୍ରପ୍ରଦେଶ ଉପରେ ନିର୍ଭର କରୁଛନ୍ତି । ପ୍ରତିଦିନ ଶହଶହ ଗାଡ଼ି ଓଡ଼ିଶା ଦେଇ ପଶ୍ଚିମବଙ୍ଗ ଓ ଆସାମ ଯିବା ଆସିବା କରିଥାଏ । ଗୁରୁବାର ସକାଳଠାରୁ ଆନ୍ଧ୍ରପ୍ରଦେଶରୁ ଆସିଥିବା ୭୦ ଅଧିକ ଅଣ୍ଡା ଓ କୁକୁଡ଼ା ବୋଝେଇ ଟ୍ରକକୁ ସୋନା କଣିଆ ଚେକ୍‌ଗେଟ୍ ପାଖରେ ପଶ୍ଚିମବଙ୍ଗର ଦାନ୍ତୋନ ପୁଲିସ୍ ଅଟକାଇ ରଖିଛି । ଆଗକୁ ଯିବା ପାଇଁ ଦେଉନାହିଁ । କାରଣ ପଚାରିଲେ ଓଡ଼ିଶାରେ ବାର୍ଡ ଫ୍ଲୁ ବ୍ୟାପିଥିବାରୁ ଅଣ୍ଡା ଓ କୁକୁଡ଼ା ଗାଡ଼ିକୁ ଆଗକୁ ଯିବା ପାଇଁ ଅନୁମତି ନାହିଁ । ପୁଲିସ୍ ନାଲି ଆଖି ପରେ ଉପାୟଶୂନ୍ୟ ହୋଇ ୨୪ ଘଣ୍ଟାରୁ ଅଧିକ ସମୟ ଧରି ରାସ୍ତା ପାର୍ଶ୍ୱରେ ଗାଡ଼ି ଗୁଡ଼ିକ ଅଟକି ରହିଛନ୍ତି । ଗାଡ଼ି ଚାଳକମାନେ ଅଖିଆ ଅପିଆ ରହିଛନ୍ତି । ଅନ୍ୟ ପକ୍ଷରେ ଦୀର୍ଘ ସମୟ ଧରି ଗାଡ଼ି ଛିଡ଼ା ହେଲେ କୁକୁଡ଼ା ମରିଯିବା ଓ ଅଣ୍ଡା ନଷ୍ଟ ହେବା ଭୟ ଘାରିଛି ।

## ବଢ଼ିଲା ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଛନକା

ଭୁବନେଶ୍ୱର, ୬/୯ (ନି.ପ୍ର): ଓଡ଼ିଶାରେ ଚିହ୍ନଟ ହେବେ ବାଂଲାଦେଶୀ ଅନୁପ୍ରବେଶକାରୀ । ଏଥିପାଇଁ ତହସିଲ, ବ୍ଲକ୍ ଓ ଥାନା ସ୍ତରରେ ସରକାରୀ ଅଧିକାରୀଙ୍କୁ ନେଇ କମିଟି ଗଠନ ପାଇଁ ସମସ୍ତ ଜିଲ୍ଲାପାଳ ଓ ଏସପିଙ୍କୁ ନିର୍ଦ୍ଦେଶ ଦେଇ ସାରିଛନ୍ତି ରାଜ୍ୟ ସରକାର । ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉତ୍ତର ଅନୁପ୍ରବେଶକାରୀଙ୍କ ନିଦ ହଜିଲାଣି । ୨୦୨୧ ମସିହାରେ ଓଡ଼ିଶାରେ ସରକାରୀ ଭାବେ ଚିହ୍ନଟ ହୋଇଥିଲେ ୩ ହଜାର ୭୪୦ ବାଂଲାଦେଶୀ ଅନୁପ୍ରବେଶକାରୀ । ସେମାନେ କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ, ମାଲକାନଗିରି, ନବରଙ୍ଗପୁର ଓ ବରଗଡ଼ ଜିଲ୍ଲା, ଏପରିକି ରାଜଧାନୀ ଭୁବନେଶ୍ୱରରେ ରହୁଥିଲେ । ତେବେ ହୁଗୁଳା ମେରାଇନ ଥାନା ଓ ମୁକୁଳା ସମୁଦ୍ର ଉପକୂଳ ଯୋଗୁ ଅନୁପ୍ରବେଶକାରୀଙ୍କ ସଂଖ୍ୟା ହୁ ହୁ ବୃଦ୍ଧି ପାଉଥିବା ଏବଂ ସେମାନେ ଜାଲିଆତି କରି ଆଧାର ଓ ରାସନ କାର୍ଡ ବି ହାତଉଥିବା ଅଭିଯୋଗ ହେଉଛି । ତେଣୁ ସେମାନଙ୍କୁ ଚିହ୍ନଟ କରିବା ପ୍ରଶାସନ ପାଇଁ ନିଶ୍ଚିତ ରୂପେ ବଡ଼ ଚାଲେଞ୍ଜ ରହିବ । ମିଳିଥିବା ସୂଚନା ଅନୁସାରେ କେନ୍ଦ୍ରାପଡ଼ା ▶▶ପୃଷ୍ଠା ୭

## ଲକ୍ଷ ଲକ୍ଷ ଟଙ୍କାରେ ବିକ୍ରି ହେଉଛି ସରକାରୀ ଚାକିରି

ଭୁବନେଶ୍ୱର, ୬/୯ (ନି.ପ୍ର): ଗଜପତି ଜିଲ୍ଲାର ଜଣେ ପ୍ରାର୍ଥୀ । ଗତ ବର୍ଷ ଜୁଲାଇ ମାସରେ ପଂଚାୟତ ନିର୍ବାହୀ ଅଧିକାରୀ (ପିଇଓ) ପରୀକ୍ଷାରେ ୧୮୦ ମାର୍କରୁ ରଖିଥିଲେ ମାଇନସ୍ ୭ । ମାନେ ଶୂନଠାରୁ ବି କମ । କିଛି ମାସ ପରେ ଅର୍ଥାତ୍ ୨୦୨୪ ଏପ୍ରିଲ ମାସରେ ସେ ଫରେଷ୍ଟ ଗାର୍ଡ ପାଇଁ ଲିଖିତ ପରୀକ୍ଷା ଦେଲେ । ଆଉ ତାଙ୍କୁ ୧୫୦ ମାର୍କରୁ ମିଳିଲା ୧୦୦ ପରସେଣ୍ଟାଇଲ୍ ଅର୍ଥାତ୍ ପରୀକ୍ଷା ଦେଇଥିବା ପିଲାଙ୍କ ଭିତରେ ସର୍ବୋତ୍ତମ ପିଲା । ଯେଉଁ ପରୀକ୍ଷାର୍ଥୀ ପୂର୍ବରୁ ଶୂନ ମାର୍କ ବି ରଖି ପାରୁନଥିଲେ, ସେ ଏବେ



କେମିତି ସର୍ବୋଚ୍ଚ ବର୍ଗରେ ରହିପାରିଲେ, ତାହା ଆଶ୍ଚର୍ଯ୍ୟ ସୃଷ୍ଟି କରୁଛି । ଏମିତି ଆଉ ଜଣେ ଗଜପତି ଜିଲ୍ଲା ପ୍ରାର୍ଥୀ ପୂର୍ବରୁ ପଂଚାୟତ ନିର୍ବାହୀ ଅଧିକାରୀ ପରୀକ୍ଷା ଦେଇ ରଖିଥିଲେ ମାତ୍ର ୯.୫ ମାର୍କ । ମାତ୍ର ଏବେ ଫରେଷ୍ଟ ଗାର୍ଡ ପରୀକ୍ଷାରେ ରଖିଛନ୍ତି ୯୯.୯୮୪ ପର୍ସେଣ୍ଟାଇଲ୍ । ଅର୍ଥାତ୍ ସେ ଏବେ ସର୍ବୋଚ୍ଚ ଯୋଗ୍ୟ ପ୍ରାର୍ଥୀଙ୍କ ବର୍ଗରେ ସ୍ଥାନ ପାଇଛନ୍ତି । ଆଉ ଅନଲାଇନରେ ଏ ସବୁ ଗ୍ରୁପ୍-ସି ବର୍ଗର ପରୀକ୍ଷା କରିଛି ଓଡ଼ିଶା ଅଧସ୍ତନ କର୍ମଚାରୀ ଆୟୋଗ । ଫରେଷ୍ଟର ଓ ଫେରଷ୍ଟଗାର୍ଡ଼ ପରୀକ୍ଷା ଦେଇଥିବା ସୋମନାଥ ହୋତାଙ୍କ ଭଳି କିଛି ପରୀକ୍ଷାର୍ଥୀ କହିଛନ୍ତି, 'ସେମାନଙ୍କୁ ବି ୧୦-୧୨ ଲକ୍ଷ ଦେଲେ ଚାକିରି ମିଳିଯିବ ବୋଲି ଅଫର ଆସିଥିଲା । କିଛି ଅସାଧୁ କମ୍ପ୍ୟୁଟର ସେଣ୍ଟର କର୍ମଚାରୀ ଏଭଳି କରୁଛନ୍ତି । ▶▶ପୃଷ୍ଠା ୭

## ବିଜେଡି ସରକାର ଗଲା ପରେ ଖୋଲୁଛି ୫ଟି ସ୍କୁଲ ଗୁମର

ଭୁବନେଶ୍ୱର, ୬/୯ (ନି.ପ୍ର): ବିଜେଡି ସରକାର ଗଲା ପରେ ଖୋଲୁଛି ଫାଇଭ୍ ଟି ସ୍କୁଲ ରୁପାନ୍ତୀକରଣ ପୋଲ୍ । କେଉଁଠି ୫୦ ଲକ୍ଷ ଟଙ୍କାରେ ରଙ୍ଗ ମାରି ଚକ ଚକିଆ କରି ଦେଇଛନ୍ତି ହେଲେ ସ୍କୁଲରୁ ପାଣି ଗଳୁଛି ତ, କେଉଁଠି ପୁରା ଟଙ୍କା ନେଇ ଫେରାର ଠିକାଦାର । ଉପର ଚକଚକିଆ, ଭିତର ଫମ୍ପା । ବିଜେଡି ସରକାର ଗଲା ପରେ ଖୋଲୁଛି ଫାଇଭ ଟି ସ୍କୁଲ ଗୁମର । କେବଳ ଦଳୀୟ ନେତାଙ୍କ ପକେଟ ଗରମ ପାଇଁ ନବୀନ ସରକାର କରିଥିଲେ କି




ଫାଇଭ ଟି ସ୍କୁଲ ? ଗ୍ରାଉଣ୍ଡ ରିୟଲଟି କିଛି ସେୟା ହିଁ କହୁଛି । ଉମରକୋଟ ଅଂଚଳ ସ୍ଥିତ ସଂଗ୍ରାମୀ ବାଳ ପୂଜାରୀ ହାଇସ୍କୁଲ । ଖୋଦ ଗଣଶିକ୍ଷା ମନ୍ତ୍ରୀଙ୍କ ଅଂଚଳ । ହେଲେ ଏଠି ପୂରା ହଡ଼ପ ହୋଇଯାଇଛି ଅନୁଦାନ ଟଙ୍କା । ୬୦ ଲକ୍ଷ ଟଙ୍କାରୁ ୫୫ ଲକ୍ଷ ଟଙ୍କା ସ୍କୁଲ ଆକାଉଣ୍ଟକୁ ଯାଇଛି । ହେଲେ ବିଡମ୍ବନାର କଥା ସ୍କୁଲରେ ପାଚେରୀ ନାହିଁ କି ଗେଟ୍ ନାହିଁ । ଲାଇବ୍ରେରୀଟେ ତିଆରି ହୋଇନି । ଏମିତି କି ସ୍କୁଲର ଗୋଟିଏ ଶୌଚାଳୟ ଟିଏ ମଧ୍ୟ ନାହିଁ । ନିମ୍ନ ମାନର କାମ କରାଯାଇ ଖାଲି ଚୂନ ମାରି ଟଙ୍କା ହରିଲୁଟ କରାଯାଇଛି ବୋଲି କହିଛନ୍ତି ଖୋଦ ପ୍ରଧାନ ଶିକ୍ଷକ । ଆଉ ୬୦ ଲକ୍ଷ ଟଙ୍କା ଖର୍ଚ୍ଚରେ ରୂପାନ୍ତିକରଣ ହୋଇଥିବା ସ୍କୁଲ ହେଉଛି ବାଲେଶ୍ୱର ଆଇଟିଆଇ ହାଇସ୍କୁଲ । ଏଠି ସ୍ଥିତି ସଂଗୀନ । ରଙ୍ଗ ମାରି ଚକାଚକ ହୋଇଯାଇଛି ସ୍କୁଲ । କିନ୍ତୁ ସ୍କୁଲକୁ ଆବର୍ଜନା ପାଣିରେ ପଶି ଯିବାକୁ ପଡୁଛି । ଭିତରକୁ ଗଲେ କେଉଁଠି ସ୍ମାର୍ଟ କ୍ଲାସରୁ ପାଣି ଗଳୁଛି ତ ଆଉ କେଉଁଠି ▶▶ପୃଷ୍ଠା ୭

## କଂଗ୍ରେସରେ ଯୋଗଦେଲେ ଭିନେଶ ଫୋଗାଟ ଓ ବଜରଙ୍ଗ ପୁନିଆ

ନୂଆଦିଲ୍ଲୀ, ୬/୯ : ହରିୟାଣା ବିଧାନସଭା ନିର୍ବାଚନ ମଧ୍ୟରେ କଂଗ୍ରେସକୁ ମିଳିଛି ବଳ । ଆଜି ବିଧିବଦ୍ଧ ଭାବେ ଦଳରେ ସାମିଲ ହୋଇଛନ୍ତି ରେସଲର ଭିନେଶ ଫୋଗାଟ ଓ ବଜରଙ୍ଗ ପୁନିଆ । କଂଗ୍ରେସରେ ସାମିଲ ହେବା ପୂର୍ବରୁ ଭିନେଶ ଓ ବଜରଙ୍ଗ ଦିଲ୍ଲୀରେ ଦଳର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ▶▶ପୃଷ୍ଠା ୭



## ଗୁରୁ ରମେଶ ଚନ୍ଦ୍ର ପାଣିଙ୍କୁ ସମ୍ବର୍ଦ୍ଧନା

ଭୁବନ,୬/୦୯ (ନି.ପ୍ର): ଢ଼େଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ଅନ୍ତର୍ଗତ ଯମୁନାକୋଟ ବିବେକାନନ୍ଦ ଶିଶୁ ମନ୍ଦିର ରେ ମହାଡମ୍ବରରେ ଗୁରୁଦ୍ୱିସ ପାଳିତ ହୋଇଯାଇଛି। ଏହି ଅବସରରେ ଶିଶୁ ମନ୍ଦିର ର ପ୍ରଥମ ଗୁରୁଜୀ ପ୍ରାଧାପକ ଶ୍ରୀ ରମେଶ ଚନ୍ଦ୍ର ପାଣି ଓ ପ୍ରଥମ ଗୁରୁମା ଶ୍ରୀମତୀ ପ୍ରେମଲତା ଯେନା କଅଁର କୁ ଅନୁଷ୍ଠାନ ତରଫରୁ ଗ୍ରାମର ପୂର୍ବତନ ସଂପାଦକ ଅବସରପ୍ରାପ୍ତ ଶିକ୍ଷକ ଅଚ୍ୟୁତାନନ୍ଦ ସାହୁ ଓ ଅନୁଷ୍ଠାନ ର ପ୍ରଧାନାଚାର୍ଯ୍ୟା ଶ୍ରୀମତୀ ନିରୁପମା ମହାନ୍ତି ମାନପତ୍ର ଓ ଉତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଶ୍ରୀଯୁକ୍ତ ପାଣିଙ୍କୁ ଅନୁଷ୍ଠାନର ବରିଷ୍ଠା ଶିକ୍ଷୟିତ୍ରୀ ଅହଲ୍ୟା ବାରିକ୍ ଷ୍ଟାଫଙ୍କ ତରଫରୁ ପାଣି ଦମ୍ପତିଙ୍କ ଆକର୍ଷଣୀୟ ଚିତ୍ର ଫଳକ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ପୂର୍ବତନ ସରପଂଚ ଖୁଲଣାରାଉତ, ଅଦୈତ ସାହୁ, ଭୀମସେନ ସାହୁ, ବିକ୍ରମାଦିତ୍ୟ ବେହେରା ଅତିଥି ଭାବେ ଯୋଗଦେଇ ଦୀପ ପ୍ରଜ୍ୱଳନ କରିଥିଲେ। ପିଲାମାନେ ବେଦପାଠ, ଗୁରୁବନ୍ଦନା ଗାନକରି ସମସ୍ତ ଅତିଥି ଓ ସମସ୍ତ ଗୁରୁମାମାନଙ୍କୁ ପୂଜାର୍ଚ୍ଚନା କରି କଲମ ଉପହାର ପ୍ରଦାନ କରିଥିଲେ।

## କର୍ମଚାରୀଙ୍କ ଆର୍ଥିକ ସୁରକ୍ଷା ବୃଦ୍ଧି ପାଇଁ ପୂର୍ବତଟ ରେଳପଥ ଓ ଏସବିଆଇ ମଧ୍ୟରେ ଏମଓୟୁ ସ୍ୱାକ୍ଷର

ଭୁବନେଶ୍ୱର, ୬/୯ (ନି.ପ୍ର): ରେଳ କର୍ମଚାରୀମାନଙ୍କ ଆର୍ଥିକ ନିରାପତ୍ତାକୁ ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପରେ ପୂର୍ବତଟ ରେଳପଥ (ଇକୋର) ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସବିଆଇ) ସହିତ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରିଛି । ଏହି ଚୁକ୍ତିନାମା ରେଳପଥର ବିଶାଳ କର୍ମବଳର ଆବଶ୍ୟକତା ଅନୁଯାୟୀ ଏକ ସ୍ୱତନ୍ତ୍ର ଆର୍ଥିକ ଲାଭ ଏବଂ ସେବାଗୁଡିକର ପରିଚୟ ପ୍ରଦାନ କରିବ । ଏହି ଚୁକ୍ତିନାମା ପୂର୍ବତଟ ରେଳପଥର ୫୯,୭୬୨ ସେବା କରୁଥିବା ତିନିଟି ରେଳମଣ୍ଡଳ ଯଥା ଖୋର୍ଦ୍ଧା ରୋଡ୍, ୱାଲଟିୟର, ସମ୍ବଲପୁର ଏବଂ ମଂଚେଶ୍ୱର ରେଳଡବା ମରାମତି କର୍ମଶାଳାକୁ ଅନ୍ତର୍ଭୁକ୍ତ କରୁଛି । ରେଳପଥର ୭୬% କର୍ମଜୀବୀ ପ୍ରାୟ ୪୫,୪୧୯ କର୍ମଚାରୀ ଯେଉଁମାନଙ୍କର ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ବେତନ ଆକାଉଣ୍ଟ ଅଛି, ସେମାନେ ଏହି ଚୁକ୍ତିରୁ ଉପକୃତ ହେବେ ।

ଏମଓୟୁ ର ମୁଖ୍ୟ ବିଶେଷତ୍ୱ ଗୁଡିକ: ଫିଲଡ ରେ କାର୍ଯ୍ୟରତ ପ୍ରାୟ ୩୭୫୦୦ ଜଣ କର୍ମଚାରୀଙ୍କୁ ଲାଭ ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି । କାର୍ଯ୍ୟକ୍ଷେତ୍ର ସ୍ତରର ନିରାପତ୍ତା, ରକ୍ଷଣାବେକ୍ଷଣ କାର୍ଯ୍ୟରେ ନିଯୋଜିତ ଟ୍ରାକମ୍ୟାନ୍, ସିଗନାଲ୍ ରକ୍ଷକ, ଟେକ୍ନିସିଆନ୍, ଆରପିଏଫ୍ କର୍ମଚାରୀ, ଲୋକୋ ପାଇଲଟ୍, ଟ୍ରେନ ମ୍ୟାନେଜର ଏବଂ ଫିଲଡ ରେ କାର୍ଯ୍ୟରତ ଅନ୍ୟାନ୍ୟ କର୍ମଚାରୀ ଏହି ସୁବିଧା ପାଇ ପାରିବେ ।

ବ୍ୟକ୍ତିଗତ ଦୁର୍ଘଟଣା ବୀମା ମଧ୍ୟରେ ଦୁର୍ଘଟଣାଜନିତ ମୃତ୍ୟୁ ପାଇଁ ୧ କୋଟି, ବାୟୁଯାନ ଦୁର୍ଘଟଣା ପାଇଁ ୧.୬ କୋଟି ସମ୍ପୂର୍ଣ୍ଣ କଭରେଜ୍ ପ୍ରଦାନ କରିବାକୁ ଥିବାବେଳେ ଭିନ୍ନକ୍ଷମ ପାଇଁ ମଧ୍ୟ ମହତ୍ୱପୂର୍ଣ୍ଣ କଭରେଜ୍ ଉପଲବ୍ଧ ଅଛି ।

ଆର୍ଥିକ ସମାଧାନ ପ୍ରଦାନ କରୁଥିବା ଋଣ ପାଇଁ ସୁଲଭ ସୁଧ ହାର ।

ଆଧୁନିକ ବ୍ୟାଙ୍କିଙ୍ଗ୍ ଟେକ୍ନୋଲୋଜି ମାଧ୍ୟମରେ ଆର୍ଥିକ ନିରାପତ୍ତା ଏବଂ ସୁବିଧାକୁ ଉନ୍ନତ ଡିଜିଟାଲ୍ ବ୍ୟାଙ୍କିଙ୍ଗ୍ ସମାଧାନ ସେବା ପ୍ରଦାନ। ଏହି ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କାର୍ଯ୍ୟକ୍ରମରେ ଉଭୟ ପୂର୍ବତଟ ରେଳପଥ ଏବଂ ଏସବିଆଇର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ । ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ଏବଂ ଏସବିଆଇ ଭୁବନେଶ୍ୱର ସର୍କଲ ମୁଖ୍ୟ ମହାପ୍ରବନ୍ଧକ ଏହି ପ୍ରକ୍ରିୟାର ନେତୃତ୍ୱ ନେଇଥିଲେ । କର୍ମଚାରୀଙ୍କ କଲ୍ୟାଣ ପାଇଁ ଉଭୟ ମହାପ୍ରବନ୍ଧକ ସେମାନଙ୍କର ସହଭାଗୀ ପ୍ରତିବଦ୍ଧତାକୁ ଦର୍ଶାଇ ସହଯୋଗର ମହତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ ।

"ଏହି ଏମଓୟୁ କେବଳ ଏକ ଚୁକ୍ତି ନୁହେଁ; ଏହା ଆମର କର୍ମଚାରୀଙ୍କ ସାମଗ୍ରିକ ସୁସ୍ଥତା ବୃଦ୍ଧି ପାଇଁ ଆମର ଉତ୍ସର୍ଗୀକୃତର ଏକ ପ୍ରମାଣ । ଏସବିଆଇ ସହ ସହଭାଗୀତା ଆମକୁ ବ୍ୟାପକ ଆର୍ଥିକ ସୁରକ୍ଷା ଯୋଗାଇବାରେ ସକ୍ଷମ କରୁଛି ଯାହା ଆମ ଶ୍ରମିକଙ୍କ ପାଇଁ ମାନସିକ ଶାନ୍ତି ଏବଂ ପ୍ରଭାବଶାଳୀ ଆର୍ଥିକ ପରିଚାଳନା ପ୍ରଦାନ କରିଥାଏ ବୋଲି ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ କହିଛନ୍ତି।

ଉପରୋକ୍ତ ସୁବିଧା ବ୍ୟତୀତ, ଏମଓୟୁ ବ୍ୟକ୍ତିଗତ ବ୍ୟାଙ୍କିଙ୍ଗ ସେବା, ଶୃଙ୍ଖଳିତ ଋଣ ପ୍ରକ୍ରିୟାକରଣ ଏବଂ ରେଳପଥ କର୍ମଚାରୀଙ୍କ ପାଇଁ ଉତ୍ସର୍ଗୀକୃତ ଗ୍ରାହକ ସହାୟତା ପ୍ରବର୍ତ୍ତନ ଉପଲବ୍ଧ କରାଯିବ । ଏହା ଆର୍ଥିକ ନିରାପତ୍ତା ପ୍ରତି ଏକ ସାମଗ୍ରିକ ଆଭିମୁଖ୍ୟ ପ୍ରତିଫଳିତ କରିବା ସହିତ ସୁନିଶ୍ଚିତ କରୁଛି ଯେ କର୍ମଚାରୀମାନେ ସେମାନଙ୍କ ଆର୍ଥିକ ପରିଚାଳନାକୁ ସହଜ ଏବଂ ଆତ୍ମବିଶ୍ୱାସରେ ପରିଚାଳନା କରିପାରିବେ । ଏହି ଚୁକ୍ତିନାମା ମାଧ୍ୟମରେ ପୂର୍ବତଟ ରେଳପଥ ଏହାର କର୍ମଚାରୀଙ୍କ କଲ୍ୟାଣ କ୍ଷେତ୍ରରେ ଆଗେଇ ଚାଲିବ ସହିତ ନୂତନତ୍ୱ ଏବଂ ରେଳ ପରିବାରର ଯତ୍ନ ନେବା ପାଇଁ ନୂତନ ମାନଦଣ୍ଡ ସ୍ଥିର କରିଛି । ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ସହିତ ସହଭାଗିତା ଭବିଷ୍ୟତର ପଦକ୍ଷେପ ପାଇଁ ବାଟ ଖୋଲିବ ବୋଲି ଆଶା କରାଯାଏ ଯାହା ପୂର୍ବତଟ ରେଳପଥ କର୍ମଚାରୀଙ୍କ ଜୀବନଶୈଳୀକୁ ଆହୁରି ବୃଦ୍ଧି କରାଇବ ।

## ୫ ବର୍ଷରେ ବଜ୍ରପାତରେ ୧୧୦୩ ଜଣଙ୍କ ମୃତ୍ୟୁ: ସୁରେଶ ପୂଜାରୀ

ଭୁବନେଶ୍ୱର, ୬/୯ (ନି.ପ୍ର): ବଜ୍ରପାତ ଜନିତ ମୃତ୍ୟୁ ସଂଖ୍ୟାରେ ଗତ ୫ ବର୍ଷ ଭିତରେ ଓଡ଼ିଶା ଭାରତରେ ସବୁ ରାଜ୍ୟଠାରୁ ଆଗରେ ରହିଛି । ଓଡ଼ିଶାରେ ଗତ ୫ ବର୍ଷରେ ୧୧୦୩ ଜଣ ବଜ୍ରପାତରେ ମୃତ୍ୟୁ ବରଣ କରିଛନ୍ତି। ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଦ୍ୱାରା ପଚରାଯାଇଥିବା ପ୍ରଶ୍ନର ଜବାବରେ ଏନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ସାଧାରଣତଃ ଯେଉଁ ଅଂଚଳରେ ଖଣିଜ ପଦାର୍ଥ ଅଧିକ ଥାଏ ସେଠାରେ ବଜ୍ରପାତ ବେଶି ହୋଇଥାଏ। ଫଳରେ ମୃତ୍ୟୁ ସଂଖ୍ୟା ଅଧିକ ହୋଇଥାଏ । ସେ କହିଛନ୍ତି ଯେ, ବାଦଲ-ବାଦଲ ଭିତରେ ଧକ୍କା ଯୋଗୁ ବଜ୍ରପାତ ଘଟିଥାଏ । ମାଟି ତଳେ ଥିବା ଖଣିଜ ପଦାର୍ଥ ସୁପରିବାହୀ ଭାବେ କାର୍ଯ୍ୟ କରି ବଜ୍ରପାତକୁ ଆକର୍ଷିତ କରିଥାଏ। ଏହା ଯୋଗୁ ଖଣିଜ ପଦାର୍ଥ ଅଧିକ ଥିବା ଅଂଚଳରେ ବେଶି ବଜ୍ରପାତ ଘଟିଥାଏ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ବୈଜ୍ଞାନିକ ମାନେ ଏ ସମ୍ପର୍କରେ ଲଗାତାର ଅନୁସନ୍ଧାନ କରୁଛନ୍ତି । ହେଲେ ଆଜି ଯାଏ ବଜ୍ରପାତର ସ୍ଥାୟୀ ନିରାକରଣ ପାଇଁ କୌଣସି ବ୍ୟବସ୍ଥା ହୋଇନାହିଁ । ଭାରତୀୟ ପାଣିପାଗ ଅନୁଷ୍ଠାନ ତରଫର ତଥ୍ୟ ଅନୁଯାୟୀ ମୋବାଇଲ ଆପରେ ଜନସାଧାରଣ ଙ୍କୁ ଅବଗତ କରାଯାଉଛି । କେଉଁଠାରେ କେଙ୍ଗବେ ବଜ୍ରପାତ ହେବ ତାହା ଜାଣିବା ପାଇଁ ବୈଜ୍ଞାନିକମାନେ ସଫଳ ହୋଇନାହାନ୍ତି । ଏନେଇ ଅନୁସନ୍ଧାନ ଜାରି ରହିଛି । ସେ କହିଛନ୍ତି ଯେ କ୍ଷେତ ଓ ସ୍କୁଲରେ ବହୁ ସଂଖ୍ୟକ ଲୋକେ ବଜ୍ରପାତର ଶିକାର ହେଉଛନ୍ତି । ତାଳ ଗଛ ଲଗାଇବା ପାଇଁ ଜଙ୍ଗଲ ବିଭାଗକୁ ରାଜସ୍ୱ ବିଭାଗ ୭ କୋଟି ଟଙ୍କା ପ୍ରଦାନ କରିଛନ୍ତି। ବଜ୍ରପାତରେ ମୃତ୍ୟୁବରଣ କଲେ ୪ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯାଉଛି ।

## ଅଧପନ୍ତରିଆ ଅବସ୍ଥାରେ କୁଟାସିଂହା ଅଙ୍ଗ ନଦୀ ସେତୁ

ବଲାଙ୍ଗିର, ୬/୯ (ନି.ପ୍ର): ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ୍ ଅନ୍ତର୍ଗତ କୁଟାସିଂହା ଅଂଚଳ ବଲାଙ୍ଗୀର ଜିଲ୍ଲାର ଓ ବ୍ଲକ୍ ର ସୀମାନ୍ତରେ ଥିବା ଅଂଚଳ । ଗତ ୨୦୧୯ ନିର୍ବାଚନ ସମୟରେ ପୂର୍ବତନ ସାଂସଦ(ରାଜ୍ୟସଭା) କଳିକେଶ ନାରାୟଣ ସିଂ ଦେଓ ଓ ପୂର୍ବତନ ବିଧାୟକ ଯୋଗେନ୍ଦ୍ର ବେହେରା ତା ୭.୩.୨୦୧୯ ରେ କୁଟାସିଂହା ଅଙ୍ଗ ନଦୀ ସେତୁର ଶୁଭ ଭିତିପ୍ରସ୍ତର ସ୍ଥାପନ କରିଥିଲେ। ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ତରଫରୁ ନିର୍ମାଣକାରି ସଂସ୍ଥା ଭାବେ ଆଶୀର୍ବାଦ କନଷ୍ଟ୍ରକ୍ସନ୍ କୁ ଚୟନ କରାଯାଇଥିଲା । ଏଥିପାଇଁ ଅଟକଳ ପରିମାଣ ଟ. ୩୫,୯୩,୯୭ ଲକ୍ଷ ଥିଲା। ରାଜ୍ୟ ସରକାରଙ୍କ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ତା ୩.୩.୨୦୨୪ ରେ ନିର୍ମାଣ କାର୍ଯ୍ୟ ସମାପ୍ତ କରିବାକୁ ଚୁକ୍ତି ଥିବାବେଳେ ବର୍ତ୍ତମାନ ସୁଦ୍ଧା ଏହା ସମ୍ପୂର୍ଣ୍ଣ ହୋଇନଥିବା ଜଣାପଡିଛି ।

## ଚୋରି ଓ ଲୁଟ ୧୫ଟି ମୋବାଇଲ ଜବତ

ଜୟପୁର, ୬/୯ (ନି.ପ୍ର): ଜୟପୁର ଉପଖଣ୍ଡ ପୋଲିସ ପ୍ରଶାସନ ଆଜି ମୋବାଇଲ ମେଳା କରି ଚୋରି ଓ ଲୁଟ ହୋଇଥିବା ମୋବାଇଲକୁ ଜବତ କରି ମାଲିକ କୁ ଫେରାଇଛି । ଜୟପୁର ପୋଲିସ ଉପଖଣ୍ଡ ଅଧିନରେ ଥିବା ଟାଉନ ଥାନା, ସଦର ଥାନା, ବୈପାରିଗୁଡା ଓ କୁନ୍ଦୁରା ଥାନାରେ ମୋବାଇଲ ଲୁଟ ଓ ଚୋରି ହୋଇଥିବା ମାମଲାର ପ୍ରଦାଫାସ କରି ୧୫ଟି ମୋବାଇଲ ଜବତ କରିଛି । ଏନେଇ ଜୟପୁର ଏସଡିପିଓ କାଯ୍ୟାଳୟ ରେ ଲୁଟ ଓ ଚୋରି ର ଶିକାର ହୋଇଥିବା ମାଲିକ ମାନଙ୍କୁ ୧୫ଟି ମୋବାଇଲ ଫେରାଇଛି । ମୋବାଇଲ ମାଲିକ ଙ୍କ ମାଲିକାନା ଯାଂଚ କରି ସେ ମାନଙ୍କୁ ଫେରସ୍ତ କରାଯାଇଛି। ଆଜି ଏସଡିପିଓ ଅଙ୍କିତ କୁମାର ବର୍ମା ଗଣ ମାଧ୍ୟମକୁ ସୁଚନା ଦେଇ କହିଛନ୍ତି ଯେ ଯେଉଁ ଅଭିଯୁକ୍ତ ମାନେ ମୋବାଇଲ ଚୋରି ଓ ଲୁଟ କରୁଛନ୍ତି ସେ ମାନେ ସ୍ଥାନିୟ ଅଂଚଳର ହୋଉଥିବା କହିଛନ୍ତି । ସେ ମାନେ ବେ ରୋଜଗାରିଆ, ଡ୍ରଗ୍ସ ପାନ କରୁଛନ୍ତି । ଡ୍ରଗ୍ସ ନେବା ପରେ ନିଶା ରେ ଚୋରି , ଲୁଟ ଆଦି ଘଟଣା ଘଟାଉଛନ୍ତି। ଘରେ କେହି ନଥିବା ବେଳେ ଘରେ ପଶି ଲୁଟ କରିବା, ରାସ୍ତା ଯିବା ସମୟରେ ଲୁଟ କରିବା ଆଦି ଘଟଣା ଘଟାଉ ଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି । ଏହି ମୋବାଇଲ ମେଳାରେ ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି, ଟାଉନ ଥାନା ଅଧିକାରି ରମଣି ରଞ୍ଜନ ଦଳେଇ ବୈପାରିଗୁଡା ଥାନା ଅଧିକାରି ଚିତରଞ୍ଜନ ପ୍ରଧାନୀ, ବୈପାରିଗୁଡା ଥାନା ଅଧିକାରି ଦିପାଞ୍ଜଳି ପ୍ରଧାନ ଉପସ୍ଥିତ ଥିଲେ ।

## ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ନିମନ୍ତେ ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧୀୟ ତାଲିମର ଶୁଭାରମ୍ଭ

ଭୁବନେଶ୍ୱର, ୬/୯ (ନି.ପ୍ର): ମିଶନ ଶକ୍ତି ବିଭାଗ ଏବଂ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ନିମନ୍ତେ ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧୀୟ ତାଲିମର ଶୁଭାରମ୍ଭ ହୋଇଯାଇଛି ।

ମିଶନ ଶକ୍ତି ଭବନଠାରେ ମିଶନ ଶକ୍ତି ବିଭାଗର ଅତିରିକ୍ତ ସଚିବ ଶ୍ରୀମତୀ ସୁମିତ୍ରା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତିର ଜିଲ୍ଲା ଓ ବ୍ଲକ ସ୍ତରର କ୍ଷେତ୍ରୀୟ ଅଧିକାରୀମାନଙ୍କୁ ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧୀୟ ତାଲିମ ଦିଆଯାଇଛି । ତାଲିମ ପାଇବା ପରେ ଏହି ଅଧିକାରୀମାନେ ସ୍ୱୟଂ ସହାୟକ ଗୋଷ୍ଠୀ ତଥା ବ୍ଲକସ୍ତରୀୟ ମହାସଂଘରୁ ମନୋନୀତ ସଦସ୍ୟାଙ୍କୁ ତାଲିମ ଦେବେ ।

ଏହି କର୍ମଶାଳାରେ ଶ୍ରୀମତୀ ସୁମିତ୍ରା ପଟ୍ଟନାୟକ ବିପର୍ଯ୍ୟୟର ମୁକାବିଲା ତଥା ସଫଳତାର ସହ ପରିଚାଳନା ପାଇଁ ମହିଳାମାନଙ୍କୁ ଜ୍ଞାନ ଏବଂ କୌଶଳ ଯୋଗାଇବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ପଦକ୍ଷେପର ପ୍ରଥମ ପର୍ଯ୍ୟାୟରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ମିଶନ ଶକ୍ତି ବିଭାଗ ମିଳିତ ଭାବରେ ଏହି ତାଲିମ କାର୍ଯ୍ୟକ୍ରମକୁ ଓଡିଶାର ୧୪ଟି ବାତ୍ୟା ପ୍ରଭାବିତ ଜିଲ୍ଲାରେ କାର୍ଯ୍ୟକ୍ଷମ କରିବେ ।

ଏହି କାର୍ଯ୍ୟକ୍ରମରେ ଗ୍ରାମପଂଚାୟତ ୱାର୍ଡ ସ୍ତରରେ ୧.୮୧ ଲକ୍ଷ ଏସ୍.ଏଚ୍.ଜି ସଦସ୍ୟାଙ୍କୁ ଅନ୍ତର୍ଭୁକ୍ତ କରାଯିବ । ପ୍ରଥମେ ୭୧୬ଜଣ ଏସ୍.ଏଚ୍.ଜି, ପଂଚାୟତ ସ୍ତରୀୟ ମହାସଂଘ ଏବଂ ବ୍ଲକସ୍ତରୀୟ ମହାସଂଘ ସଦସ୍ୟାମାନଙ୍କୁ ରାଜ୍ୟସ୍ତରରେ ପ୍ରଶିକ୍ଷକ ଭାବେ ତାଲିମ ଦିଆଯିବ । ଏହି ପ୍ରଶିକ୍ଷକମାନେ ସ୍ଥାନୀୟ ସ୍ତରରେ ମନୋନୀତ ଏସ୍.ଏଚ୍.ଜି ସଦସ୍ୟାମାନଙ୍କୁ ବିପର୍ଯ୍ୟୟ ପରିଚାଳନା ତାଲିମ ଦେବେ । ଏହି ତାଲିମକୁ ପ୍ରଶିକ୍ଷଣ ପରୀକ୍ଷକ ଭାବେ ୩୫୮ଜଣ ବ୍ଲକସ୍ତରୀୟ ଲିଡର ପରିଚାଳନା କରିବେ ଏବଂ ତୃଣମୂଳ ସ୍ତରରେ ପ୍ରଶିକ୍ଷଣର ପ୍ରଗତି ଏବଂ ପ୍ରଭାବକୁ ନିରୀକ୍ଷଣ କରିବେ । ଏହି ତାଲିମ କାର୍ଯ୍ୟକ୍ରମ ମହିଳାମାନଙ୍କୁ ବିପର୍ଯ୍ୟୟର ମୁକାବିଲା ପାଇଁ ପ୍ରସ୍ତୁତ କରିବା ସହ ସେମାନଙ୍କ ମନରେ ନେତୃତ୍ୱ ନେବାର ଭାବନା ସୃଷ୍ଟି କରିବ ।

ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲାରୁ ମିଶନ ଶକ୍ତି ଜିଲ୍ଲା ପ୍ରକଳ୍ପ ପ୍ରଶାସକ (ଡିପିସି), ଜିଲ୍ଲା ପ୍ରକଳ୍ପ ପ୍ରବନ୍ଧକ (ଡିପିଏମ୍), ବ୍ଲକ ପ୍ରକଳ୍ପ ପ୍ରଶାସକ (ବିପିସି), ଏବଂ ବ୍ଲକ ପ୍ରକଳ୍ପ ପ୍ରବନ୍ଧକ (ବିପିଏମ୍) ଯୋଗଦେଇ ଏହି ପଦକ୍ଷେପକୁ କିପରି କାର୍ଯ୍ୟକାରୀ କରାଯିବ ଏବଂ ପରିଚାଳନା କରିବେ ସେ ସମ୍ବନ୍ଧରେ ତାଲିମ ଗ୍ରହଣ କରିଥିଲେ । ମିଶନ ଶକ୍ତିର ଏହି କ୍ଷେତ୍ରୀୟ କାର୍ଯ୍ୟକର୍ତ୍ତାମାନେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ ତାଲିମ ଦେବା ସହ ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧୀୟ ଜ୍ଞାନକୌଶଳକୁ ତୃଣମୂଳ ସ୍ତରରେ ପହଂଚାଇବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବେ ।

ଶୁଭାରମ୍ଭ ଅବସରରେ ମିଶନ ଶକ୍ତି ବିଭାଗୀୟ ଅଧିକାରୀ ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ଥିଲେ ।

ମିଶନ ଶକ୍ତି ଓ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସହଭାଗିତାରେ ଆୟୋଜିତ ଏହି ତାଲିମ ଏସ୍.ଏଚ୍.ଜି ସଦସ୍ୟାମାନଙ୍କର ବିପର୍ଯ୍ୟୟକୁ ସାମ୍ନା କରିବାର କ୍ଷମତା ବୃଦ୍ଧି କରିବା ସହ ଏକ ସୁରକ୍ଷିତ ଏବଂ ସଦା ପ୍ରସ୍ତୁତ ଓଡ଼ିଶାର ନିର୍ମାଣ ତଥା ସମାଜରେ ମହିଳାଙ୍କ ସଶକ୍ତିକରଣ ସହ ସେମାନଙ୍କ ନେତୃତ୍ୱ ନେବାର କ୍ଷମତାକୁ ବ୍ୟାପକ କରିବା ଦିଗରେ ସହଯୋଗୀ ହେବ ।

## ସମବାୟକୁ ସଶକ୍ତ କରିବାକୁ ହେଲେ ଅଧିକରୁ ଅଧିକ ସମବାୟ ପ୍ରେମୀଙ୍କୁ ବିଜେପିର ସଦସ୍ୟତା ଦେବାର ବେଳ ଆସିଛି: ବିଜେପି

ଭୁବନେଶ୍ୱର, ୬/୯ (ନି.ପ୍ର): ଓଡ଼ିଶାରେ ସମବାୟ ବ୍ୟବସ୍ଥାର ସ୍ଥିତି ଅତି ଦୟନୀୟ । ଗତ ସରକାର ସମୟରେ ସମବାୟର ସ୍ଥିତି ଧ୍ୱଂସ ସ୍ତୂପରେ ପରିଣତ ହୋଇଛି । ସମବାୟ ଅର୍ଥକୁ କଦର୍ଥ କରି ସେତେବେଳେ ବିଜୁ ଜନତା ଦଳ ସମବାୟକୁ ଏକ ଥଇଥାନର କେନ୍ଦ୍ର ରୂପରେ ପରିଣତ କରିଥିଲେ । ଏଠାରେ ଭ୍ରଷ୍ଟାଚାରର ସବୁ ସୀମା ଟପିଯାଇଥିଲା । ଏହାର ଢ଼ାଂଚା ପରବର୍ତନ କରାଯିବା ସହ ଓଡ଼ିଶାରେ ସମବାୟ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ କ୍ରିୟାଶୀଳ କରିବା ପାଇଁ ବିଜେପି ବଦ୍ଧପରିକର । ରାଜ୍ୟରେ ପ୍ରଥମ ଥର ପାଇଁ ବିଜେପି ଏକାକୀ ସରକାର ଗଠନ କରିଛି । ବିଜେପିକୁ ଆହୁରି ଅଧିକ ଶକ୍ତିଶାଳୀ କରିବାକୁ ହେଲେ ବିଜେପିର ସାଂଗଠନିକ ଶକ୍ତିକୁ ମଧ୍ୟ ସୁଦୃଢ଼ କରିବା ଆବଶ୍ୟକ ଏବଂ ସମବାୟବିତଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ । ଏଥି ପାଇଁ ବିଜେପି ସମବାୟ ପ୍ରକୋଷ୍ଠ ସମସ୍ତ ପ୍ରକାରର ପ୍ରୟାସ ଜାରୀ ରଖିବାକୁ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ଆହ୍ୱାନ ଦେଇଛନ୍ତି ।

ଆଜି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସମବାୟ ପ୍ରକୋଷ୍ଠ ବୈଠକରେ ଯୋଗ ଦେଇ ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି ଯେ, କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହାଙ୍କ ନେତୃତ୍ୱରେ ବର୍ତମାନ ସମଗ୍ର ଦେଶରେ ସମବାୟ ବ୍ୟବସ୍ଥାକୁ ସୁଦୃଢ଼ କରାଯାଉଛି । ସମବାୟକୁ ଗ୍ରାମାଚଂଳରେ ବିଜନେସ୍‌ର ହବ୍ ଭାବେ ପରିଣତ କରାଯିବ । ସମବାୟ ସଂସ୍ଥା ଜରିଆରେ କୃଷି ଋଣ ସମେତ ଔଷଧ, ପେଟ୍ରୋଲ, ଡିଜେଲ, କୀଟନାଶକ ଓ ସାର ଆଦି ଉପଲବ୍ଧ କରାଯିବା ସହିତ ସୌରଚାଳିତ ଶୀତଳ ଭଣ୍ଡାର, ଗୋଦାମ ଗୃହ, ଜନସେବା କେନ୍ଦ୍ର, ବ୍ୟାଂକ ଓ ଏଟିଏମ, କିଷାନ ସମୃଦ୍ଧି କେନ୍ଦ୍ର ପ୍ରତିଷ୍ଠାକୁ ପ୍ରାଧାନ୍ୟ ଦିଆଯିବ । ଏହା ଦ୍ୱାରା ଗ୍ରାମ୍ୟ ଅର୍ଥନୀତିକୁ ସମୃଦ୍ଧ ହୋଇପାରିବ ବୋଲି ଶ୍ରୀ ସାମଲ କହିଛନ୍ତି ।

ରାଷ୍ଟ୍ରବାଦ ବିଚାରଧାରାର ଅଧିକରୁ ଅଧିକ ସଦସ୍ୟ ସମବାୟ ସହିତ ଯୋଡି ହୋଇ ସମବାୟ ସଂସ୍ଥାଗୁଡିକୁ ଲୋକାଭୀମୁଖୀ କରିବା ପାଇଁ ରାଜ୍ୟ ସମବାୟ ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳସାମନ୍ତ ଏହି ବୈଠକରେ ଯୋଗ ଦେଇ କହିଛନ୍ତି । ବର୍ତମାନ ବିଜେପି ସଦସ୍ୟତା ଅଭିଯାନର ଶୁଭାରମ୍ଭ ହୋଇଛି । ଏହି ଅଭିଯାନରେ ରାଜ୍ୟର ସମବାୟ ବ୍ୟବସ୍ଥା ସହିତ ସଂଶ୍ଳିଷ୍ଟ ପ୍ରାୟ ୧ ଲକ୍ଷ୍ୟ ସଦସ୍ୟଙ୍କୁ ସଦସ୍ୟତା କରାଯିବ । ସମସ୍ତ ପ୍ରାଥମିକ ସମବାୟ ସମିତିର ନେତା ଓ ସମବାୟବିତ୍‌ମାନଙ୍କୁ ଦଳରେ ସାମିଲ କରିବା ପାଇଁ ନିଷ୍ପତି ନିଆଯାଇଛି ବୋଲି ବିଜେପି ସମବାୟ ପ୍ରକୋଷ୍ଠ ରାଜ୍ୟ ସଂଯୋଜକ ଶ୍ରୀ ଶ୍ରୀରଂଜନ ମଙ୍ଗରାଜ କହିଛନ୍ତି ।

ଏହି ବୈଠକରେ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ପୂର୍ବତନ ସମବାୟ ମନ୍ତ୍ରୀ ଅରବିନ୍ଦ ଢ଼ାଲି, ଉପସଭାପତି ଗୋଲକ ମହାପାତ୍ର, ସାଧାରଣ ସମ୍ପାଦକ ଶାରଦା ପ୍ରସାଦ ଶତପଥୀ, ରାଜ୍ୟ ମୁଖ୍ୟ ମୁଖପାତ୍ର ସଜ୍ଜନ ଶର୍ମା, ବରିଷ୍ଠ ନେତା ସୁଦର୍ଶନ ନାୟକ, ଯଜ୍ଞେଶ୍ୱର ବାବୁ, ପବିତ୍ର ଦାସ, ଅକ୍ଷୟ ମହାନ୍ତି, ଇଂ.ଅଜୟ ସାହୁ, ରଞ୍ଜିତ୍ ଆଚାର୍ଯ୍ୟ, କଲ୍ୟାଣ ଚାଟାର୍ଜୀ, ଅରଣ ଭଟ୍ଟମିଶ୍ର, ଶେଷକୁମାର ମେହେର ଓ ସୌମ୍ୟରଂଜନ ଲେଂକା ପ୍ରମୁଖଙ୍କ ସମେତ ସମସ୍ତ ଜିଲ୍ଲା ସଦସ୍ୟ ଟୋଲିର ସଦସ୍ୟ ଓ ସଦସ୍ୟାମାନେ ଉପସ୍ଥିତ ଥିଲେ ।

## ସମ୍ବଲପୁର ଜିଲ୍ଲାରେ ସଡ଼କ ଦୁର୍ଘଟଣା ସଂଖ୍ୟାରେ ୩୩ ପ୍ରତିଶତ ବୃଦ୍ଧି

ସମ୍ବଲପୁର, ୬/୯ (ନି.ପ୍ର): ସମ୍ବଲପୁର ଜିଲ୍ଲାରେ ସଡ଼କ ଦୁର୍ଘଟଣା ଓ ଏଥି ଜନିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇଥିବା ଜଣାପଡ଼ିଛି। ଗତ ବର୍ଷର ଜୁଲାଇ ମାସର ତୁଳନାରେ ଚଳିତ ଜୁଲାଇରେ ଜିଲ୍ଲାରେ ୩୩ ପ୍ରତିଶତ ସଡ଼କ ଦୁର୍ଘଟଣା ବଢ଼ିଛି। ଗତ ଜାନୁୟାରୀ ମାସରୁ ଜୁଲାଇ ମାସ ପର୍ଯ୍ୟନ୍ତ ୩୨୬ଟି ସଡ଼କ ଦୁର୍ଘଟଣା ଘଟିଥିଲା। ପୂର୍ବ ବର୍ଷ ଏହି ଅବଧି ମଧ୍ୟରେ ୨୪୪ଟି ଦୁର୍ଘଟଣା ଘଟିଥିଲା। ଚଳିତ ବର୍ଷ ସଡ଼କ ଦୁର୍ଘଟଣାରେ ୧୪୦ ଜଣଙ୍କ ପ୍ରାଣହାନୀ ହୋଇଥିବା ଜଣାପଡ଼ିଛି। ସେହିଭଳି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ବଢ଼ିଛି। ଗତ ବର୍ଷ ତୁଳନାରେ ଏଥିରେ ଶତକଡ଼ା ୨୨ ପ୍ରତିଶତ ଅଧିକ ହୋଇଛି। ଗତ ଜୁନ୍ ମାସ ସୁଦ୍ଧା ଏହି ଧରଣର ୧୧୧ଟି ଦୁର୍ଘଟଣା ସଂଘଟିତ ହୋଇଥିବା ବେଳେ ୪୧୧ ଜଣ ଗୁରୁତର ଆହତ ହୋଇଛନ୍ତି। ଜିଲ୍ଲା ପରିବହନ ବିଭାଗ, ଟ୍ରାଫିକ୍ ଏବଂ ପ୍ରଶାସନ ପକ୍ଷରୁ ଦୁର୍ଘଟଣା ରୋକିବା ପାଇଁ ବିଭିନ୍ନ ସଚେତନତା ପଦକ୍ଷେପ ସହିତ ନିୟମ ଉଲ୍ଲଂଘନକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଗତ ଜାନୁୟାରୀ ମାସରୁ ଜୁଲାଇ ମାସ ପର୍ଯ୍ୟନ୍ତ ୩୦୦୧ଟି ଦ୍ରୁତ ଗାଡ଼ି ଚାଳନା ଏବଂ ୨୪୬ଟି ମାମଲାରେ ନିଶାସକ୍ତ ଚାଳକଙ୍କ ନାମରେ ମାମଲା ରୁଜୁ କରାଯାଇଛି। ନିକଟରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଡ଼କ ସୁରକ୍ଷା କମିଟିର ଏକ ବୈଠକ ହୋଇଥିଲା। ଏଥିରେ ଦୁର୍ଘଟଣା ନିୟନ୍ତ୍ରଣ ପାଇଁ ବିଶେଷ କରି ରାଜପଥ ମରାମତି, ନାଳନର୍ଦ୍ଦମା ବ୍ୟବସ୍ଥା କରାଯିବା ଉପରେ ଆଲୋଚନା କରାଯାଇଥିଲା। ରାସ୍ତାମାନଙ୍କରେ ବେଆଇନ୍ ପାର୍କିଂ, ରାସ୍ତା ଅବରୋଧ ସମ୍ପର୍କରେ ରାଜ୍ୟ ଓ ଜାତୀୟ ରାଜପଥ ବିଭାଗ ସହିତ ଆଲୋଚନା କରାଯାଇଥିଲା। ସଡ଼କ ସୁରକ୍ଷା ଓ ଟ୍ରାଫିକ୍ ନିୟମ ନେଇ ସ୍କୁଲ ଓ କଲେଜମାନଙ୍କରେ ଜନ ସଚେତନତା ସୃଷ୍ଟି କରାଯାଉଛି। ଦ୍ରୁତ ଗତିରେ ଗାଡ଼ି ମୋଟର ଚଳାଚଳକୁ ନିୟନ୍ତ୍ରଣ କରିବା ପାଇଁ ବୈଷୟିକ କୌଶଳ ଅନୁସରଣ କରାଯାଉଛି ବୋଲି ଆଂଚଳିକ ପରିବହନ ଅଧିକାରୀ ରାମଦାସ ଟୁଡୁ କହିଛନ୍ତି। ଦୁର୍ଘଟଣାରେ ଆହତ ଲୋକଙ୍କ ଜରୁରୀକାଳୀନ ଭିତିରେ ଚିକିତ୍ସା ପାଇଁ ଡାକ୍ତରଖାନାମାନଙ୍କୁ କୁହାଯାଇଛି ବୋଲି ସେ କହିଛନ୍ତି।

## ବ୍ୟାଟେରି ଚୋରି ମାମଲାରେ ୩ ଗିରଫ

ଜୟପୁର, ୬/୯ (ନି.ପ୍ର): ଜୟପୁର ଟାଉନ ପୋଲିସ ବ୍ୟାଟେରି ଚୋରି ମାମଲାରେ ୩ ଅଭିଯୁକ୍ତ କୁ ଆଜି ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ଓଡିଆ ମେଦ୍ରିସାହିର ରିଙ୍କୁ ବାଘ, ଗୋପବନ୍ଧୁ ନଗର ପଦ୍ମନ ମାଛ, ଗୌଡ ସାହିର ଚନ୍ଦନ ଭଟ୍ଟ ମିଶ୍ର । ପୋଲିସ ସୂଚନା ଅନୁଯାଇ ଜୟପୁର ମୁଖ୍ୟ ରାସ୍ତାରେ ଥିବା ଫ୍ୟାସନ ସିଟି ର ଇନଭଟର ବ୍ୟାଟେରି ଓ ଗାନ୍ଧୀ ଛକର ଏକ ଟ୍ରକ ରୁ ବ୍ୟାଟେରି ଚୋରି ହୋଇଥିଲା । ଏନେଇ ଜୟପୁର ଟାଉନ ଥାନା ରେ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଅଭିଯୁକ୍ତ ପଦ୍ମନ ଓ ରିଙ୍କୁ ଚୋରି କରି ଚନ୍ଦନକୁ ବିକ୍ରୟ କରିଥିଲେ । ୩ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ଟାଉନ ଥାନା ଅଧିକାରି ରମଣି ରଞ୍ଜନ ଦଳେଇ ସୁଚନା ଦେଇଛନ୍ତି ।

## ଶାନ୍ତିଶୃଙ୍ଖଳାରେ ପୂଜା ନେଇ ପ୍ରଶାସନର ବୈଠକ

ଜୟପୁର, ୬/୯ (ନି.ପ୍ର): ଗଣେଷ ପୂଜା , ବିଶ୍ୱକର୍ମା ପୂଜାକୁ ଶୃଙ୍ଖଳିତ କରିବା ପାଇଁ ଜୟପୁର ଉପଖଣ୍ଡ ପୋଲିସ ପ୍ରଶାସନ ତରଫରୁ ଆଜି ଜୟପୁର ପୌର ସଭା ଗୃହରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜୟପୁର ଏସଡିପିଓ ଅଙ୍କିତ କୁମାର ବର୍ମା, ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଉପାଧକ୍ଷ ବି. ସୁନିତା, ପୌର ନିବାହି ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ, ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି, ଟାଉନ ଥାନା ଅଧିକାରି ରମଣି ରଞ୍ଜନ ଦଳେଇ , ପୌରାଂଚଳର କାଉନସିଲର ପ୍ରମୁଖ ଉପସ୍ଥିତ ଥିଲେ । ସହରର ପ୍ରମୁଖ ପୂଜା ମଣ୍ଡପ ଗୁଡିକ ପୋଲିସ ଓ ପୌର ପାଳିକାର ଅନୁମତି ନେବା, ବିନା ଅନୁମତିରେ କେହି ମଣ୍ଡପ କିମ୍ବା ପୂଜା କାଯ୍ୟ କରିବା ଉପରେ ରୋକ ଲଗାଇଯାଇଛି । ରାସ୍ତା ଖୋଳିବାକୁ ମନା କରାଯାଇଛି । ନିୟମ ଉଲଂଘନ କଲେ ଆଇନ ଅନୁଯାଇ କାଯ୍ୟନୁଷ୍ଠାନ ଗ୍ରହଣ କରାଯିବ । ପୂଜାରେ ସମସ୍ତ ମଣ୍ଡପରେ ସିସି କ୍ୟାମେରା ଲଗାଇବା, ମଣ୍ଡପ ନିକଟରେ ଗହଳି ଯୋଗୁଁ ଚୋରି ଲୁଟ ବଢ଼ିବା ଆଶଙ୍କା ଥିବାରୁ ଏହାକୁ ରୋକ ଲଗାଇବାକୁ ପୋଲିସ ଉଦ୍ୟମ କରିଛି । ମଣ୍ଡପରେ ପୁରୁଷ ଓ ମହିଳା ଶ୍ରଦ୍ଧାଳୁଙ୍କ ପାଇ ଅଲଗା ଧାଡି କରିବା, ମଣ୍ଡପ ନିକଟରେ ପୋଲିସ ମୁତୟନ ହୋଇଥିଲେ ମଧ୍ୟ କମିଟି ସ୍ୱେଚ୍ଛାସେବି ମାନଙ୍କୁ ନିୟୋଜିତ କରିବାକୁ କୁହାଯାଇଛି । ପୂଜା ଚାନ୍ଦା ଆଦାୟ ଉପରେ ମଧ କଟକଣା ଲଗାଇଛି । ପୂଜାରେ ଡିଜେ ବ୍ୟବହାରକୁ ସମ୍ପୁର୍ଣ୍ଣ ବ୍ୟାନ କରାଯାଇଛି । ପାରମ୍ପରିକ ବାଦ୍ୟ ଯନ୍ତ୍ର ସହ ସାଉଣ୍ଡ ସିଷ୍ଟମ ଲଗାଇ ପାରିବେ । ପୂଜା ପରେ ଭଷାଣି ରାତ୍ର ୧୦ ସୁଦ୍ଧା ଶେଷ କରିବା ସହ ପୌର ପରିଷଦ ସ୍ଥିର କରିଥିବା ସ୍ଥାନରେ ବସର୍ଜନ କରିବାକୁ କୁହାଯାଇଛି ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁପୂଜନ କଲେ ନାରୀ ଶକ୍ତି କର୍ମକର୍ତ୍ତା

ସମ୍ବଲପୁର, ୬/୯ (ନି.ପ୍ର): ଭାରତର ପୂର୍ବତନ ରାଷ୍ଟ୍ରପତି ଡ.ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଜନ୍ମଦିନ ତଥା ଗୁରୁଦିବସ ଉପଲକ୍ଷ ଅଗ୍ରଣୀ ସାମାଜିକ ସାଂସ୍କୃତିକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପଶ୍ଚିମାଚଂଳ ଏକତା ମଂଚ ମଧ୍ୟ ଆଜିର ଦିନଟିକୁ ଭିନ୍ନ ଏକ ଭିନ୍ନ ଢଙ୍ଗରେ ପାଳନ କରିଛି । ପଶ୍ଚିମାଚଂଳ ଏକତା ମଂଚ ନାରୀ ଶକ୍ତି ପକ୍ଷରୁ ସ୍ଥାନୀୟ ସିଦ୍ଧେଶ୍ୱରବେର୍ଣ୍ଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଂଚ ର ନାରୀ ଶକ୍ତିର ସଦସ୍ୟା ମାନେ ପୂର୍ବନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପହଂଚି ଥିଲେ । ସେଠାରେ ଉପସ୍ଥିତ ସମସ୍ତ ଗୁରୁଜୀ ଗୁରୁମା ମାନଙ୍କୁ ଯଥା ବିଧି ରୀତିନୀତି ଅନୁସାରେ ଗୁରୁପୂଜନ କରିଥଲେ । କାର୍ଯ୍ୟକ୍ରମରେ ଶିଶୁ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀ ମାନେ ମଧ୍ୟ ସାମିଲ ହୋଇଥିଲେ । ବିଦ୍ୟାଳୟରେ ଏଥିରେ ମଧ୍ୟ ଗୁରୁପୂଜନ କାର୍ଯ୍ୟକ୍ରମ ଆୟୋଜନ ହୋଇଥିବାରୁ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମଂଚ କୁ ଧନ୍ୟବାଦ ଜଣାଇଥିଲେ ।

## ସମ୍ବଲପୁରରେ ଡ୍ରେନେଜ ମାଷ୍ଟର ପ୍ଲାନ୍ ପାଇଁ ଆରମ୍ଭ ହେବ ଡ୍ରୋନ୍ ସର୍ଭେ

ସମ୍ବଲପୁର, ୬/୯ (ନି.ପ୍ର): ମହାନଗର ନିଗମ ଅନ୍ତର୍ଗତ ସମ୍ବଲପୁର, ବୁର୍ଲା, ହୀରାକୁଦ ଓ ସାତୋଟି ପଂଚାୟତରେ ବନ୍ୟା ନିୟନ୍ତ୍ରଣ ଏବଂ ଡ୍ରେନେଜ୍ ବ୍ୟବସ୍ଥାକୁ ଉନ୍ନତ କରିବା ପାଇଁ ମାଷ୍ଟର ପ୍ଲାନ୍ ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ ହୋଇଛି। ବିଭିନ୍ନ ୱାର୍ଡର ଲୋକଙ୍କ ସହ ଆଲୋଚନା ଉତାରୁ ଡ୍ରେନେଜ୍ ବ୍ୟବସ୍ଥା ପାଇଁ ଡ୍ରୋନ୍ ସର୍ଭେ ଆରମ୍ଭ ହେବ। ଏହି ମାଷ୍ଟର ପ୍ଲାନ୍ ଓ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ଏକ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ହେବ। ଏଥିପାଇଁ ଇକୋ ମେଟ୍ରିକ୍ସ କନ୍‌ସଲଟେ ଲିମିଟେଡ - ଟିଏମ୍‌ସି କାର୍ଯ୍ୟାଦେଶ ହାସଲ କରିଛି। ଯୋଜନା ପ୍ରକଳ୍ପ ପ୍ରସ୍ତୁତ ସମୟରେ ପ୍ରାୟ ସାଢ଼େ ୩ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ମହାନଗରର ୪୧ଟି ୱାର୍ଡକୁ ସାମିଲ କରାଯିବ। ମହାନଗରକୁ ବନ୍ୟାମୁକ୍ତ କରିବା, ପାଣି ଜମି ରହିବାର ସମସ୍ୟାର ପ୍ରତିକାର ଓ ଉଦ୍‌ବୃତ ଜଳ ନିଷ୍କାସନକୁ ପ୍ରକଳ୍ପରେ ପ୍ରାଥମିକତା ଦିଆଯିବ। ଏ ସମ୍ପର୍କରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି ଯେ, ଆସନ୍ତା ୧୧ ତାରିଖରୁ ୱାର୍ଡ ସ୍ତରରେ ସମ୍ପୃକ୍ତ ୱାର୍ଡର ଅଧିବାସୀଙ୍କ ସହିତ ମାଷ୍ଟର ପ୍ଲାନ୍ ଦାୟିତ୍ୱରେ ଥିବା ସଂସ୍ଥା ଆଲୋଚନା ଆରମ୍ଭ କରିବେ। ଏଥିରେ ମହାନଗର ନିଗମ ଏବଂ ଜନସ୍ୱାସ୍ଥ୍ୟ ବିଭାଗର ଜେଇ, ପରିମଳ ନିରୀକ୍ଷକ, ସ୍ୱଚ୍ଛ ସାଥୀ, ଜଳସାଥୀ, ଆଶା କର୍ମୀ, ଅଙ୍ଗନୱାଡି କର୍ମୀ, ପରିମଳ ବିଶେଷଜ୍ଞ ପ୍ରମୁଖ ଉପସ୍ଥିତ ରହିବେ। ସହର ଦେଇ ଯାଇଥିବା ମାଳତୀ ଯୋର, ହରଡ଼ ଯୋର, ଟାଙ୍ଗନା ନାଳା, ମନ୍ଦଲିଆ ଓ ରୋଡ଼, ପାୱାର ଚେନାଲ ସହିତ ପ୍ରାଥମିକ, ସେକେଣ୍ଡାରୀ ଏବଂ ଟର୍ସିଆରି ନାଳଗୁଡ଼ିକୁ ସାମିଲ କରାଯିବ। ଏଥିପାଇଁ ମହାନଗରର ପ୍ରତି ନାଳର ଉପସ୍ଥିତି ଓ ସମସ୍ୟାକୁ ଅନୁଧ୍ୟାନ କରାଯିବ। ୩୫୩ ବର୍ଗ କିଲୋମିଟର ପରିମିତ ସମ୍ବଲପୁର ମହାନଗର ନିଗମର ୧୧ ତାରିଖରେ ୱାର୍ଡ ନମ୍ବର ୨୫, ୧୨ ତାରିଖରେ ୱାର୍ଡ ନମ୍ବର ୨୨, ୧୯ ତାରିଖରେ ୱାର୍ଡ ନମ୍ବର ୧୮, ୨୦ ତାରିଖରେ ୱାର୍ଡ ନମ୍ବର ୧୯, ୨୨ ତାରିଖରେ ୱାର୍ଡ ନମ୍ବର ୨୬, ୨୩ ତାରିଖରେ ୱାର୍ଡ ନମ୍ବର ୨୭, ୨୪ ତାରିଖରେ ୱାର୍ଡ ନମ୍ବର ୩୧, ୨୫ ତାରିଖରେ ୱାର୍ଡ ନମ୍ବର ୩୨ ଓ ୨୬ ତାରିଖରେ ୱାର୍ଡ ନମ୍ବର ୨୪ରେ ମାଷ୍ଟର ପ୍ଲାନ୍ ପାଇଁ ମିଳିତ ବୈଠକ ହେବ।

# ନମୋ ଗଣେଶ ବିଘ୍ନେଶ



ବିପିନ ବିହାରୀ ମହାନ୍ତି



ଭାରତର ହିନ୍ଦୁ ସଂସ୍କୃତିରେ ସିଦ୍ଧିଲାଭ ଓ ସଙ୍କଟ ମୋଚନ ନିମନ୍ତେ ବୈଦିକ ଯୁଗରୁ ଶ୍ରୀ ଗଣେଶ ଅଗ୍ରପୂଜ୍ୟ ଗଣଦେବତା ରୂପେ ପୂଜା ହୋଇ ଆସୁଛନ୍ତି। ସମସ୍ତେ ଜାଣିବାରେ ସେ ଶିବ ଓ ପାର୍ବତୀଙ୍କର ପୁତ୍ର। ପ୍ରକୃତରେ ସେ ହେଉଛନ୍ତି ପାର୍ବତୀଙ୍କର ମାନସପୁତ୍ର। ଏଣୁ ତାଙ୍କୁ ଅଜନ୍ମା ବୋଲି କୁହାଯାଏ। ତାଙ୍କ ଜନ୍ମ ତିଥି ଭାଦ୍ର ଶୁକ୍ଳ ଚତୁର୍ଥୀ ଅଟେ। ଏ ସମସ୍ତ ମଙ୍ଗଳ କାର୍ଯ୍ୟରେ ପ୍ରଥମେ ପୂଜା ପାଆନ୍ତି।

ଭାରତ ବର୍ଷରେ ସର୍ବତ୍ର ଗଣେଶ ଚତୁର୍ଥୀ ପାଳିତ ହୁଏ। ମହାରାଷ୍ଟ୍ରରେ ଏହାକୁ ଜାତୀୟ ପର୍ବରୂପେ ୧୮୯୩ ମସିହାରୁ ପାଳିତ ହୋଇ ଆସୁଅଛି। ଏହି ପ୍ରଥାଟିକୁ ଲୋକମାନ୍ୟ ତିଳକ ପ୍ରଚଳନ କରାଇଥିଲେ। ତାଙ୍କ ଲକ୍ଷ୍ୟ ଥିଲା ଯେ ଏହା ଲୋକମାନଙ୍କ ହୃଦୟରେ ଏକତା ଏବଂ ଭାତୃଭାବ ରକ୍ଷା କରିବ।

ବୈଦିକ ଯୁଗରେ ଗଣେଶ ପୂଜାର ବିଶେଷତ୍ୱ ଏହାହିଁ ଥିଲା। 'ଗଣେଶ' ଶବ୍ଦଟି ଗଣ ଯୁକ୍ତ ଈଶ ରୁ ସୃଷ୍ଟି। ଅଥବା 'ଗଣପତି' ଶବ୍ଦଟି 'ଗଣ' ଯୁକ୍ତ 'ପତି'ରୁ ସୃଷ୍ଟି। ଉଭୟଙ୍କ ଅର୍ଥ ଏକା। ଗଣ କହିଲେ ଲୋକମାନଙ୍କୁ ବୁଝାଏ। 'ଈଶ' ବା 'ପତି' କହିଲେ 'ଈଶ୍ୱର' ବା 'ସ୍ୱାମୀ'ଙ୍କୁ ବୁଝାଏ। ଏହି ଅର୍ଥରେ ଗଣେଶ ବା ଗଣପତି ଠିକ୍।

ବୈଦିକ ଆର୍ଯ୍ୟମାନେ ବ୍ୟକ୍ତିଗତ ମଙ୍ଗଳ ଅପେକ୍ଷା ସାମୁହିକ କଲ୍ୟାଣ ଓ ସଂଘଶକ୍ତି ଉପରେ ଗୁରୁତ୍ୱ ଦେଉଥିଲେ। ଏହି ସଂଘଶକ୍ତି ହିଁ ଗଣଶକ୍ତି ଏବଂ ପରବର୍ତ୍ତୀ ଯୁଗରେ ଏହି ଗଣଶକ୍ତି ଗଣତନ୍ତ୍ରର ରୂପରେଖ : 'ଗଣମାନଙ୍କର ସରକାର'। ଏଥିରେ ଜନଗଣଙ୍କ ହିତକୁ ପରମ କର୍ତ୍ତବ୍ୟ ରୂପେ ବିଚାର କରାଯାଇଥାଏ। ଏହି ମୂଳତତ୍ତ୍ୱକୁ ଆଧାରକରି ବିଦ୍ୟା, ସିଦ୍ଧି, ଜ୍ଞାନ ଓ ସମୃଦ୍ଧିର ଦେବତା ରୂପେ ଗଣପତିଙ୍କୁ ସେମାନେ ଆବାହନ କରୁଥିଲେ :

ଗଣାନାଂତ୍ୱାଂ ଗଣପତିଂ ହବାମହେ
ପ୍ରିୟଣାଂ ତ୍ୱାଂ ପ୍ରିୟପତିଂ ହବାମହେ
ନିଧିନାଂତ୍ୱାଂ ନିଧିପତିଂ
ହବାମହେ...।।

ଗଣେଶ ହେଉଛନ୍ତି ଜନ ଶକ୍ତିର ପ୍ରତୀକ; ନିୟମାଙ୍କ। ବୈଦିକ କଳ୍ପନାରେ ସେ ଗଜବଦନ ଗଣେଶ ନଥିଲେ; ନିରାକାର ବ୍ରହ୍ମ।

ଗଣେଶଙ୍କର ବର୍ତ୍ତମାନର ମୂର୍ତ୍ତିକଳ୍ପନା ଏବଂ ତାଙ୍କ ମଣିଷ ଶରୀର ଓ ହସ୍ତୀର ମୁଖ ଗଠନ ହେଉଛି ପରବର୍ତ୍ତୀ ସମୟର ଯାହାକି ଏକ ବିଚିତ୍ର କାହାଣୀ ସହିତ ସମ୍ବଳିତ। ତଥାପି ଏ ଗଠନରେ ଏକ ଅପୂର୍ବ ରହସ୍ୟ ରହିଛି। ଗଣେଶଙ୍କ ଶରୀର ଉଭୟ ମାନବ ଓ ପଶୁର ମିଳନର ପ୍ରତୀକ। ତାଙ୍କର ଉଦର ଏବଂ ଶରୀର ଯଥାକ୍ରମେ ଏ ବିଶ୍ୱାଳ ବିଶ୍ୱ ବ୍ରହ୍ମାଣ୍ଡ ଏବଂ ତାଙ୍କ ଆକାରର ପ୍ରତୀକ। ମସ୍ତକର ଜଟା, ଦୁଇ ହସ୍ତରେ ବର; ଅଭୟ ଏବଂ ଅନ୍ୟ ଦୁଇ ହାତର ପାଶ ଏବଂ ଅଙ୍କୁଶ ଶୋଭ ପାଉଛି।

ନାଗ ତାଙ୍କର ଯଜ୍ଞୋପୋବୀତ, ହସ୍ତୀମୁଖ ଏବଂ ପାଖେ ପାଖେ ମୂଷିକ ବାହନ ଇତ୍ୟାଦି ପୌରାଣୀକ ରୂପ କଳ୍ପନାରେ ଗଣତାନ୍ତ୍ରିକ ଚେତନା ଛଡ଼ା ଆଉ କିଛି ହୋଇନପାରେ। ଶ୍ରୀ ଗଣେଶ ଶିବ ପରିବାର ଅନ୍ତର୍ଭୁକ୍ତ ହେତୁ, ଦୁଇ ବିପରୀତ ଚେତନା ଯଥା ସବଳ ଓ ଦୁର୍ବଳର ସହାବସ୍ଥାନର ନିଦ୍ଦର୍ଶନ ସ୍ୱରୂପ 'ମୂଷିକ-ସାପ', 'ସିଂହ-ଷଣ୍ଢ' ତଥା 'ଶିବଗଣ-ଗଣେଶ' ଉଲ୍ଲେଖନୀୟ ଅଟନ୍ତି।

ତ୍ରିଦେବ ପରିକଳ୍ପନାରେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ଏକ ଏବଂ ଅଭିନ୍ନ ହେଲେହେଁ, ଗଣେଶଙ୍କର ଜନ୍ମ ରହସ୍ୟକୁ ଆଧାର କରି ଏବଂ ପାର୍ବତୀଙ୍କୁ ଅଭିମାନକୁ ସମ୍ମାନ ଜଣାଇ ତାଙ୍କୁ 'ଅଗ୍ରପୂଜ୍ୟ' ଦେବତା ରୂପେ ଶ୍ରୀକୃଷ୍ଣ ସ୍ୱୀକାର କରାଇଛନ୍ତି। ଗଣେଶଙ୍କ ଦ୍ୱାରା ଗଣତନ୍ତ୍ରକୁ ଚଳାଇବା ପାଇଁ ବିଦ୍ୟା, ବୁଦ୍ଧି ଓ ବିବେକର ଆବଶ୍ୟକ ଅଛି। ଗଣପତି ହିଁ ଏ ତିନୋଟିର ଅଧିକାରୀ ଏବଂ ନିୟମାଙ୍କ ଅଟନ୍ତି। ଶ୍ରୀ ଅରବିନ୍ଦ ଏବଂ ସ୍ୱାମୀ ଶିବାନନ୍ଦଙ୍କ ମତରେ :

ବିଶାଳ ବିଶ୍ୱର ସକଳ ପାଣୀମାନଙ୍କର ଧୀଶକ୍ତି ଓ ବିଚାର ଶକ୍ତିର ସାମଗ୍ରୀକ ପ୍ରତୀକ ହେଲେ 'ଶ୍ରୀ ଗଣେଶ'। ଏଣୁ ବୈଦୀକ ସରସ୍ୱତୀଙ୍କ ପରି ଶ୍ରୀ ଗଣେଶ ମଧ ବିଦ୍ୟାର୍ଥୀ, କର୍ମଜୀବୀ ଓ ବ୍ୟବସାୟୀଙ୍କ ଦ୍ୱାରା ବିଶେଷ ଭାବରେ ଉପାସିତ ହୋଇଆସୁଛନ୍ତି। କବି ଓ ଲେଖକମାନେ ଲେଖନୀ ଚାଳନା ପୂର୍ବରୁ ତାଙ୍କୁହିଁ ସ୍ମରଣ କରନ୍ତି; ଜାଗ ଯଜ୍ଞ, ଦେବପୂଜନ, ଦେବାଳୟ ପ୍ରତିଷ୍ଠା, ଗୃହ, ପୁଷ୍କରିଣୀ ଏବଂ ସେତୁ ନିର୍ମାଣ ଠାରୁ ଆରମ୍ଭ କରି ସକଳ ଶୁଭ କର୍ମରେ ପ୍ରଥମେ ଗଣପତିଙ୍କର ଉପାସନା ହୁଏ, ଆଉ ବାକି କଥା ପରେ।

ବିଶ୍ୱାସ, ସାଧନାର ସିଦ୍ଧି ଏବଂ ସମସ୍ତ ସଙ୍କଟ ମୋଚନ ପାଇଁ ଗଣପତି ଏକମାତ୍ର ସାହା। ଏଣୁ ଯଥାର୍ଥରେ ସେ ବିଘ୍ନ ବିନାଶକ:

ବକ୍ରତୁଣ୍ଡ ମହାକାୟଂ
କୋଟି ସୂର୍ଯ୍ୟ ସମପ୍ରଭଂ
ନିର୍ବିଘ୍ନଂ କୁରୁମେ କାର୍ଯ୍ୟଂ
ସର୍ବ କାର୍ଯ୍ୟେଷୁ ସର୍ବଦା।

ଆଉ ଏକ କଥା ଏଠାରେ ଉଲ୍ଲେଖ କରୁଛୁ ଯେ ଗଣେଶଙ୍କୁ ବିଭିନ୍ନ ନାମରେ ନାମିତ କରାଯାଇଛି। ଯାହାକି ତାଙ୍କର ଏହା ଅବତାର ଲୀଳାବୋଲି କୁହାଯାଏ। ଏହି ଅବଲୀଳା କ୍ରମେ ସେ ବକ୍ରତୁଣ୍ଡରେ ମତ୍ସ୍ୟରାସୁର, ଏକ ଦନ୍ତରେ ମଦାସୁର, କୃଷ୍ଣ ପିଙ୍ଗାକ୍ଷ ଅବତାରେ ମୋହାସୁର, ଗଜାନନ ରୂପରେ ଲୋଭାସୁର, ଲମ୍ବୋଦର ରୂପେ କ୍ରୋଧାସୁର, ବିକଟ ରୂପରେ କାମାସୁର, ବିଘ୍ନରାଜ ରୂପେ ମମତାସୁର ଧୁମ୍ରବର୍ଣ୍ଣ ଅବତାରେ ଅଭିମାନସୁର, ଏହି କ୍ରମରେ ଭାଲଚନ୍ଦ୍ର, ବିନାୟକ ଏବଂ ଗଣପତି ରୂପେ ଅବତରୀ ସଙ୍କଟ ମୋଚନ କରିଆସୁଛନ୍ତି।

ଗଣେଶଙ୍କର ପୂଜା ବିଧିର କିଛି ବୈଧାନିକ ନିୟମ ଅଛି ଅଥଚ ଆଧୁନିକତାର ଚାକଚକ୍ୟରେ ଆମେ ବ୍ୟତିକ୍ରମ କରିଚାଲିଛୁ। ଗଣେଶଙ୍କୁ ସାଷ୍ଟାଙ୍ଗ ଛିଡ଼ା କରାଇ ପୂଜା କରିବା ନିଷେଧ। ଏହା ପଶୁକର୍ମ ସହିତ ସମାନ। ଅଥଚ ଆମେ ଗଣେଶଙ୍କୁ ଠିଆ କରାଇ ପୂଜା କରୁଛୁ ଏବଂ ତାଙ୍କଠି ଭୋଗ ବାଢୁଛୁ। ତାଙ୍କ ମୁଖର ଗଠନ ସ୍ୱତନ୍ତ୍ର ହେଲେ ହେଁ, ଆମେ ତାଙ୍କୁ ବିଭିନ୍ନ ଆକୃତିରେ ବିକୃତ କରୁଅଛୁ। ଗଣେଶଙ୍କର ପ୍ରିୟ ଖାଦ୍ୟ ଲଡୁ ଏବଂ ପେଡ଼ା ଅଥଚ ଆମେ ତାଙ୍କୁ ନାନା ମିଶ୍ରିତ ଭୋଗ ରାଗ ଚଢ଼ାଇ ଦେଉଛୁ। ଏହା କଦାପି ଏକ ଶୁଭ ପରମ୍ପରା ନୁହେଁ। ତା' ଭିତରେ ଆମେ ଏକ ଦୂଷିତ ପରମ୍ପରା ସୃଷ୍ଟି କରୁଛୁ ଯାହାକି ଏକ ଦୁଃଖ।ଗଣେଶଙ୍କ ପୂଜା ପାଇଁ ଏକ ନିର୍ଦ୍ଦିଷ୍ଟ ମଞ୍ଚ କରାଯାଇଥାଏ। ଏହାରି ଉପରେ ଗଣେଶଙ୍କୁ ମଞ୍ଚସ୍ଥ କରାଇ ବିଧି ବିଧାନ ପୂର୍ବକ ପୂଜା କରାଯାଏ। ଏ ପୂଜା ଏକଦିନ, ସାତଦିନ ଅଥବା ୧୦ଦିନ ପର୍ଯ୍ୟନ୍ତ ଚାଲିପାରେ। ଯେଉଁମାନେ ଗଣେଶଙ୍କୁ ଘରେ ଅଥବା ଦ୍ୱାର ଦେଶରେ ଅବସ୍ଥାପିତ କରାଇଛନ୍ତି, ସେଠାରେ ସେ ପ୍ରତ୍ୟହ ପୂଜା ହୁଅନ୍ତି। ଆମ ଓଡ଼ିଶାରେ ଜଟଣୀ ଗଣେଶ ପୂଜା ନିମନ୍ତେ ସର୍ବୋତ୍କୃଷ୍ଟ। ଲକ୍ଷ ଲକ୍ଷ ଲୋକଙ୍କର ଏଠାରେ ଦଶ ଦିନଧରି ସମାଗମ ହୁଏ। ବିଭିନ୍ନ ପ୍ରକାର ଭ୍ରମଣକାରୀ ନାଚଦଳ, ସର୍କସ, ମୀନାବଜାର ଏବଂ ଦୋକାନ ବଜାରରେ ସହରଟି ସରଗରମ ହୋଇଉଠେ। ଏହା ବେଶ୍ ଉପଭୋଗ୍ୟ। ଜଟଣୀ ବ୍ୟତୀତ, ଏବେ ପୁରୀ, ଭୁବନେଶ୍ୱର ଏବଂ କଟକ ଇତ୍ୟାଦିରେ ବଡ଼ଧରଣର ଗଣେଶ ପୂଜା ଆରମ୍ଭ ହେଲାଣି। ପୂଜା ପରେ ମୃଣ୍ମୟ ମୂର୍ତ୍ତିଙ୍କୁ ଜଳାଶୟରେ ବିସର୍ଜନ କରାଯାଏ।

ଗଣତାନ୍ତ୍ରିକ ଚେତନା ଓ ଏକତାର ସୂତ୍ରଧର ଏ ଗଣେଶ ପୂଜା। ଆସନ୍ତୁ, ଜାତି, ଧର୍ମ ନିର୍ବିଶେଷରେ ଏହାକୁ ପାଳନ କରିବା ଏବଂ ଆମ ଦେଶର ସଂହତି ରକ୍ଷା କରିବାରେ ସହାୟକ ହେବା।

+ବିକାଶ ନଗର, ଜଟଣୀ,
ଖୋର୍ଦ୍ଧା।
ମୋ : ୯୯୩୮୩୪୪୧୩୮

# ଗଣଦେବତା ଶ୍ରୀଗଣେଶ



ଡକ୍ଟର ଲକ୍ଷ୍ମଣ ସାହୁ



ଭାଦ୍ରବ ମାସର ଶୁକ୍ଳ ଚତୁର୍ଥୀ ଦିନ ସର୍ବବିଘ୍ନ ବିନାଶକ ଭାବରେ ପୂଜା ପାଆନ୍ତି ଶ୍ରୀଗଣେଶ । ପିତା ଦେବଦେବ ମହାଦେବ, ମାତା ପାର୍ବତୀଙ୍କର ପୁତ୍ର ଗଣନାଥ । ତାଙ୍କୁ ବେଦରେ ଅନାଦି ଅନନ୍ତ ରୂପେ ବର୍ଣ୍ଣନା କରାଯାଇଛି। ପ୍ରତ୍ୟେକ କାର୍ଯ୍ୟାରମ୍ଭ ତାଙ୍କରି ନାମରେ ଶ୍ରୀଗଣେଶ କରାଯାଏ । ବିଧି ଅନୁସାରେ ତାଙ୍କୁ ଆଦିଦେବ କୁହାଯାଏ । ତେଣୁ ପ୍ରତ୍ୟେକ ଶୁଭ କାର୍ଯ୍ୟ, ପୂଜା, ଲେଖାପଢ଼ା ଓ ଧାର୍ମିକ କ୍ରିୟା ଆରମ୍ଭରେ ତାଙ୍କର ଆବାହ ?ନ ପ୍ରଥମେ କରାଯାଏ । ତାଙ୍କ ଜପ, ଧ୍ୟାନର ମନ୍ତ୍ର ବେଦାନୁସାରେ - 'ନମୋ ଗଣେଭ୍ୟୋ ଗଣପତି ' ଭାବରେ ସୂଚିତ ହୋଇଛି ।

ଗଣେଶ ଗଜାନନ ରୂପରେ ହିଁ ସର୍ବତ୍ର ପରିଚିତ । ଗଜ ବା ହାତୀ ମୁଣ୍ଡ ଥିବା ଦେବତା ଗଜାନନ । ଶରୀର ମଣିଷର ମସ୍ତକ ହାତୀର । ଶାସ୍ତ୍ରରେ କୁହାଯାଇଛି ଉଭୟ ମଣିଷ ଓ ହାତୀର ଆୟୁ ୧୨୦ ବର୍ଷ । ଉଭୟର ଗୁଣକୁ ଏକାଠି ହେଲେ ମଣିଷ ସଫଳ ହେବ । ତେଣୁ ଗଣେଶ ନିଜେ ଏହି ରୂପ ଧାରଣ କରିଛନ୍ତି । 'ଗ'ର ଅର୍ଥ ମୋକ୍ଷ ପ୍ରାପ୍ତି ପାଇଁ ସମାଧିରେ ଥିବା ଯୋଗୀ । 'ଜ'ର ଅର୍ଥ ଜୀବନ ପ୍ରତି ସାଂସାରିକ ଦୃଷ୍ଟିକୋଣ। ଅର୍ଥାତ୍ ସଂସାର ଭିତରେ ମୋକ୍ଷ ପ୍ରାପ୍ତ ସମ୍ଭବ କରାଇପାରନ୍ତି ଗଜାନନ ।

ଗଣେଶ ଗଣପତି ଭାବେ ବିଦିତ । ସେ ଗଣ ବା ଲୋକଙ୍କର ଦେବତା ବା ଗଣଦେବତା । ସେ ମଧ ବିଘ୍ନରାଜ ବିନାୟକ। ଗଣେଶଙ୍କର ଏହିନାମର ଅର୍ଥ ବିଶେଷ ନାୟକ । ଏହାର ଅନ୍ତର୍ନିହିତ ଅର୍ଥ ହେଉଛି ଯେତେବେଳେ ପ୍ରିୟବଚନ ବା ପ୍ରାର୍ଥନାଦ୍ୱାରା ଗଣେଶଙ୍କୁ ସନ୍ତୁଷ୍ଟ କରାଯାଏ , ସେତେବେଳେ ସେ ଭକ୍ତର ରାସ୍ତାରେ ଥିବା ସବୁ ବାଧା ଦୂର କରନ୍ତି । ଅର୍ଥାତ୍ ଭକ୍ତ ଜୀବନରେ ଥିବା ବିପର୍ଯ୍ୟୟ, ସବୁ ଅମଙ୍ଗଳ, ସବୁ ବାଧା ଦୂରେଇ ଦିଅନ୍ତି। ତାଙ୍କର ସୁନ୍ଦର ଶରୀର ଧୂମ୍ରବର୍ଣ୍ଣ ,ଭାଲଚନ୍ଦ୍ର , ଲମ୍ବୋଦର ଦର୍ଶନରେ ଭକ୍ତ ସଦା ତନ୍ମୟ ହୋଇ ଉଠେ । ଲମ୍ବା ଉଦର ବା ବଡ଼ ପେଟ ଥିବାରୁ ତାଙ୍କୁ ଲମ୍ବୋଦର ବୋଲି କୁହାଯାଇଥାଏ । କିନ୍ତୁ ପ୍ରକୃତ ଅର୍ଥରେ ଲମ୍ବୋଦର ତାଙ୍କୁ ହିଁ କୁହାଯାଏ, ଯିଏ ସବୁକିଛି ଭଲ ବିଦ୍ୟା ଗ୍ରହଣ କରିପାରନ୍ତି ଓ ସାଇତି ରଖି ପାରନ୍ତି । ଗଣେଶ ପାର୍ବତୀଙ୍କ ନୁପୂରର ଶବ୍ଦଶୁଣି ସଙ୍ଗୀତ ଶିଖୁଥିଲେ । ପିତା ଶିବଙ୍କ ଡମ୍ବରୁ ଶବ୍ଦଶୁଣି ଚାରିବେଦ ଆୟତ କରିଥିଲେ । ତାଙ୍କର ଏହି ବିଶାଳ ବିଦ୍ୟାର ଭଣ୍ଡାର ହେଉଛି ତାଙ୍କର ପେଟ । ତେଣୁ ତାଙ୍କ ପେଟ ଖୁବ୍ ବଡ଼ ।

ଗଣେଶଙ୍କ ଜନ୍ମ ବୃତ୍ତାନ୍ତକୁ ନେଇ ଅନେକ ପୌରାଣିକ କଥା ଅଛି । ସ୍କନ୍ଧ ପୁରାଣରେ ବିନାୟକ ବ୍ରତକଥା ଓ ତାର ମାହାତ୍ମ୍ୟ ବର୍ଣ୍ଣିତ ଅଛି । ଗୋମତୀ ନଦୀ କୂଳରେ ସୂତ ମୁନି ଅନ୍ୟ ଋଷିମାନଙ୍କର ଜିଜ୍ଞାସାକୁ ପ୍ରଶମନ କରି କହିଛନ୍ତି, ବିନାୟକ ବ୍ରତ ପାଳନ କଲେ ବ୍ରତଚାରୀମାନେ କାର୍ଯ୍ୟସିଦ୍ଧି, ଅର୍ଥପ୍ରାପ୍ତି ଓ ସୁତ-ସୌଭାଗ୍ୟ-ସଂପଦ ଲାଭ କରି ପାରିବେ । ଏହି ବ୍ରତର ବିଧିବିଧାନ ସ୍ୱୟଂ ଶ୍ରୀକୃଷ୍ଣ ଯୁଧିଷ୍ଠିରଙ୍କୁ କହିଛନ୍ତି । ଏହି ବ୍ରତ ପାଳନ କରି ଯୁଧିଷ୍ଠିର ରାଜ୍ୟ ଫେରି ପାଇଥିବାରୁ ତାଙ୍କର ନାମ ସିଦ୍ଧି ବିନାୟକ ହୋଇଛି । ଶିବ ପୁରାଣ ଉଲ୍ଲେଖ ଅଛି ମାଆ ର୍ପାତୀଙ୍କ ଅଙ୍ଗ ମଳୁଖରୁ ଜାତ ଶ୍ରୀଗଣେଶ । ମା ପାର୍ବତୀ ଅନେକ ଦିନ ଶିବଙ୍କ ଧ୍ୟାନରେ ଧ୍ୟାନରତ ଥାଇ ନଦୀକୁ ସ୍ନାନ କରି ଯାଇଥିଲେ । କେତେବେଳେ ସେ ନିଜ ଅଙ୍ଗରୁ ମଳୁଖ କାଢି ସେଥିରେ ପ୍ରତିମାଟିଏ ଗଢି ସାରିଥିଲେ ତାଙ୍କୁ ଜଣାନଥିଲା । ସଚେତନ ହେବାବେଳେ ନିଜ ହାତଗଢା ପିତୁଳାକୁ ନିଜେ ଦେଖି ଅଭିଭୂତ ହୋଇ ପଡିଥିଲେ । ମନ ଭିତରେ ଥିବା କାମନା ତାଙ୍କୁ ବିବଶ କରି ଆଶାତୁର କରିଥିଲା । ସତରେ ଏ ମଳୁଖ ତିଆରି ପ୍ରତିମାଟି ଜୀବନ୍ୟାସ ପ୍ରାପ୍ତ ହୁଅନ୍ତା କି । ଯେହେତୁ ସେ ପ୍ରତି ମୁହୂର୍ତ୍ତରେ ମହାଦେବଙ୍କ ଧ୍ୟାନରେ ମଗ୍ନ ଥିଲେ , ସେହି କାରଣରୁ ଅବିଳମ୍ବେ ପାର୍ବତୀଙ୍କର ମନୋକାମନା ସାକାର ରୂପ ନେଲା । ଏହି ଅଦ୍ଭୁତ ପୂର୍ବ ସ୍ୱୟଂ ଶିବଙ୍କୁ ମଧ ଅଗୋଚର ରହିଗଲା । ଯାହାଫଳରେ ପାର୍ବତୀଙ୍କୁ ଖୋଜି ଖୋଜି ଶିବଙ୍କୁ ଦିନେ ଶ୍ରୀଗଣେଶଙ୍କ ସହ ଯୁଦ୍ଧ କରି ବାଳକ ଗଣେଶଙ୍କ ମସ୍ତକ କାଟିବାକୁ ପଡିଲା । ଯେତେବେଳେ ସେ ଗଣେଶଙ୍କ ପରିଚୟ ପାଇଲେ ହତବିମ୍ବ ହୋଇ ପଡିଲେ । କ୍ରନ୍ଦନରତା ପାର୍ବତୀ ପତିଙ୍କ ନିକଟରେ ନିଜ ମାନସ ସନ୍ତାନର ଜୀବନ ଭିକ୍ଷାକଲେ । ଫଳରେ ସ୍ୱର୍ଗବୈଦ୍ୟ ଅଶ୍ୱିନୀ କୁମାରଙ୍କ ପରାମର୍ଶ କ୍ରମେ ନନ୍ଦୀଭୃଙ୍ଗୀ ସମେତ ଅନ୍ୟ ଶିବଗଣ ମୁଣ୍ଡର ଅନୁସନ୍ଧାନରେ ଯାଇ ଛିନ୍ନ ଗଜମସ୍ତକ ଧରି ଫେରିଲେ । ଜୀବନ୍ୟାସ ପାଇବା ପରେ ଶ୍ରୀଗଣେଶ ଗଜାନନ ରୂପ ଓ ନାମରେ ବିଦିତ ହେଲେ ।

ସ୍କନ୍ଦ ପୁରାଣରେ ଶ୍ରୀଗଣେଶଙ୍କର ଜନ୍ମସ୍ଥାନ ରାଜସ୍ଥାନ ସ୍ଥିତ ପର୍ବତ ବୋଲି ସୂଚିତ କରାଯାଇଅଛି । ପୁରାଣ ବର୍ଣ୍ଣିତ ରହିଛି ପୁତ୍ର ପ୍ରାପ୍ତିର ବରଦାନ ପାଇବା ପରେ ପାର୍ବତୀଙ୍କୁ ସେହି ପର୍ବତରେ ପୁତ୍ର ଲାଭ କରିଥିଲେ । ଶ୍ରୀଗଣେଶଙ୍କର ଚାଳିଶାରେ ତାଙ୍କ ଜନ୍ମ ଓ ସ୍ୱରୂପକୁ ନେଇ ଭିନ୍ନ କଥା ରହିଅଛି । ଶିବଙ୍କ ବରଦାନ ହେତୁ ମାତା ପାର୍ବତୀଙ୍କୁ ପୁତ୍ର ପ୍ରାପ୍ତି ହେଲା ଓ ଜନ୍ମ ମାତ୍ରକେ ଅପୂର୍ବ ତେଜୋଦୀପ୍ତ ଶିଶୁକୁ ଦେଖିବା ପାଇଁ ସକଳ ଦେବଦେବୀ ଆସି ସେଠାରେ ପହଞ୍ଚିଲେ । ସେତେବେଳେ ଗ୍ରହରାଜ ଶନି ତେଜୋଦୀପ୍ତ ଶିଶୁଟିକୁ ଦେଖିବାକୁ ନଯାଇ ଦୂରରୁ 'କଲ୍ୟାଣମସ୍ତୁ' କାମନା କରି ଅଟକି ରହିଥିଲେ । ଏକଥା ପାର୍ବତୀ ଜାଣିବା ପରେ ନିଜେ ଆସି ଗ୍ରହରାଜଙ୍କୁ ତାଙ୍କ ପୁତ୍ରର ଦର୍ଶନ ଆଗ୍ରହ ପ୍ରକାଶ କଲେ । ଗ୍ରହରାଜ ଶନି ନିଜ ଦୃଷ୍ଟିର ପରିଣାମ ବିଷୟରେ ଯେତେ ସୂଚାଇଲେ ମଧ ପାର୍ବତୀଙ୍କ ଆଗ୍ରହ ଆଗରେ ତାହା ଫିକା ପଡ଼ିଯାଇଥିଲା । ଫଳରେ ଶନିଦେବଙ୍କ ଆଖିର ପଲକପାତ ମାତ୍ରେ ଶିଶୁ ଗଣେଶଙ୍କ ମୁହଁଟି ଭସ୍ମ ପ୍ରାୟ ହୋଇଗଲା। ମସ୍ତକହୀନ ଭାବରେ ନବଜାତ ସନ୍ତାନକୁ ଦେଖି ଉପସ୍ଥିତ ସବୁ ଦେବଦେବୀ ବିସ୍ମୟ, ହତବାକ୍ , ବିଚଳିତ ଓ ମ୍ରିୟମାଣ ହୋଇପଡ଼ିଥିଲେ। ଶେଷରେ ବିଷ୍ଣୁଙ୍କ ବାହାନ ଗରୁଡ ତ୍ରିଲୋକ ପରିକ୍ରମା ପୂର୍ବକ ଖୋଜି ଖୋଜି ହାତୀ ମୁଣ୍ଡଟିଏ ଧରି ଫେରିବା ପରେ ଯୋଡ଼ାଗଲା ଓ ଗଣନାଥଙ୍କୁ ଗଜାନନ ବେଶରେ ସର୍ବ ଦେବଦେବୀ ଦର୍ଶନ କରିବାର ସୌଭାଗ୍ୟ ଲାଭ କଲେ ।

ଋଗ୍‌ବେଦ ଦ୍ୱିତୀୟ ମଣ୍ଡଳାନୁସାରେ ଗଣନାଥ ଗଣେଶ ଉପାସନାର ପ୍ରାଚୀନତମ ନିଦର୍ଶନ ସୂଚନା ମିଳେ। ଏହି ସୂକ୍ତରେ ଶ୍ରୀଗଣେଶଙ୍କୁ ସର୍ବ ଦେବତାମାନଙ୍କ ମଧ୍ୟରେ ଶ୍ରେଷ୍ଠ, କବିମାନଙ୍କ ମଧ୍ୟରେ ବରେଣ୍ୟ ତଥା ଜ୍ୟେଷ୍ଠ ଓ ଶ୍ରେଷ୍ଠ ରୂପରେ ପ୍ରତିପାଦନ କରାଯାଇଛି । ସେଭଳି ଯଜୁର୍ବେଦରେ ମଧ ଋଗ୍‌ବେଦ ସୂକ୍ତର ଏକ ଭିନ୍ନ ରୂପ ପରିଲକ୍ଷିତ ହୁଏ । ତେଣୁ ଭାରତୀୟ ଧର୍ମ ଧାରାରେ ବୈଦିକ କାଳରୁ ଶ୍ରୀଗଣପତିଙ୍କ ଉପାସନାର ଉନ୍ମେଷ ଘଟିଥିବା ଜଣାଯାଏ । ବୈଦିକ ମନ୍ତ୍ରରେ ଗଣପତିଙ୍କୁ ସର୍ବ ସିଦ୍ଧଦାତା, ଋଦ୍ଧି ସିଦ୍ଧିଦାତା, ସର୍ବ ମଙ୍ଗଳ ମୟ ରୂପେ ସ୍ତୁତି କରାଯାଇଛି । ସାମ୍ ? ବେଦୀୟ ବିନାୟକ ସଂହିତା, ମୈତ୍ରାଣୀ ସଂହିତା, ଯଜୁର୍ବେଦୀୟ ସଂହିତା ପ୍ରଭୃତିରେ ବିଘ୍ନ ବିନାଶନ ଗଣପତିଙ୍କ ମନ୍ତ୍ରର ଉଲ୍ଲେଖ ଅଛି । ଉପନିଷଦରେ ଗଣପତିଙ୍କୁ ସର୍ବ ଶକ୍ତିମାନ କୁହାଯାଇଛି । ଗଣପତିଙ୍କୁ ମଧ ପରଂବ୍ରହ୍ମଙ୍କ ପ୍ରତୀକ ରୂପେ ଚିହ୍ନିତ କରାଯାଇଛି । ଗଣପତି ଉପନିଷଦରେ ବ୍ରହ୍ମ ଉପାସନାର ତତ୍ତ୍ୱ ପରିଦୃଷ୍ଟ । ନିଗମ ଓ ଆଗମ ଉଭୟ ପରମ୍ପରାରେ ଗଣପତି ଏକ ମହତ୍ତ୍ୱପୂର୍ଣ୍ଣ ଶ୍ରେଷ୍ଠ ଦେବତାର ଆସନ ଅଳଙ୍କୃତ କରି ଆସୁଛନ୍ତି । ସ୍ମୃତି ଶାସ୍ତ୍ରରେ ପ୍ରଭୁ ଗଣପତିଙ୍କୁ ହବିଭୋକ୍ତା ଯଜ୍ଞ ଦେବତା ରୂପେ ଚିତ୍ରଣ କରାଯାଇ ଗାଣପତ୍ୟାଗ୍ନିର ସଂସ୍କାର ବିଧି ଓ ହୋମ କାର୍ଯ୍ୟ ସଂପାଦନ କରାଯାଉଥିବା ବିଧି ରହିଛି । ଗଣପତି ଉପାସନାର ଉତ୍ତରଣ ଫଳରେ ଗାଣପତ୍ୟ ସମ୍ପ୍ରଦାୟର ଉନ୍ମେଷ ଘଟିଛି । ଯାହା ଫଳରେ ସେମାନଙ୍କ ଲେଖନୀ ଚାଳନାରେ ବିଭିନ୍ନ ସ୍ତବ, ସ୍ତୋତ୍ର, କବଚ, କୀଳକ, ପଟଳ ଓ ପୁରାଣାଦି ବର୍ଣ୍ଣିତ ହୋଇଛି । ସେ ଏକ ଦନ୍ତ, ଚତୁର୍ଭୁଜ, ପାଶ-ଅଙ୍କୁଶ ଅଭୟ ଓ ବରଦ ମୁଦ୍ରାଧାରୀ, ରକ୍ତ ବସ୍ତ୍ରଧାରୀ ରୂପେ ଚିତ୍ରିତ ହୋଇ ପୂଜା ପାଇଆସୁଛନ୍ତି । ସକଳ ବିଘ୍ନ ହରଣ ନିମିତ୍ତ ଭକ୍ତମାନେ ସଭକ୍ତି ପ୍ରଣାମ ପୂର୍ବକ ମହାପ୍ରଭୁଙ୍କୁ ପ୍ରାର୍ଥନା କରନ୍ତି। କାଳ କ୍ରମେ ଶକ୍ତି ଉପାସନା ସହିତ ଗଣପତି ପୂଜାର ମିଳନ ଘଟିଛି । ଭାରତର ବିଭିନ୍ନ ଶକ୍ତି ପୀଠଗୁଡ଼ିକରେ ମାତୃଗଣଙ୍କ ମଧ୍ୟରେ ଗଣପତି ଆରାଧିତ ହେଉଛନ୍ତି । ଓଡ଼ିଶାର ଗଞ୍ଜାମ ଜିଲା ସାନଖେମୁଣ୍ଡି ଅନ୍ତର୍ଗତ କଙ୍କୋରଡାସ୍ଥ ଶକ୍ତିପୀଠ ମା' ନାରାୟଣୀଙ୍କ ସହ ଏକତ୍ର ଆସନରେ ପୂଜା ପାଉଛନ୍ତି । ସେ ବୈଦିକ ଦେବତା ଅଗ୍ରପୂଜ୍ୟ ବିଘ୍ନ ବିନାଶକାରୀ ବିନାୟକ। ସେ ଓଁକାର ରୂପୀ, ଅଖିଳ ଜଗତରେ ସେ ଜୀବ ସ୍ୱରୂପ । ସେ ବକ୍ରତୁଣ୍ଡ ଓ ସର୍ବ କାର୍ଯ୍ୟ ସିଦ୍ଧିଦାତା ଗଣେଶ ଭାବରେ ଆରାଧିତ ହୋଇ ଆସୁଛନ୍ତି-

'ଓଁ ବକ୍ରତୁଣ୍ଡ ମହାକାୟ ସୂର୍ଯ୍ୟ କୋଟି ସମପ୍ରଭଃ/ ନିର୍ବିଘ୍ନଂ କୁରୁମେ ଦେବ ! ସର୍ବ କାଯର୍ଯ୍ୟେଷୁ ସର୍ବଦା ।'

ପୁରାଣ ଯୁଗ ପରେ ବୌଦ୍ଧ ମତବାଦରେ ମଧ ଗଣପତି ଶ୍ରେଷ୍ଠ ଦେବତାର ଆସନ ଅଳଙ୍କୃତ କରିଛନ୍ତି । ବୌଦ୍ଧମାନେ ଗଣେଶଙ୍କୁ ପ୍ରଚ୍ଛନ୍ନ ବୁଦ୍ଧ ନାମରେ ନାମିତ କରିଛନ୍ତି । ବୌଦ୍ଧ କିମ୍ବଦନ୍ତୀ ଅନୁଯାୟୀ ଭଗବାନ ବୁଦ୍ଧଙ୍କର ଜନନୀ ମାୟାଦେବୀ ଗୌତମଙ୍କ ଜନ୍ମ ପୂର୍ବରୁ ଶତ ହସ୍ତୀର ସ୍ୱପ୍ନ ଦେଖିଥିଲେ । ସେହି ଶତ ହସ୍ତୀ ମସ୍ତକ ସହ ଆରୋଧିତ ଗଣେଶ ମୂର୍ତ୍ତି ହିଁ ପ୍ରଚ୍ଛନ୍ନ ବୁଦ୍ଧ ବୋଲି ଧରାଯାଏ । ବୌଦ୍ଧ ଭିକ୍ଷୁ ଓ ଶ୍ରମଣଗଣ ଦକ୍ଷିଣ ପୂର୍ବ ଏସିଆରେ ଗଣପତି ଉପାସନାର ପ୍ରସାର ଘଟାଇଥିବା କଥା ପୁରାତନ ଗ୍ରନ୍ଥ ଓ ଇତିହାସରୁ ଜଣାପଡ଼େ । ଜାପାନ ଓ ଚାଇନାରେ ଗଣେଶଙ୍କୁ ବିନାୟକ ନାମରେ ଆରାଧନା କରାଯାଏ । ବ୍ରହ୍ମଦେଶରେ ମହାପୀନେ ରୂପେ ଗଣପତି ସୁବିଖ୍ୟାତ ହୋଇଛନ୍ତି । ଶ୍ରୀଲଙ୍କାରେ ସୁବ୍ରମଣ୍ୟମ ମନ୍ଦିରରେ ସର୍ବସାଧାରଣଙ୍କ ଦ୍ୱାରା ଗଣପତିଙ୍କ ପୂଜାର୍ଚ୍ଚନା ହୋଇଥାଏ । ସେଭଳି ନେପାଳରେ ସିଂହବାହନ ହେରମ୍ବ ଗଣପତି ସର୍ବ ସିଦ୍ଧିଦାତା ଭାବେ ପ୍ରସିଦ୍ଧି ଲାଭ କରିଛନ୍ତି ।

ଉତ୍କଳରେ ଗଣପତିଙ୍କ ପୂଜାର ପରମ୍ପରା ବହୁ ପ୍ରାଚୀନ । ଉତ୍କଳର ଭୌମ ଓ ସୋମ ବଂଶୀ ଶାସନ କାଳରୁ ଏହି ପର୍ବ ପାଳିତ ହେଉଥିବା ଇତିହାସରୁ ଜଣାଯାଏ । ମହାକବି ଶୂଦ୍ରମୁନି ସାରଳା ଦାସ 'ମହାଭାରତ'ର ବନ ପର୍ବ ପ୍ରଥମ ଖଣ୍ଡରେ ବ୍ୟାଧିର ମୁକ୍ତି ଦାତା ଭାବରେ ଶ୍ରୀଗଣେଶଙ୍କୁ ଚିତ୍ରିତ କରିଛନ୍ତି । ତତ୍କାଳୀନ ସମାଜରେ ଗଣପତି ଉପାସନାର ପ୍ରସାର ଘଟି ଶେଷରେ ସାର୍ବଜନୀନ ଉପାସନାରେ ପରିଣତ ହୋଇଛି । ଛାତ୍ରୀଛାତ୍ରମାନେ ଆପଣାର ବିଘ୍ନ ବିନାଶ ତଥା ସର୍ବ ମଙ୍ଗଳ ନିମିତ୍ତ ପ୍ରଭୁ ବିଘ୍ନ ବିନାଶକାରୀ ପାର୍ବତୀ ନନ୍ଦନ ଶ୍ରୀ ଗଣେଶଙ୍କୁ ପରମ ଭକ୍ତି ସହକାରେ ପୂଜା କରନ୍ତି । ପ୍ରତ୍ୟେକ ମାଙ୍ଗଳିକ ଓ ଶୁଭ କାର୍ଯ୍ୟର ପ୍ରାରମ୍ଭରେ ପୂର୍ଣ୍ଣ କଳସ ସ୍ଥାପନ କରାଯାଇ ଶ୍ରୀଗଣେଶଙ୍କର ଆରାଧନା କରାଯାଏ । ଅନେକ ମନ୍ଦିର ପୀଠରେ ଗଣେଶ ମୁଖ୍ୟ ଦେବତା ଓ ପାର୍ଶ୍ୱ ଦେବତା ରୂପେ ପୂଜା ପାଉଛନ୍ତି । କେତେକ ମନ୍ଦିରରେ ସ୍ୱତନ୍ତ୍ର ଗଣପତି ପୂଜାର ବିଧି ରହିଛି । ବିଶ୍ୱ ପ୍ରସିଦ୍ଧ ପ୍ରଭୁ ଜଗନ୍ନାଥ ଜନ୍ମ ବାସରରେ ସ୍ନାନବେଦିରେ ଗଣପତି ରୂପ ଧାରଣ କରନ୍ତି । ସିଦ୍ଧ ସାଧକଗଣ ଲେଖନୀରେ 'ଗଣେଶ ବିଭୂତି', 'ଗଣେଶ ଶତନାମ' 'ସହସ୍ର ନାମ' ପ୍ରଭୃତି ରଚନାର ସୃଷ୍ଟି ଘଟିଛି ।

ଶ୍ରୀଗଣେଶଙ୍କ ଜନ୍ମ ଦିବସର ସବୁଠାରୁ ଉଜ୍ଜ୍ୱଳତମ ମୁହୂର୍ତ୍ତ ମଧ୍ୟାହ୍ନରେ ଘଟିଥିବା ଶାସ୍ତ୍ରରେ ଅଛି । ଏହି ଦୃଷ୍ଟିରୁ ତାଙ୍କ ଶରୀର କାନ୍ତିକୁ କୋଟି ସୂର୍ଯ୍ୟ ସମପ୍ରଭ କୁହାଯାଇଛି । ବକ୍ରତୁଣ୍ଡ ଶ୍ରୀ ଗଣେଶଙ୍କ ଜନ୍ମତିଥି ପବିତ୍ର ଚତୁର୍ଥୀରେ ହୋଇଥିଲେ ମଧ ଏହାକୁ କଳଙ୍କ ଚତୁର୍ଥୀ ମଧ କୁହାଯାଏ । ବିଧି ଅନୁସାରେ ଏହି ତିଥିରେ ଚନ୍ଦ୍ରଦର୍ଶନକୁ ବାରଣ କରାଯାଇଅଛି । ଏହି ଚତୁର୍ଥୀରେ ଚନ୍ଦ୍ର ଦର୍ଶନ କଲେ କିଛି ବିଘ୍ନ ଘଟିବା ପୂର୍ବକ କଳଙ୍କ ବା ଅପବାଦର ଯୋଗ ପ୍ରାପ୍ତହୁଏ । ଏହାର କେତେକ ପୌରାଣିକ ନିଦର୍ଶନ ମଧ ଶୁଣିବାକୁ ମିଳିଥାଏ। ଏହି ଦିନର ଚନ୍ଦ୍ର ଦର୍ଶନ ଜନିତ ପାପ କ୍ଷୟ ନିମନ୍ତେ କୁହାଯାଇଛି ଯେ ଶ୍ରୀକୃଷ୍ଣଙ୍କ ସ୍ୟମନ୍ତକ ମଣି ହରଣ କରିବା ପ୍ରସଙ୍ଗ ନିଜେ ପଢ଼ିବା ଅବା କୌଣସି ଜ୍ଞାନୀ ,ସାଧୁଙ୍କ ମୁଖରୁ ଶୁଣିବାରେ ଲାଘବ ହୋଇଥାଏ । ବିଶେଷ କରି ଶ୍ରୀଗଣେଶଙ୍କୁ ସକଳ ବିଘ୍ନ ବିନାଶକ ଭାବେ ଚିତ୍ରଣ କରାଯାଇଅଛି । ସେ ଜ୍ଞାନଦାତା, ଶକ୍ତିଦାତା ଓ ଅପଶକୁନରୁ ରକ୍ଷାକର୍ତ୍ତା ଅଟନ୍ତି ।

ଏହି କ୍ରମରେ ଉପାସକମାନେ ନିଜ ମନସ୍କାମନା ପୂର୍ଣ୍ଣ ପାଇଁ ଗଜାନନଙ୍କ ବିଭିନ୍ନ ରୂପ ଓ ରଙ୍ଗର ବିଗ୍ରହ ପୂଜାର ବିଧିକୁ ପାଳନ କରନ୍ତି । ହଳଦୀ ରଙ୍ଗର ଶ୍ରୀ ଗଣେଶଙ୍କୁ ସମସ୍ତ ଶତ୍ରୁ ଜନିତ ବିପଦ,ବିଘ୍ନରୁ ରକ୍ଷା ମିଳିଥାଏ । ସେହିପରି ବଳ ଓ ଶକ୍ତି ପ୍ରଦାନକାରୀ ଲାଲ ରଙ୍ଗର ମୂର୍ତ୍ତିଙ୍କୁ ପୂଜା କରିବାର ବିଧି ରହିଅଛି । ଧନପ୍ରାପ୍ତି ଆଶାୟୀ ତାଙ୍କର ସବୁଜ ରଙ୍ଗ ମୂର୍ତ୍ତି ପୂଜା କରିବାର ବିଶ୍ୱାସ ରହିଅଛି । ଏଥି ସହିତ ଶ୍ୱେତ ରଙ୍ଗ ଶ୍ରୀଗଣେଶଙ୍କୁ ମୁକ୍ତିକାମୀ ଉପାସକ ଉପାସନା କରିଥାନ୍ତି । କାୟମନବାକ୍ୟରେ ଭକ୍ତି ପୂର୍ବକ ଭାଦ୍ରବ ମାସ ଶୁକ୍ଳ ଚତୁର୍ଥୀରେ ଶ୍ରୀଗଣେଶଙ୍କୁ ତିନି ପ୍ରହର ଜପ ଓ ଧ୍ୟାନ କଲେ ସକଳ ଶୁଭ ପ୍ରାପ୍ତ ହୁଏ । ଏହି ତିଥିରେ ପ୍ରତ୍ୟେକ ପୂଜାକାରୀ ନିଜ ପିତାମାତାଙ୍କୁ ପ୍ରଦକ୍ଷିଣ କଲେ ତାଙ୍କୁ ସକଳତୀର୍ଥ ତଥା ପୃଥିବୀ ପରିକ୍ରମାର ପୁଣ୍ୟ ପ୍ରାପ୍ତ ହୋଇଥାଏ। ଆଦ୍ୟ ଦେବତା ମାତାପିତାଙ୍କର ଏହି ପ୍ରଦକ୍ଷିଣ ସଂପର୍କରେ କୁହାଯାଇଛି -

' ପିତ୍ରୋଃଶ୍ଚ ପୂଜନ କୃତ୍ୱା ପ୍ରକାନ୍ତି ଚ କରୋତି ୟଃ ,ତସ୍ୟ ବୈ ପୃଥିବୀ ଜନ୍ୟ ଫଳମ୍ ଭବତି ନିଶ୍ଚିତମ୍'।

ବାସ୍ତବରେ ବିଘ୍ନ ରାଜ ଗଣେଶ ସମଗ୍ର ଭାରତ ବର୍ଷର ପରମରାଧ ଦେବତା । ସେ ହିଁ ଭକ୍ତ ସେବକ ମାନଙ୍କର ଭାଗ୍ୟ ନିର୍ମାତା ଓ ମୋକ୍ଷଦାତା। ସେ ହିଁ ବିଘ୍ନ ବିନାଶ କାରୀ ଓ କୃପାମୟ ଦେବତା । ତେଣୁ ଏ ଦୁର୍ଲଭ ମାନବ ଜନ୍ମର ସାର୍ଥକତା ଓ ମୋକ୍ଷ ନିମିତ୍ତ ଗଜାନନ ବିଘ୍ନେଶ୍ୱର ଗଣନାଥଙ୍କ ଶ୍ରୀପାଦ ପଙ୍କଜରେ ଭକ୍ତି ପୂତ ପ୍ରଣାମ ଜଣାଇ ସମର୍ପିତ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି-

' ଓଁ ଗଣେଶାୟ ବିଦ୍ମହେ ଗଜାନନାୟ ଧିମହୀ
ତନ୍ନୋଗଣୋଶ ପ୍ରଚୋଦୟାତ୍ ଓଁ ଜୟ ଗଣେଶାୟ ନମଃ ।'

+ଅଧ୍ୟକ୍ଷ, ମହାନଦୀବିହାର
ମହିଳା ସ୍ନାତକ ମହାବିଦ୍ୟାଳୟ ,
କଟକ -୪
ଦୂରଭାଷ : ୯୦୪୦ ୧୫୧୪ ୭୫

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ନଗଦ ମରୁଡ଼ି ଆଶଙ୍କା...

କୌଣସି ଦେଶର ଅର୍ଥନୈତିକ ଅଭିବୃଦ୍ଧି ଓ ବିକାଶରେ ବ୍ୟାଙ୍କିଙ୍ଗ କ୍ଷେତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଯଦି ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଭୁଶୁଡ଼ି ପଡ଼ିବ ତେବେ କେବଳ ସେହି ଦେଶ ଦେବାଳିଆ ହେବ ନାହିଁ, ବରଂ ଏହାର ପ୍ରଭାବ ବିଶ୍ୱ ଅର୍ଥନୀତି ଉପରେ ପଡ଼ିବ। ଆମେରିକାର ଲେହମ୍ୟାନ ବ୍ରଦର୍ସ ଓ ମେରିଲ୍ ଲିଞ୍ଚ ବ୍ୟାଙ୍କ ଭୁଶୁଡ଼ି ଯିବା ପରେ ବିଶ୍ୱ ଅର୍ଥନୀତିରେ ଯେଉଁ ମାନ୍ଦାବସ୍ଥା ସୃଷ୍ଟି ହୋଇଥିଲା, ତାହାର ପ୍ରଭାବକୁ ଆଜି ମଧ ଅନେକ ଦେଶ ସମ୍ପୂର୍ଣ୍ଣ ଦୂର କରିବାରେ ସକ୍ଷମ ହୋଇପାରିନାହାନ୍ତି। ତେଣୁ ଏଦିଗରେ ଭାରତ ସରକାର ତତ୍ପର ଅଛନ୍ତି ଏବଂ ରାଷ୍ଟ୍ରାୟତ୍ତ ବ୍ୟାଙ୍କିଙ୍ଗ କ୍ଷେତ୍ରକୁ ପ୍ରତିଯୋଗୀକ୍ଷମ କରିବା ପାଇଁ ମଝିରେ ମଝିରେ ବିପୁଳ ପରିମାଣର ପୁଞ୍ଜି ଋଣ ସହାୟତା ଯୋଗାଇ ଆସୁଛନ୍ତି। ଏ ପର୍ଯ୍ୟନ୍ତ ଆମେ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ସଙ୍କଟ କହିଲେ କେବଳ ଏନ୍‌ପିଏ ବା ଅନାଦାୟ ଋଣକୁ ବିବେଚନା କରି ଆସିଥିଲେ। ଏବେ କିନ୍ତୁ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ଆଉ ଏକ ସଙ୍କଟ ସୃଷ୍ଟି ହୋଇଛି, ଯାହା ଉଭୟ ବ୍ୟାଙ୍କିଙ୍ଗ, କେନ୍ଦ୍ରୀୟ ବ୍ୟାଙ୍କକୁ ଚିନ୍ତିତ କରିଛି ଏବଂ ସରକାରଙ୍କୁ ଏ ଦିଗରେ ଚିନ୍ତା କରିବା ଅପରିହାର୍ଯ୍ୟ ହୋଇପଡ଼ିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ପ୍ରଦତ୍ତ ଗତ ତ୍ରୟମାସିକ ତଥ୍ୟ ଅନୁଯାୟୀ ଦେଶର ବ୍ୟାଙ୍କ ଜମା ହାର(ଜନସାଧାରଣ ସେମାନଙ୍କ ଆକାଉଣ୍ଟରେ ସଞ୍ଚୟ କରୁଥିବା ରାଶି) ମାତ୍ର ୧୧.୭ ପ୍ରତିଶତ ହାରରେ ବୃଦ୍ଧି ପାଇଥିବା ବେଳେ ଋଣ ପ୍ରଦାନ ହାର ୧୫ ପ୍ରତିଶତ ହାରରେ ବଢ଼ିଛି। ଏହି ଧାରାରେ ଯଦି ନିକଟ ଭବିଷ୍ୟତରେ ସୁଧାର ନ ଆସେ, ତେବେ ବ୍ୟାଙ୍କଗୁଡ଼ିକ ଖୁବ୍ ଶୀଘ୍ର ନଗଦ ମରୁଡ଼ି ଭଳି ପରିସ୍ଥିତିର ସମ୍ମୁଖୀନ ହେବ। କେବଳ ସେତିକି ନୁହେଁ, ଏହାଦ୍ୱାରା ବ୍ୟାଙ୍କ ବାଲାନ୍ସସିଟ୍‌ର ଜଟିଳ ଅଙ୍କ ବିଗିଡ଼ି ଯାଇ ଦେଶର ସାମଗ୍ରିକ ଅର୍ଥନୀତି ପ୍ରଭାବିତ ହେବ। ରିଜର୍ଭ ବ୍ୟାଙ୍କର ଚେତାବନୀ ପରେ ଋଣ ପ୍ରଦାନ କ୍ଷେତ୍ରରେ ବ୍ୟାଙ୍କମାନେ କାର୍ପଣ୍ୟ ପ୍ରଦର୍ଶନ କରିବାରୁ ଗତ ଅଗଷ୍ଟ ୯ ତାରିଖ ସୁଦ୍ଧା ବ୍ୟାଙ୍କ ଋଣ ପ୍ରଦାନ ଅଭିବୃଦ୍ଧି ହାର ସାମାନ୍ୟ ହ୍ରାସ ପାଇ ୧୪ ପ୍ରତିଶତ ହୋଇଛି, କିନ୍ତୁ ଆହୁରି ଉଦ୍‌ବେଗଜନକ ହେଲା ବ୍ୟାଙ୍କ ଜମା ହାର ୧୧ ପ୍ରତିଶତକୁ ହ୍ରାସ ପାଇଛି। ବାଣିଜ୍ୟିକ ବ୍ୟାଙ୍କର ମୂଳ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ହେଲା ଋଣ ସହାୟତା ଜରିଆରେ ଦେଶର ବ୍ୟବସାୟ କ୍ଷେତ୍ରକୁ ଚଳଚଞ୍ଚଳ ଓ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା। କିନ୍ତୁ ଏହି ଋଣ ପରିମାଣ ନଗଦ ଜମା ଆଧାରରେ ଚକ୍ରାକାର ପ୍ରକ୍ରିୟାରେ ସମ୍ପନ୍ନ ହେଉଥିବାରୁ ଜମା-ଋଣ ଅନୁପାତ ଯଦି ନକାରାତ୍ମକ ହୁଏ ତେବେ ତାହାର ପ୍ରଭାବ ସମଗ୍ର ଅର୍ଥନୀତିକୁ ସଙ୍କଟ ମଧ୍ୟକୁ ଠେଲିଦେବ। ଅର୍ଥନୀତି ବିଶାରଦମାନଙ୍କ ମତ ଅନୁଯାୟୀ, ଜମା-ଋଣ ଅନୁପାତର ଏହି ନକାରାତ୍ମକ ଧାରା ପଛରେ ଥିବା ବହୁମୁଖୀ କାରଣ ମଧ୍ୟରୁ ମୁଖ୍ୟ ହେଉଛି ଭାରତୀୟ ଘରୋଇ ଉପଭୋକ୍ତାମାନେ ବ୍ୟାଙ୍କରୁ କ୍ରମଶଃ ପୁଞ୍ଜି ବଜାର ଦିଗକୁ ମୁହାଁଇବାରେ ଲାଗିଛନ୍ତି। ଏକଦା ପୁଞ୍ଜି ବଜାର କେବଳ ଧନାଢ୍ୟ ଓ ପେସାଦାରମାନଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। କିନ୍ତୁ କାଳକ୍ରମେ ଡିଜିଟାଲ୍ କମର୍ସର ପ୍ରସାର ସହିତ ପୁଞ୍ଜି ବଜାର ଖୁଚୁରା ବା କ୍ଷୁଦ୍ର ଜମାକାରୀଙ୍କ ପାଇଁ ଉନ୍ମୁକ୍ତ ହେବାରେ ଲାଗିଛି। ସ୍ମାର୍ଟଫୋନ୍ ବିପ୍ଳବ ଏହି ଧାରାକୁ ଆହୁରି ତ୍ୱରାନ୍ୱିତ କରିବାରେ ସହାୟକ ହୋଇଛି। ବିଶେଷକରି ମ୍ୟୁଚୁଆଲ୍ ଫଣ୍ଡ ଏ କ୍ଷେତ୍ରରେ ଅଧିକ ଗ୍ରାହକଙ୍କୁ ଆକୃଷ୍ଟ କରିବା ସହିତ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି। କ୍ଷୁଦ୍ର ଜମାକାରୀଙ୍କୁ ଦୃଷ୍ଟିରେ ରଖି ମ୍ୟୁଚୁଆଲ୍ ଫଣ୍ଡ ଇତିମଧ୍ୟରେ ୯ କୋଟି ୩୩ ଲକ୍ଷ ନିବେଶ ଯୋଜନା ବଜାରକୁ ଛାଡ଼ିଛି। ଏହାର ପ୍ରଭାବ ବ୍ୟାଙ୍କିଙ୍ଗ ଜମା ହାର ଉପରେ ପଡ଼ିଛି। ତେଣୁ କ୍ଷୁଦ୍ର ଜମାକାରୀଙ୍କୁ କିଭଳି ଆକୃଷ୍ଟ କରାଯାଇପାରିବ ସେ ଦିଗରେ ବ୍ୟାଙ୍କିଙ୍ଗ କ୍ଷେତ୍ର ଚିନ୍ତା କରିବା ଆବଶ୍ୟକ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ମଧ ଗୁରୁତ୍ୱାରୋପ କରିଛନ୍ତି। ତଥ୍ୟ ଆଧାରିତ ବିଶ୍ଳେଷଣ ଓ କାରଣ ଯାହା ବି ହେଉ ନା କାହିଁକି ବ୍ୟାଙ୍କ ସଞ୍ଚୟ ହାର ହ୍ରାସ ପାଇବା ପଛର ବାସ୍ତବତା ହେଉଛି ଲୋକଙ୍କ ହାତରେ ଖର୍ଚ୍ଚ କ୍ଷମତା ସଂକୁଚିତ ହେବାରେ ଲାଗିଛି। ଗତ ଏପ୍ରିଲ୍ ମାସରେ ସିଏସ୍‌ଡିଏସ୍-ଲୋକନିତି ପକ୍ଷରୁ ହୋଇଥିବା ଏକ ପ୍ରାକ୍-ନିର୍ବାଚନୀ ସର୍ବେକ୍ଷଣ ଅନୁଯାୟୀ, ୫୨% ଭୋଟର ବେରୋଜଗାର ଓ ଦରଦାମ ବୃଦ୍ଧିକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଆହୁରି ଅନେକ ସର୍ବେକ୍ଷଣରୁ ସଂସ୍ଥା ଏହି ସିଦ୍ଧାନ୍ତରେ ପହଞ୍ଚିଥିଲା ଯେ ଗତ ଦଶବର୍ଷ ମଧ୍ୟରେ କ୍ରମବର୍ଦ୍ଧିଷ୍ଣୁ ଦରଦାମ ପରିପ୍ରେକ୍ଷୀରେ ଯେଉଁମାନଙ୍କର ଆୟ ହାର ଅତିକମ୍‌ରେ ୬୪ ପ୍ରତିଶତ ବୃଦ୍ଧି ପାଇନାହିଁ କିମ୍ବା ଗତ ପାଞ୍ଚ ବର୍ଷ ମଧ୍ୟରେ ୩୨ ପ୍ରତିଶତ ବଢ଼ିନାହିଁ ସେମାନଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନୁହେଁ ବୋଲି ଧରାଯିବ। ଆମେ ଆମ ପାରିପାର୍ଶ୍ୱିକ ସ୍ଥିତି ଓ ତଥ୍ୟ ଆଧାରରେ ଲୋକଙ୍କ ହାରହାରି ରୋଜଗାର ହାରରେ ଉପରୋକ୍ତ ଉଦ୍ଦିଷ୍ଟ ବୃଦ୍ଧି ଘଟିଛି ବୋଲି କହିପାରିବା ନାହିଁ। ଏକପକ୍ଷରେ ନିଯୁକ୍ତି ସଂକୋଚନ ଓ ଅନ୍ୟପକ୍ଷରେ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର କ୍ରମବର୍ଦ୍ଧିଷ୍ଣୁ ଦରଦାମ ବୃଦ୍ଧି ଲୋକଙ୍କ ସଞ୍ଚୟ ଇଚ୍ଛାକୁ ସଂକୁଚିତ କରୁଛି। 'ସେଣ୍ଟର ଫର ମନିଟରିଙ୍ଗ ଇଣ୍ଡିଆନ୍ ଇକୋନମି' ପକ୍ଷରୁ ମଧ ଗତ ଆଠବର୍ଷ ମଧ୍ୟରେ ବେରୋଜଗାରର ଯେଉଁ ଚିତ୍ର ପ୍ରଦାନ କରାଯାଇଥିଲା ତାହା ଭାରତୀୟ ଅର୍ଥନୀତିର ଶୁଭଲକ୍ଷଣ ଆଦୌ ନୁହେଁ ବୋଲି କହିବାରେ ଦ୍ୱିରୁକ୍ତି ନାହିଁ। ଏହାର ପ୍ରତିଫଳନ କେବଳ ଏବେ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ଆରମ୍ଭ ହୋଇଛି।

## ଶ୍ରୀଗଣେଶ ପୂଜା


ପୁଷ୍ପମିତ୍ର ମହାପାତ୍ର




'ଓଁ ବକ୍ରତୁଣ୍ଡ ମହାକାୟ, ସୂର୍ଯ୍ୟକୋଟି ସମପ୍ରଭ। ନିର୍ବିଘ୍ନଂ କୁରୁମେ ଦେବ ସର୍ବକାର୍ଯ୍ୟେଷୁ ସର୍ବଦା।।' କୁହାଯାଏ ଶ୍ରୀଗଣେଶଙ୍କର ନାମକୁ ବାରମ୍ବାର ଜପ କରିବାରେ ସର୍ବଦୁଃଖ ଦୂର ହେବା ସଙ୍ଗେ ସମସ୍ତ ପ୍ରକାରର ବିଘ୍ନର ବିନାଶ ଘଟିଥାଏ। କୌଣସି ବି ଶୁଭକାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ବିଘ୍ନନାଶକ ଶ୍ରୀଗଣେଶଙ୍କୁ ବନ୍ଦନା କରାଯାଇଥାଏ। ପୁରାଣରେ ବର୍ଣ୍ଣିତ ରହିଛି ଯେ, ଯିଏ ଶ୍ରୀଗଣେଶଙ୍କୁ ଭକ୍ତି ଭାବନା ସହିତ ଆରାଧନା କରୁଥାଏ ସେ ସମସ୍ତ ପ୍ରକାରର ଭୟ ଓ ଦୁଃଖରୁ ମୁକ୍ତ ହୋଇ ସାରା ଜୀବନକୁ ଉପଭୋଗ କରିଥାଏ। ତେଣୁ ମହାଦେବଙ୍କ ପୁତ୍ର ତଥା ମାତା ପାର୍ବତୀଙ୍କ ନନ୍ଦନ ଶ୍ରୀଗଣେଶଙ୍କୁ ଗଣପତି, ଏକଦନ୍ତ, ଦେବବ୍ରତ, ଭୁବନପତି, ବିନାୟକ, ବିଘ୍ନେଶ୍ୱର, ଉଦନ୍ତ, ସୁମୁଖ, ସିଦ୍ଧିପ୍ରଦ, ସିଦ୍ଧିବିନାୟକ, ଗୌରୀନନ୍ଦନ, ମହାଗଣପତି, ଗଜାନନ ତଥା ଲମ୍ବୋଦର ଭାବେ ସ୍ମରଣ କରି ତାଙ୍କର ପ୍ରିୟ ଭକ୍ତମାନେ ଭକ୍ତିର ସହିତ ପୂଜାର୍ଚ୍ଚନା କରିଥାନ୍ତି। ଭାରତର ପ୍ରାୟ ସବୁ ରାଜ୍ୟରେ ଗଣେଶ ଚତୁର୍ଥ ପାଳିତ ହେଉଥିଲେ ମଧ ମହାରାଷ୍ଟ୍ର, ଗୋଆ, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ଓଡ଼ିଶା, ଗୁଜୁରାଟ, ତାମିଲନାଡୁ ଓ ମଧ୍ୟପ୍ରଦେଶ ପରି ରାଜ୍ୟରେ ବହୁ ଧୁମ୍‌ଧାମରେ ତଥା ଜାକଜମକରେ ବିଶେଷ ପର୍ବ ଭାବେ ଆନନ୍ଦ ଓ ଉଲ୍ଲାସର ସହ ପାଳିତ ହୋଇଥାଏ। ଭାରତ ସମେତ ନେପାଳ, ଶ୍ରୀଲଙ୍କା, ଆମେରିକା, କାନାଡ଼ା, ଫିଜି ଓ ମରିସସ୍ ଆଦି ଦେଶରେ ମଧ ଗଣେଶ ଚତୁର୍ଥୀ ପାଳନ କରାଯାଇଥାଏ।

ଓଡ଼ିଶାର ପ୍ରାୟ ପ୍ରତ୍ୟେକ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଶ୍ରୀଗଣେଶଙ୍କର ମୃଣ୍ମୟ ପ୍ରତିମୂର୍ତ୍ତି ଓ ସାଜସଜ୍ଜା ପୂର୍ଣ୍ଣ ମେଢ଼ ସହିତ ପୂଜାର ଆୟୋଜନ ହୋଇଥାଏ। ଓଡ଼ିଶାର ଜଟଣୀ, ତାଳଚେର, ଭଦ୍ରକ, ଭୁବନେଶ୍ୱର, କଟକ, ବାଲେଶ୍ୱର ଏବଂ ବ୍ରହ୍ମପୁର ପରି ସହରରେ ଗଣେଶ ପୂଜା ବହୁ ଆଡ଼ମ୍ବର ସହକାରେ ପାଳିତ ହେବା ଦେଖାଯାଏ। ମୂଷିକ ବାହନରେ ବସି ହାତରେ ବିରାଟ ଲଡ୍ଡୁ ଧରିଥିବା ଶ୍ରୀଗଣେଶଙ୍କ ବିରାଟ ମୃଣ୍ମୟ ମୂର୍ତ୍ତି, ପ୍ରକାଣ୍ଡ ତୋରଣ ଓ ଆକର୍ଷଣୀୟ ମେଢ଼ ଗୁଡ଼ିକର ରଙ୍ଗୀନ ଆଲୋକସଜ୍ଜା ସେଠାକାର ପରିବେଶକୁ ଉତ୍ସବମୁଖର କରିଥାଏ। ଗଣେଶଚତୁର୍ଥୀ ଦିନର ପୂଜା ଠାରୁ ଆରମ୍ଭ କରି ମୂର୍ତ୍ତି ବିସର୍ଜନ ପର୍ଯ୍ୟନ୍ତ ପୂଜାସ୍ଥଳୀଗୁଡ଼ିକ ସବୁବେଳେ ଚଳଚଞ୍ଚଳ ରହିଥିବା ଦେଖାଯାଏ। ଓଡ଼ିଶାର ସମସ୍ତ ବିଦ୍ୟାଳୟ, କାର୍ଯ୍ୟାଳୟ ତଥା ବିଭିନ୍ନ ବ୍ୟାବସାୟିକ ଅନୁଷ୍ଠାନ ଗୁଡ଼ିକରେ ଭକ୍ତ ସହକାରେ ଶ୍ରୀଗଣେଶଙ୍କର ଆରାଧନା ହୋଇଥାଏ।


ଆଇନ୍‌ଜୀବୀ, ଓଡ଼ିଶା ହାଇକୋର୍ଟ,
କଟକ,
ମୋ: ୯୪୩୭୨୨୫୬୮୯


## ଅଗ୍ରପୂଜ୍ୟ ଶ୍ରୀଗଣେଶ ଓ ଉପଯୁକ୍ତ ଗଣେଶ ପ୍ରତିମାର ଉପାସନା


ଡକ୍ଟର ତପନ କୁମାର ପାଳ




ସନାତନ ଧର୍ମରେ ଶ୍ରୀଗଣେଶଙ୍କୁ ପୂଜା କରାଯାଇଥାଏ । ତାଙ୍କୁ ମଧ ଅନ୍ୟ ଦେବାଦେବୀଙ୍କ ଆରାଧନା ପୂର୍ବରୁ ଅଗ୍ରପୂଜା ଭାବେ ପୂଜା କାରାଯାଇଥାଏ । କୌଣସି ଧାର୍ମିକ ବା ମାଙ୍ଗଳିକ କାର୍ଯ୍ୟ ମଧ ଯଥା ବିବାହ, ବ୍ରତୋପନୟନ, ଯଜ୍ଞାଦି ଅନୁଷ୍ଠାନ, ଗୃହାରମ୍ଭ, ଗୃହପ୍ରତିଷ୍ଠା, ଦେବାଳୟ ପ୍ରତିଷ୍ଠାରେ ଶ୍ରୀଗଣେଶଙ୍କୁ ଅଗ୍ରପୂଜ୍ୟ ଭାବେ ପୂଜା କରାଯାଇଥାଏ । ଆରମ୍ଭରୁ ମଙ୍ଗଳ କାମନା ଉଦ୍ଦେଶ୍ୟରେ ବା ବିଘ୍ନ ଦୂର କରିବା ଲାଗି ଶ୍ରୀଗଣେଶଙ୍କ ଆବାହନ କରାଯାଇଥାଏ । ଶ୍ରୀଗଣେଶ ମଙ୍ଗଳର ଦେବତା ତଥା ବିଘ୍ନ କର୍ତ୍ତା ହୋଇଥିବାରୁ କୌଣସି ଧାର୍ମିକ କାର୍ଯ୍ୟ ପୂର୍ବରୁ ସେ ମନୁଷ୍ୟ ମନରୁ କାମକ୍ରୋଧ, ଲୋଭ, ମୋହ, ମଦମାତ୍ସର୍ଯ୍ୟ, ଆସକ୍ତି, ଅହଂଭାବ ଦୂର କରି ମନକୁ ପବିତ୍ର ରଖିବାରେ ସହାୟକ ହୋଇଥାନ୍ତି । ବିଘ୍ନ ବା ବାଧା ଦୂର କରୁଥିବାରୁ କୌଣସି ଶୁଭ କାର୍ଯ୍ୟ ପୂର୍ବରୁ ଶ୍ରୀଗଣେଶଙ୍କୁ ଅଗ୍ରପୂଜ୍ୟ ଭାବେ ଆରାଧନା କରାଯାଇଥାଏ । ସୂର୍ଯ୍ୟ ଯେପରି ଅନ୍ଧକାରରୂପୀ ବାଧାକୁ ଦୂର କରି ଆଲୋକର ପ୍ରକାଶ ପ୍ରଦାନ କରିଥାନ୍ତି, ଗରୁଡ଼ ଯେପରି ବିଘ୍ନରୂପୀ ସର୍ପଙ୍କୁ ପ୍ରତିହତ କରିଥାନ୍ତି, ବଜ୍ର ଯେପରି ପର୍ବତକୁ ଚୂର୍ଣ୍ଣ କରିଥାଏ ଠିକ୍ ସେହିପରି ଶ୍ରୀଗଣେଶ ବିଘ୍ନରୂପକ ଅନ୍ଧକାର ଦୂର କରି ସର୍ବମଙ୍ଗଳ ପ୍ରତିଷ୍ଠା କରିଥାନ୍ତି । ସେ ବିଘ୍ନରୂପକ ଜାଲକୁ ଛିନ୍ନ କରି ମଙ୍ଗଳ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାରେ ସହାୟକ ହୋଇଥାନ୍ତି ।

ଶ୍ରୀଗଣେଶଙ୍କୁ ବିଘ୍ନହର୍ତ୍ତା କୁହାଯାଇଥାଏ । ସେଥିପାଇଁ ଘରେ ବାହାରେ ଚାରିଆଡ଼େ ତାଙ୍କର ପୂଜା କରାଯାଇଥାଏ । ତେବେ ଘରକୁ ଶ୍ରୀଗଣେଶଙ୍କ ମୂର୍ତ୍ତି ଆଣିବା ପୂର୍ବରୁ କେତେକ ବିଶେଷ ଦିଗ ପ୍ରତି ଧ୍ୟାନ ଦେବା ଜରୁରୀ । ସର୍ବପ୍ରଥମେ ଧ୍ୟାନ ଦେବା ଉଚିତ ଯେ ଗଣେଶ ପ୍ରତିମାଙ୍କ ଶୁଣ୍ଢ ବାମ ଦିଗକୁ ମୋଡ଼ି ହୋଇ ରହିଥିବ । କାରଣ ଡାହାଣ ପାର୍ଶ୍ୱକୁ ମୋଡ଼ି ହୋଇ ରହିଥିବା ଗଣେଶ ପ୍ରତିମାର ଉପାସନା ଦ୍ୱାରା କାର୍ଯ୍ୟସିଦ୍ଧିରେ ବିଳମ୍ବ ହୋଇଥାଏ । ସେହିପରି ପ୍ରତିମାରେ ଶ୍ରୀଗଣେଶ ନିଜ ମୂଷିକ ବାହନରେ ରହିଥିବା ଉଚିତ୍ । ଏଥିସହିତ ତାଙ୍କ ହସ୍ତରେ ସମସ୍ତ ଶସ୍ତ୍ର- ଏକଦନ୍ତ, ଅଙ୍କୁଶ ଏବଂ ମୋଦକ ରହିଥିବା ଆବଶ୍ୟକ । ଗଣେଶଙ୍କ ଗୋଟିଏ ହସ୍ତ ବରଦାନ ମୁଦ୍ରାରେ ରହିଥିବା ଜରୁରୀ । ଏହି ରୂପରେ ଗଣେଶଙ୍କ ଆରାଧନା ଉଚିତ ଫଳ ପ୍ରଦାନ କରିଥାଏ । ସନ୍ତାନ ସୁଖ ପ୍ରାପ୍ତି ନିମନ୍ତେ ଘରକୁ ଶିଶୁ ଗଣେଶଙ୍କ ପ୍ରତିମା ଆଣି ଗଣେଶ ଚତୁର୍ଥୀ ଦିନ ପ୍ରତିଷ୍ଠା କରିବା ସହିତ ନିୟମିତ ତାହାର ପୂଜା କରିବା ଆବଶ୍ୟକ । ଘରେ ଆନନ୍ଦ ଉତ୍ସାହରେ ବୃଦ୍ଧି ନିମନ୍ତେ ନୃତ୍ୟରତ ଶ୍ରୀଗଣେଶଙ୍କ ମୂର୍ତ୍ତି ଆଣି ସ୍ଥାପନ କରିବା ଆବଶ୍ୟକ । ଶୋଇଥିବା ଗଣେଶଙ୍କ ପ୍ରତିମା ଆଣି ଘରେ ସ୍ଥାପନ କଲେ ସୁଖସମୃଦ୍ଧିରେ ସ୍ଥାୟିତ୍ୱ ରହିବା ଉଚିତ । ସିନ୍ଦୂର ରଙ୍ଗର ଗଣେଶଙ୍କ ପୂଜା ଦ୍ୱାରା ସମୃଦ୍ଧ ଲାଭ ହୋଇଥାଏ । ବାସ୍ତୁ ଶାସ୍ତ୍ର ଅନୁଯାୟୀ ଗୃହର ବ୍ରହ୍ମ ସ୍ଥାନ (କେନ୍ଦ୍ରସ୍ଥଳୀ), ଐଶାନ୍ୟ କୋଣ ଏବଂ ପୂର୍ବଦିଗରେ ଶ୍ରୀଗଣେଶଙ୍କ ମୂର୍ତ୍ତି ସ୍ଥାପନ ଦ୍ୱାରା ସମସ୍ତ ଶୁଭ ହୋଇଥାଏ । ଗୋଟିଏ ସ୍ଥାନରେ ଏକାଧିକ କିମ୍ବା ସାମ୍ନାସାମ୍ନି ଦୁଇଟି ଗଣେଶ ପ୍ରତିମା ରଖିବା ଉଚିତ ନୁହେଁ । ଏହାଦ୍ୱାରା ଗୃହସ୍ଥଙ୍କ ବିଘ୍ନ ଘଟିଥାଏ ।


+ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ,
ଷ୍ଟାଫ କଲୋନୀ, ଦେଉଳ ସାହି,
ତୁଳସୀପୁର, କଟକ,
ମୋ : ୯୯୩୭୬୫୮୩୬୨ /
୭୯୭୮୭୯୬୬୩୩


## ଗଣାନାଂ ତ୍ୱାଂ ଗଣପତି ହବାମହେ........


ଡ଼ଃ.ଅରୁନ୍ଧତୀ ଦେବୀ





ଗଣେଶଙ୍କ ବିଗ୍ରହର ଗଜମୁଖ ଭାରତର ଆଦିମ ବାଣୀ ଓଁକାରର ପ୍ରତୀକ, ତେଣୁ ଗଣେଶ ଓଁକାର ସ୍ୱରୂପ ପରଂବ୍ରହ୍ମ ଭାବେ ମଧ ପୂଜିତ । ଯଜୁର୍ବେଦରେ ଗଣେଶଙ୍କ ମନ୍ତ୍ର ନିମ୍ନ ଭାବେ ରହିଛି - ''ଗଣାନାଂ ତ୍ୱାଂ ଗଣପତି ହବାମହେ, ପ୍ରିୟାଣାଂ ତ୍ୱାଂ ପ୍ରିୟପତି ହବାମହେ, ନିଧିନାଂ ତ୍ୱାଂ ନିଧିପତିଂ ହବାମହେ, ବସୋର୍ମମ ।'' ଓଡ଼ିଆ ଜନଜୀବନ ତଥା ଶିକ୍ଷାୟତନରେ ଗଣେଶ ପୂଜା ବା ଗଣନାଥଙ୍କ ପୂଜା ଏକ ମହତ୍‌ପୂର୍ଣ୍ଣ ଉତ୍ସବ । ମହାପ୍ରଭୁ ଶ୍ରୀ ଗଣେଶ କେବଳ ବିଦ୍ୟାଦାତା ନୁହଁନ୍ତି ସେ ଧର୍ମଦାତା ଓ ସିଦ୍ଧିଦାତା ଭାବେ ଅଗ୍ରପୂଜ୍ୟର ଆସନ ଗ୍ରହଣ କରିଛନ୍ତି । କେବଳ ଓଡ଼ିଶାରେ ନୁହେଁ ସମଗ୍ର ଭାରତରେ ଶ୍ରୀଗଣେଶଙ୍କ ପୂଜା ମହାଆଡ଼ମ୍ବର ସହକାରେ ପୂଜା ହୋଇଥାଏ । ଓଡ଼ିଶାର ଶରତ ଋତୁରେ ଶ୍ରୀ ଗଣେଶ ପୂଜା ହେଉଛି ଅନ୍ୟତମ ପାର୍ବଣ । ଭାଦ୍ରବ ମାସ ପବିତ୍ର ଶୁକ୍ଳ ଚତୁର୍ଥୀଦିନ ଏହି ପୂଜା କରାଯାଇଥାଏ । ସେ ଦିନ ଛାତ୍ରଛାତ୍ରୀଙ୍କ ଠାରୁ ଅନେକ ଗଣେଶଙ୍କ ଶ୍ରଦ୍ଧାଳୁ ଉପବାସ କରିବା ସହ ବିଦ୍ୟା, ଧନ ଓ ଶୁଭକାମନା କରି ଶୁଦ୍ଧପୂତ ମନରେ ଗଣପତିଙ୍କ ପୂଜା କରନ୍ତି । ଆମ ଦେଶରେ ସମସ୍ତ ଲୌକିକ ଓ ଧାର୍ମିକ କର୍ମର ଆରମ୍ଭରେ ଗଣନାଥଙ୍କ ପୂଜା କରାଯାଏ । 'ଶ୍ରୀ ଗଣଶାୟ ନମଃ' ପ୍ରାୟ ସବୁ ଶୁଭକର୍ମର ଆଦ୍ୟ ଉଚ୍ଚାରଣ । ଗଣାନାଂ ପତିଃ ଗଣପତିଃ, ତେଣୁ ମନ୍ତ୍ରରୁ ହିଁ ଜଣାଯାଏ ଯେ, ଗଣେଶ ସର୍ବସାଧାରଣଙ୍କ ଦେବତା । ଗଣପତି ସମୂହବାଚକ ହୋଇଥିବାରୁ ସମଗ୍ର ମାନବ ଜାତିର ସର୍ବସିଦ୍ଧିଦାତା ଭାବେ ସେ ପୂଜ୍ୟ । ପୁରାଣ ଓ ଶାସ୍ତ୍ର ଅନୁଯାୟୀ ଗଣେଶ ବିଦ୍ୟା ଓ ବୁଦ୍ଧିର ଦେବତା । ତାଙ୍କର ଅନ୍ୟ ନାମ ବିଶ୍ଳେଷଣ । ସମସ୍ତ ବିଘ୍ନ ଓ ବିପଦର ସେ ବିନାଶକାରୀ । ସେ ଅଶୁଭକୁ ଦୂର କରି ଶୁଭ ଆଣନ୍ତି । ତେଣୁ ତାଙ୍କର ଉଦ୍ଦେଶ୍ୟରେ କୁହାଯାଏ । ''ଓଁ ନମୋ ଗଣେଶ ବିଘ୍ନେଶ, ଗିରିଜା ନନ୍ଦ ପ୍ରଭୋ, ମମ ବିଘ୍ନ ବିନାଶୟ, ଗଣାଧିପତୟେ ନମଃ'' ।

ଓଡ଼ିଶାରେ ଗଣେଶ ପୂଜା ଏକ ବିଶେଷ ମହତ୍ୱ ରଖିଛି । ଓଡ଼ିଶାର ପ୍ରାୟ ସବୁ ତୀର୍ଥସ୍ଥଳ ଦେବାଦେବୀଙ୍କ ପୀଠ, ଦେବାଳୟ ଓ ମନ୍ଦିର ମାନଙ୍କରେ ଅଗ୍ରପୂଜ୍ୟ ଶ୍ରୀ ଗଣେଶଙ୍କ ମୂର୍ତ୍ତି ବିରାଜମାନ ହୋଇଥାଏ । ମହାପ୍ରଭୁ ଜଗନ୍ନାଥଙ୍କ କ୍ଷେତ୍ର ଶ୍ରୀମନ୍ଦିରରେ ବିରାଟ ଗଣେଶ ମୂର୍ତ୍ତି ସ୍ଥାପିତ ହୋଇଛନ୍ତି । ଇତିହାସରୁ ତଥ୍ୟରୁ ଜଣାଯାଏ ଯେ ଗଜପତି ପୁରୁଷୋତ୍ତମଦେବ କାଞ୍ଚି ବିଜୟ କରି କାଞ୍ଚିରାଜାଙ୍କ ଇଷ୍ଟ ଦେବତା ଏହି ଗଣପତି ମୂର୍ତ୍ତି ଆଣି ବିଧି ସହକାରେ ଶ୍ରୀମନ୍ଦିରରେ ଅଧିଷ୍ଠିତ କରାଇଛନ୍ତି । ସେହିପରି ମନ୍ଦିର ମାଳିନୀ ସହର ଭାବେ ପରିଚିତ ଭୁବନେଶ୍ୱରରେ ମଧ ବହୁ ଗଣେଶ ବିଗ୍ରହ ରହିଛି । ସମାଜ ମଧ୍ୟରେ ଜ୍ଞାନର ପ୍ରସାର ଓ ବୃଦ୍ଧି ଦିଗରେ ଗଣେଶ ପୂଜାରେ ସାମାଜିକ ଓ ସାଂସ୍କୃତିକ ମହତ୍ତ୍ୱ ରଖିଥାଏ । ସମସ୍ତେ ଭକ୍ତିଭାବ ପ୍ରଣୋଦିତ ହୋଇ ଶ୍ରୀ ଗଣେଶଙ୍କ କୃପାପ୍ରାପ୍ତି ସହ ସଂସ୍କୃତିର ବିକାଶ ଦିଗରେ କାର୍ଯ୍ୟ କରିଥାନ୍ତି । ଆମ ସାମାଜିକ ପ୍ରଥା ଓ ପରମ୍ପରାରେ ବିନାୟକ ବ୍ରତ ଏକ ମହାନ ବ୍ରତ ଭାବେ ପାଳିତ । ଏହି ବ୍ରତରେ ସାଧାରଣ ପୂଜା ପୂଜିର ଦ୍ରବ୍ୟ ବ୍ୟତୀତ ମାଳତୀ, ଭୃଙ୍ଗରାଜ, ବିଲ୍ୱ, ଶ୍ୱେତଦୁର୍ବା, ବଦରୀ, ଧୁତୁରା, ତୁଳସୀ, ଶମୀ, ବୃହତୀ, କରବୀର, ନିଆଳି, ଅର୍ଜ୍ଜୁନ, ବିଷ୍ଣୁତ୍ରୟ, ଦାଡ଼ିମ୍ବ, ଦେବଦାରୁ, ମରୁପତ୍ର, ଅଶ୍ୱତ୍ଥ, ଯାଇ, କେତକୀ, ଅଗସ୍ତିପତ୍ର, ଆମ୍ର, ଖୁର୍ଜର, କଦଳୀ, ନରିକେଳ, ମୋଦକ ୨୧ଗୋଟି, ଦୁର୍ବା ୨୧ କେରା, ରକ୍ତ ବସ୍ତ୍ର ଓ ଯଜ୍ଞୋପବୀତ ବ୍ୟବହାର କରାଯାଏ । ଓଡ଼ିଶାର ସମସ୍ତ ଶିକ୍ଷାୟତନରେ ବିଦ୍ୟାଦାତା ମହାପ୍ରଭୁ ଶ୍ରୀ ଗଣେଶଙ୍କ ପୂଜା ହୋଇଥାଏ । କେହି କେହି ନିଜ ପୂଜାଘରେ ମଧ ଶ୍ରୀଗଣେଶଙ୍କ ପୂଜା କରିଥାନ୍ତି । ଏହି ଦିନରେ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନରେ ଶ୍ରୀ ଗଣେଶଙ୍କ ପୂଜା ଆଉ କେହି ଖାତା ପୂଜା କରି ବ୍ୟବସାୟର ଉନ୍ନତି ପାଇଁ ମହାପ୍ରଭୁ ଗଣନାଥଙ୍କ ଆଶୀର୍ବାଦ ନେଇଥାନ୍ତି । ଶ୍ରୀ ଗଣେଶପୂଜାରେ ଗଣେଶଙ୍କ ପ୍ରିୟ ରାଶିଲଡ୍ଡୁ, ନଡ଼ିଆ, ମୋଦକ ପ୍ରଭୃତି ନୈବେଦ୍ୟ ସମର୍ପଣ ହୋଇଥାଏ । ଏହି ଜିନିଷର ବିଶେଷକରି ରାଶିର ଔଷଧୀୟ ଗୁଣ ହେଉଛି ଏହା ମସ୍ତିଷ୍କର ସ୍ନାୟୁ ସବଳ କରିଥାଏ ଯାହା ମେଦାବର୍ଦ୍ଧକ ଭାବେ କାର୍ଯ୍ୟ କରେ । ବିଦ୍ୟାଦାତା, ବିଘ୍ନନାଶକ, ଧନ ଦେବତା, ଗଣପତିଙ୍କ ଜନ୍ମକାହାଣୀ ମଧ ଅତ୍ୟନ୍ତ କୌତୁହଳପୂର୍ଣ୍ଣ । ପୁରାଣ କାହାଣୀ ଅନୁଯାୟୀ କୈଳାସପତି ଶିବଙ୍କ ପତ୍ନୀ ପାର୍ବତୀ ନିଜ ଅଙ୍ଗରୁ ଗଣପତିଙ୍କୁ ଜନ୍ମ ଦେଇ ନିଜ ଦ୍ୱାରର ରକ୍ଷକ ଭାବେ ଜଗାଇଥିଲେ । ଏହି ସମୟରେ ତପସ୍ୟା ସାରି ମହାପ୍ରଭୁ ଭୋଳାଶଙ୍କର ପାର୍ବତୀଙ୍କୁ ସାକ୍ଷାତ କରିବାକୁ ଆସିବାରୁ ଶ୍ରୀ ଗଣେଶ ତାଙ୍କ ବାଟ ଛାଡ଼ିନଥିଲେ । ପରବର୍ତ୍ତୀ ସମୟରେ କଥୋପକଥନ ହୋଇ ଦୁଇଜଣଙ୍କ ମଧ୍ୟରେ ମୁହାଁମୁହିଁ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇ ପ୍ରଥମେ ସ୍ୱୟଂ ଶିବଶମ୍ଭୁ ଗଣପତିଙ୍କ ଦ୍ୱାରା ପରାସ୍ତ ହୋଇଥିଲେ । ପରେ ସେ ଯୁଦ୍ଧରେ ବିଜୟୀ ହେଲେ ଓ ଗଣନାଥଙ୍କ ମସ୍ତକ ଛେଦନ କରିଥିଲେ । କିନ୍ତୁ ଶିବ ପାର୍ବତୀଙ୍କ ପାଖରେ ପହଞ୍ଚିବା ପରେ ସମସ୍ତ ସମ୍ପର୍କ ବିଷୟରେ ଜାଣି ଗଣନାଥଙ୍କ ଛିଣ୍ଡି ଯାଇଥିବା ମସ୍ତିଷ୍କର ଖୋଜା ଚାଲିଲା । ପରିଶେଷରେ ତାହା ନମିଳିବାରୁ ଏକ ହସ୍ତୀର ମସ୍ତକ ଛେଦନ କରାଯାଇ ଗଣନାଥଙ୍କ ଶରୀରରେ ଲାଗିଥିଲା ଓ ସଞ୍ଜିବନୀ ମନ୍ତ୍ରରେ ସେ ଜୀବନ୍ୟାସ ପାଇଥିଲେ । ଶିବଙ୍କ ବର ତାଙ୍କୁ ମିଳିଥିଲା ଯେ, ପ୍ରତ୍ୟେକ ଦେବାଦେବୀଙ୍କ ପୂଜା ପୂର୍ବରୁ ତାଙ୍କ ଆରଧନା କରାଯିବ । ଶ୍ରୀ ଗଣେଶଙ୍କ ସ୍ତୁତିଟି ହେଉଛି - ''ବକ୍ରତୁଣ୍ଡମହାକାୟ ସୂର୍ଯ୍ୟକୋଟି ସମପ୍ରଭଃ । ନିର୍ବିଘ୍ନଂ କୁରୁମେ ଦେବ ସର୍ବକାର୍ଯ୍ୟେଷୁ ସର୍ବଦା ।'' ଓଡ଼ିଶାର ପୁରପଲ୍ଲୀରେ ତେଲି ସମ୍ପ୍ରଦାୟରେ ପ୍ରାୟତଃ ଶ୍ରୀ ଗଣେଶଙ୍କ ପୂଜା ସାତ ଦିନ ବା ନଅ ଦିନ ବ୍ୟାପୀ ମହା ଆଡ଼ମ୍ବରରେ ଅନୁଷ୍ଠିତ ହୋଇଥାଏ। ଶ୍ରୀ ଗଣନାଥଙ୍କ ପୂଜା ଓଡ଼ିଆର ଜନଜୀବନରେ ଏକ ମହତ୍‌ପୂର୍ଣ୍ଣ ପାର୍ବଣ କହିଲେ ଅତ୍ୟୁକ୍ତି ହେବନାହିଁ ।


ନିର୍ଦ୍ଦେଶିକା-ସମ୍ପାଦିକା,
ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ
ଆନ୍ଦୋଳନ, କଟକ,
ମୋ : ୯୯୩୭୧୭୨୮୧୦







### ଗଣାଧିପ ଆବାହନୀ


ତପନ କୁମାର ବେହେରା


ଭାଦ୍ରବ ମାସର ଶୁକ୍ଳ ଚତୁର୍ଥୀରେ
ଆସ ପ୍ରଭୁ ବିଦ୍ୟାଦାତା
ବିଦ୍ୟାଦାନ କରି ହୃଦୟେ ସବୁରି
ଜଳାଅ ଜ୍ଞାନ ସଳିତା।

ଅଜ୍ଞାନ ତିମିର ହର-ସୁତ ହର
ନକର ଉଛୁର ଆଉ
ମରତ ଭୂଇଁରେ ଜୈତ୍ରବାନା ତୁମ
ନିରିବିଘ୍ନେ ଉଡୁଥାଉ।

ବିଘିନ ହରତା ଷଡ଼ାନନ ଭ୍ରାତା
ଶ୍ରୀଗଣେଶ ଗୌରୀ ସୁତ
ଅଗ୍ରପୂଜ୍ୟ ହୋଇ ରହିଲ ଜଗତେ
ଯମେ କରି ପରାହତ।

ପାଶାଙ୍କୁଶ ବେନି ହସ୍ତରେ ଧରିଛ
ଲଡ୍ଡୁ ଅଛି ଏକ ହସ୍ତେ
ଆରେକ ହସ୍ତରେ ଲିଖନି ଧରିଛ
ବିଘ୍ନ ନାଶନର ଅର୍ଥେ।

ଗିରିଜା ନନ୍ଦନ ଗଜେନ୍ଦ୍ର ବଦନ
ବକ୍ରତୁଣ୍ଡ ଏକଦନ୍ତ
ଚାରିକୋଷେ ପୂଜା ପାଅ ଜଗତରେ
ପ୍ରବାଦ ଅଛି ଏମନ୍ତ।

କପାଳେ ସିନ୍ଦୂର ବାହନ ଇନ୍ଦୁର
ଖର୍ବ ସ୍ଥୂଳ ତନୁବହି
ଆସ ଗଜାନନ ମରତ ଭୁବନ
ବିଘ୍ନ ଯାଉ ଦୂର ହୋଇ।

ମନ୍ତ୍ର ତନ୍ତ୍ର ଯନ୍ତ୍ର ଜାଣେ ନାହିଁ ମାତ୍ର
କରୁଅଛି ଆବାହନ
ଅପରାଧ କ୍ଷମି ବିରାଜ ହୃଦୟେ
ମନସ୍କାମ ହେଉ ପୂର୍ଣ୍ଣ।


+କାନପୁର, ନରସିଂହପୁର, କଟକ
ମୋ: ୭୦୦୮୧୮୮୩୫୬


### ଗଣପତି ଗଜାନନ


ଜୟକୃଷ୍ଣ ସାହୁ


ଶିବଙ୍କର ସାନ ପୁଅଟି ସତରେ
ବୁଦ୍ଧିରେ ଚତୁର ଭାରି
ବୁଦ୍ଧିଆ ପୁଅଟା ତଉଦ ବ୍ରହ୍ମାଣ୍ଡ
ନିମିଷେ ଆସିଲା ଘୁରି
ଗଣେଶ ଯାହାଙ୍କ ନାଆଁ,
ଘୁଷ୍ରି ପାଇଁକି ନେଇଥିଲେ ଯିଏ
ମୂଷିକ ବାହନ ସାହା।

ସେ ଅଟନ୍ତି ଆମ ବିଘ୍ନ ବିନାସକ
ଗଣପତି ଗଣନାଥ
ଗିରିଜା ନନ୍ଦନ ବିଦ୍ୟା ବୁଦ୍ଧି ଦାତା
ସେ ଆମ ମୁକତି ପଥ
ସିଦ୍ଧି ଦାତା ଗଜାନନ,
ପାର୍ବଣ ଋତୁର ଅଗ୍ର ପୂଜ୍ୟ ଦେବ
ସେ ସାକ୍ଷାତ ଭଗବାନ।

ଭୋଦୁଅର ଶୁକ୍ଳ ଚତୁର୍ଥୀ ତିଥିରେ
ହୋଇଥାଏ ତାଙ୍କ ପୂଜା
ବିଦ୍ୟାଳୟଠାରୁ ଦେବାଳୟ ଯାଏ
ହୋଇଥାଏ ସାଜସଜା
ଲାଗିଥାଏ ଭାରି ମଜା,
ମନ୍ତ୍ର ଉଚ୍ଚାରଣେ ହେଉଥାଏ ପୂଜା
ବାଜୁଥାଏ କେତେ ବାଜା।

ଭକତି ନୈବେଦ୍ୟ ଅରପି ପାଦରେ
ପୁଷ୍ପାଞ୍ଜଳି ଦେଉ ଟେକି
ବୁଦ୍ଧିଦାତା ତୁମେ ଦିଅ ଶୁଭ ବୁଦ୍ଧି
ନିବେଦନ ଟିଏ ରଖି
ସଫଳ ହେଉ ଜୀବନ,
ଆଶିଷର ବାରି ଢାଳିଦିଅ ଶିରେ
ଜ୍ଞାନ ଦାତା ଭଗବାନ।


+କପିଳ ପ୍ରସାଦ, ଭୁବନେଶ୍ୱର-୨
ମୋ -୯୯୩୭୦୯୨୩୯୭


### ଗଣପତି ଗଜାନନ


ରାମଚନ୍ଦ୍ର ପ୍ରଧାନ


ବକ୍ରତୁଣ୍ଡ ମହାକାୟ
ଭାଦ୍ରବ ମାସର ପୁଣ୍ୟ ଶୁକ୍ଳପକ୍ଷେ
ଗଣେଶ ଚତୁର୍ଥୀ ପଡ଼େ
ମହା ଆନନ୍ଦରେ ଗଣେଶଙ୍କ ପୂଜା
ହୁଏ ଭକ୍ତଜନ ଭିଡ଼େ ।

ମସ୍ତକେ ତିଳକ କନ୍ଧରେ ପଇତା
ଆହେ ପ୍ରଭୁ ଏକଦନ୍ତ
ଅନ୍ଧାର ପଥର ତୁମେ ହିଁ ଆଲୋକ
ବିଦ୍ୟାପତି ଦୟାବନ୍ତ ।

ହେ ଗୌରୀ ନନ୍ଦନ ବିଘ୍ନ ବିନାଶନ
ଗୁଣନିଧି ଗଜାନନ
କାର୍ତିକେୟ ଭ୍ରାତା ବାବାଶ୍ରୀ ଗଣେଶ
ଜ୍ଞାନଦାତା ଭଗବାନ।

ବିବାହ ବ୍ରତରେ ଆଗ ତୁମ ନାମ
ତୁମେ ତ ଜଗତ ଜିତା
ସବୁ ଯାଗଯଜ୍ଞେ ପ୍ରଥମ ଦୀପରେ
ଆଗ ହୁଏ ତୁମ ପୂଜା।

ମମତାସୁରକୁ ବଶିଭୁତ ପାଇଁ
ତୁମେ ହେଲ ବିଘ୍ନରାଜ
ଅହଂକାର ଛାଡି ମୂଷିକଙ୍କ ରାଜା
ହେଲେ ତୁମ ଯମରାଜ ।

ଦେବାଦେବୀଙ୍କର ଅଗ୍ରରେ ପୂଜିତ
ମାତାଶ୍ରୀ ପାର୍ବତୀ ସୁତ
ଦନ୍ତଭାଙ୍ଗି ତୁମେ ଲେଖି ଦେଇଥିଲ
ବ୍ୟାସଙ୍କ ମହାଭାରତ ।

ହେ ସୃଷ୍ଟି ରକ୍ଷକ ଜୀବନ ନାବିକ
ତୁମେ ଥିଲେ ସବୁ ଜୟ
ସକଳ ପୂଜାର ତୁମେ ଆଦ୍ୟ ଧୂପ
ବକ୍ରତୁଣ୍ଡ ମହାକାୟ ।

ସଞ୍ଜ ଆଳତୀରେ ପ୍ରାର୍ଥନା ସଭାରେ
ତୁମେ ହିଁ ପ୍ରଥମ ଶ୍ଳୋକ
ସବୁ ଆରମ୍ଭର ତୁମେ ହିଁ ନାୟକ

ଆହେ ମହା ବିନାୟକ
ଦିଅ ଦିବ୍ୟବୁଦ୍ଧି ଦିଅ ଦିବ୍ୟଜ୍ଞାନ
ଲଡୁପ୍ରିୟ ଗଣପତି
ତୁମେ ଶୁଭଶାନ୍ତି ବିଦ୍ୱାନ ମୂରତି
ତୁମ ବିନୁ ନାହିଁ ଗତି ।

ଜ୍ଞାନର ସାଗର ବିଦ୍ୟାର ଭଣ୍ଡାର
ଘେନ ପ୍ରଭୁ ମୋ ପ୍ରଣତି
ସକଳ ଶକ୍ତିର ତୁମେ ହିଁ ଆଧାର
କୋଟିସୂର୍ଯ୍ୟ ତୁମ ଜ୍ୟୋତି ।


+ଶିକ୍ଷକ
ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ:୯୮୬୧୬୩୮୭୩୬

# ଗଣେଶଙ୍କ ଅଭିଶାପ

## ବିଜୟଲକ୍ଷ୍ମୀ ପାଣିଗ୍ରାହି





ସିଲୁ ଆଉ ଲୁସି ଭାଇ ଭଉଣୀ। ଆଜିକାଲିର ପିଲା ହେଲେ ବି ମୋବାଇଲରେ ବା ଟିଭିରେ ଏତେ ମନ ଦିଅନ୍ତି ନାହିଁ। ମାଆ ସହିତ ଖେଳି ଖେଳି ସମୟ ବିତାନ୍ତି। ଆଜି ମାଆଙ୍କଠାରୁ ଏକ ଗପ ଶୁଣିବାକୁ ଇଚ୍ଛାକଲେ। ସେହି ସମୟରେ ସିଲୁ ଝରକା ଆରପାଖ ଆକାଶକୁ ଦେଖାଇ କହିଲା , ମାଆ ଦେଖ ରାତି ନ ହେଲେ ବି ଜହ୍ନ ଦିଶୁଛି। ଆଜି ପରି ସବୁବେଳେ ଜହ୍ନ କାହିଁକି ଗୋଲ ଦିଶୁନି ? ମାଆ କହିଲେ ଗଣେଶଙ୍କ ଅଭିଶାପ ହେତୁ ଜହ୍ନ ପନ୍ଦର ଦିନ ବଢେ ଆଉ ପନ୍ଦର ଦିନ ଛିଣ୍ଡେ। ଲୁସି କହିଲା- କାହିଁକି, ଜହ୍ନ କ'ଣ ଭୁଲ କଲା କି ? ମା କହିଲେ ଦିନେ ଗଣେଶ ମୂଷିକ ପିଠିରେ ବସି ବୁଲୁଥିଲେ ହାତରେ ଧରିଥିଲେ କିଛି ଲଡୁ। ଠିକ ଏମିତି ଏକ ସନ୍ଧ୍ୟା ସମୟ ହୋଇଥାଏ। ତରତର ହୋଇ ଦୁହେଁ ଘରକୁ ଫେରୁଥାନ୍ତି। ରାସ୍ତାରେ ଏକ ସାପ ଦେଖି ମୂଷା ଡରିଗଲା। ନିଜର ନିୟନ୍ତ୍ରଣ ହରେଇ ସେ ନିଜେ ପଡିଯିବା ସହିତ ଗଣେଶଙ୍କୁ ମଧ୍ୟ ପକାଇଦେଲା। ଲଡୁ ସବୁ ମାଟି ଉପରେ ବିଛେଇ ହୋଇ ପଡ଼ିଗଲା। ଲଡୁ ଗଣେଶଙ୍କର ପ୍ରିୟଥିଲା ତେଣୁ ସେ ଉଠି ଲଡୁ ସଂଗ୍ରହ କରିବାରେ ଲାଗିଲେ । ଏହା ଦେଖି ଆକାଶରେ ଜହ୍ନ ହସିବାକୁ ଲାଗିଲେ। ଗଣେଶଙ୍କୁ ଭଲ ଲାଗିଲା ନାହିଁ। ସେ ଜହ୍ନକୁ ଏହିପରି ତାଚ୍ଛଲ୍ୟ କରି ହସିବାକୁ ମନା କଲେ। ହେଲେ ବି ଜହ୍ନ ଶୁଣିଲେ ନାହିଁ। ବରଂ ସେ କହିଲେ- ଏତେବଡ଼ ପେଟ ଥିବା ହାତୀମୁଣ୍ଡିଆ ଶରୀର ଆଉ ଲଡୁକୁ ଏକ ମେଞ୍ଚଡ଼ ମୂଷା ବୋହି ନେଲେ କ'ଣ ବା ହୁଅନ୍ତା ? କହିବାକୁ ଗଲେ ସେ ନିଜର ସୁନ୍ଦରତା ଆଉ କିରଣ ପାଇଁ ଖୁବ ଗର୍ବ କରୁଥିଲେ। ତେଣୁ ଏମିତି ମଜାକ ଉଡାଇ ସେ ପୁଣି ହସିବାକୁ ଲାଗିଲେ। ଗଣେଶ ଏହା ଶୁଣି ରାଗିଗଲେ ଏବଂ ଜହ୍ନକୁ ଅଭିଶାପ ଦେଲେ। ତୁମେ ଯେଉଁ କିରଣ ଆଉ ସୁନ୍ଦରତା ପାଇଁ ଗର୍ବ କରୁଛ ତାହା ଏଇ ମୁହୂର୍ତ୍ତଠାରୁ ନଷ୍ଟ ହେବ। ସଙ୍ଗେସଙ୍ଗେ ଜହ୍ନ କଳା ଦିଶିଲେ। ଚାରିଆଡ଼ ଅନ୍ଧକାର ହୋଇଗଲା। ଜହ୍ନ ଏବେ ନିଜର ଭୁଲ ବୁଝିପାରି ଗଣେଶଙ୍କ ନିକଟକୁ ଆସିଲେ। ହାତଯୋଡି ପ୍ରାର୍ଥନା କରି ଭୁଲ ମାଗିଲେ। ଗଣେଶ ତ ବିଘ୍ନ ବିନାଶନ। ସେ କାହାର ଦୁଃଖ ସହିପାରିବେ ନାହିଁ। ଜହ୍ନର ପଶ୍ଚାତପ ଦେଖି ସେ ତାକୁ କହିଲେ, ଠିକ ଅଛି ତୁମେ ତୁମର ପୂର୍ଣ୍ଣ ରୂପକୁ ତ ଫେରି ପାଇବ କିନ୍ତୁ ସବୁଦିନ ନୁହେଁ। ପୂର୍ଣ୍ଣିମାର ପୂର୍ଣ୍ଣ ରୂପ ପରେ ତୁମେ ସାନ ହୋଇହୋଇ ଅମାବାସ୍ୟାକୁ ଦେଖାଯିବ ନାହିଁ ଏବଂ ଅମାବାସ୍ୟାରୁ ପୁଣି ବଡ ହୋଇ ହୋଇ ହୋଇ ପୂର୍ଣ୍ଣିମାକୁ ପୂର୍ଣ୍ଣ ରୂପ ପାଇବ। ନିଜ ଭୁଲ ବୁଝି ଜହ୍ନ ଦଣ୍ଡକୁ ସ୍ୱୀକାର କଲେ। ସେଥିପାଇଁ ସେହିଦିନ ଠାରୁ ଆମେ ଜହ୍ନକୁ ସବୁବେଳେ ଏକାପରି ଦେଖୁନାହେଁ।

ଏବେ ମା କହିଲେ ଲୁସି ଆଉ ସିଲୁ ତୁମେ ଦୁହେଁ ଗପ ତ ଶୁଣିଲ। ଏବେ କ'ଣ କରିବ ? ହୋଟେ କାମ କର, ଜହ୍ନର ପୂର୍ଣ୍ଣ ରୂପରୁ ଖଣ୍ଡିତ ରୂପ ଯାଏଁ ସବୁ ଚିତ୍ର ଆଙ୍କି ଦେଖାଅ। ସିଲୁ ଆଉ ଲୁସି ଦୌଡ଼ିଗଲେ ପଢ଼ା ଘରକୁ ଆଉ ଲାଗି ପଡିଲେ ଚିତ୍ର ଅଙ୍କାରେ...।


+ ଶିକ୍ଷୟିତ୍ରୀ
ଜୟପୁର, କୋରାପୁଟ
ମୋ- ୮୨୪୯୪୫୦୦୫୦


# ଗର୍ବ ଭାଙ୍ଗିଲା

## ରମେଶ ଚନ୍ଦ୍ର ଦାଶ



ବିଲୁଆ ରାଜ ଦରବାରରେ ନିଯୁକ୍ତି ପାଇବା ପରେ ସେ କାହାରିକୁ ସମ୍ମାନ ଦେଲାନାହିଁ। ସେ ସମସ୍ତଙ୍କଠାରୁ ବିଜ୍ଞ ବୋଲି ମନେକଲା । କେବଳ ରାଜା ବାଘ କଥାକୁ ଅକ୍ଷରେ ଅକ୍ଷରେ ପାଳନ କରେ। ତେଣୁ ରାଜା ତାକୁ ଜଣେ ସଚ୍ଚୋଟ କର୍ମୀ ବୋଲି କହନ୍ତି । ସେଥିପାଇଁ ତାର ଆହୁରି ଗର୍ବ । ରାଜ ପରିଷଦର ସମସ୍ତ ସଭ୍ୟସଭ୍ୟା ଅତିଷ୍ଠ ହେଲେ ବି ତା' ବିରୋଧରେ କିଛି କହିପାରନ୍ତି ନାହିଁ । ଦିନେ ସିଂହ ଶୋଇଥିବା ବେଳେ ସେ ଗୋଟିଏ ଧଣ୍ଡ ସାପକୁ ନେଇ ତା' ବେକରେ ଗଳାଇଦେଲା । ସାପ ତା' ଦେହରେ ଚାଲିବାରୁ ତାକୁ ସଲସଲ ଲାଗିଲା । ସେ ଉଠିପଡ଼ି ସାପକୁ ତା'ର ନଖରେ ଧରିଲା । ଧଣ୍ଡ ଯନ୍ତ୍ରଣାରେ ଛଟପଟ ହେବାକୁ ଲାଗିଲା । ଯେତେ ଚେଷ୍ଟା କଲେ ବି ସେ ସିଂହ ପଞ୍ଝାରୁ ଖସିପାରିଲା ନାହିଁ । ଶେଷରେ ସିଂହକୁ ନେହୁରା ହୋଇ କହିଲା, "ମୋର କିଛି ଦୋଷ ନାହିଁ। ମୋତେ ବିଲୁଆ ଏମିତି ଆଣି ତୁମ ଦେହରେ ପକାଇଛି । ମୋତେ ଛାଡ଼ି ଦିଅ ।" ତାପରେ ସିଂହ ଟିକେ ଚିନ୍ତାକଲା-ଧଣ୍ଡ ତ ମୋ ଉପରକୁ ସହଜରେ ଉଠିପାରିବ ନାହିଁ। ସେ ବି ଏତେ ସାହସୀ ନୁହେଁ ଯେ ମୋ ଭଳି ଶକ୍ତିଶାଳୀ ଉପରେ ଚାଲିବ। ତାପରେ ସେ ବିଲୁଆର ଦୁଃସାହସିକ କାର୍ଯ୍ୟ କଥା ଚିନ୍ତାକଲା। ସେ ଏମିତି ବହୁଥର ଅନ୍ୟ ପ୍ରାଣୀମାନଙ୍କୁ ହଇରାଣ କରିଛି । ଆଜି କିନ୍ତୁ ପ୍ରଥମ ଥର ପାଇଁ ମୋ ଉପରେ ଏପରି କରିଛି। ସେ ଭାଲୁଠାରୁ ତା'ର ନୂଆ ନିଯୁକ୍ତି ସଂପର୍କରେ ଶୁଣିଥିଲା। ତାକୁ ତ କିଛି କହିବା ଅର୍ଥ ବିପଦକୁ ନିମନ୍ତ୍ରଣ କରିବା । ତାପରେ ସେ ଧଣ୍ଡକୁ ଟିକେ ଭୟ ଦେଖାଇ କହିଲା, "ଆଜି ମୁଁ ତୋତେ ଛାଡ଼ିଦେଲି। ଆଉ କେବେ ଏପରି କଲେ ତୋର ଜୀବନ ନେଇଯିବି ।"

ଧଣ୍ଡ ମୁହଁ ତଳକୁ କରି ତା' ପାଖରୁ ଆସିଲା। ତା'ର ରାଗ ହେଲା ବିଲୁଆ ଉପରେ। ସେ ତାକୁ ହଇରାଣ କରିବାକୁ ସ୍ଥିର କଲା। ଦିନେ ସେ ବୁଲିବା ସମୟରେ ଗୋଟିଏ ବଡ଼ କଙ୍କଡ଼ାକୁ ଭେଟିଲା । ତାକୁ ତା'ର ଦୁଃଖ କହିବାରୁ କଙ୍କଡ଼ା କହିଲା, "ମୁଁ ତୁମକୁ ନିଶ୍ଚୟ ସାହାଯ୍ୟ କରିବି ।" ଧଣ୍ଡ ସବୁଦିନେ ବିଲୁଆ ବାଟକୁ ଅପେକ୍ଷା କରି ରହିଥାଏ ।

ଦିନେ ବିଲୁଆ ଫେରିବା ସମୟରେ ଧଣ୍ଡକୁ ଦେଖି ପଚାରିଲା, "ସେଦିନ କେମିତି ସିଂହଠାରୁ ପାନେ ପାଇଲୁ ?" ତାହା ଶୁଣି ଧଣ୍ଡ ଖୁବ୍ ଜୋର୍‌ରେ ହସିଲା । ସେ କହିଲା, "ସତରେ ସେଦିନର ମଜା ମୁଁ କେବେ ବି ଭୁଲିପାରିବିନି । ସିଂହ ମୋତେ ଏତେ ଜିନିଷ ଖାଇବାକୁ ଦେବ ବୋଲି ମୁଁ ଭାବି ନଥିଲି। ତା' ସହିତ ସେ ଏମିତି ଗୋଟିଏ ଜାଗା ଦେଖାଇ ଦେଇଛି ଯେ ମୁଁ ସାରା ଜୀବନ କୁଆଡ଼େ ନଯାଇ ରହିପାରିବି ।" ବିଲୁଆ ଆଗ୍ରହ ସହକାରେ ପଚାରିଲା, "କେଉଁ ଜାଗା ? ମୋତେ ଟିକେ ଦେଖାଇଦେଲେ ତ ମୁଁ ଆଉ ରାଜାଙ୍କ ପାଖକୁ ଯାଆନ୍ତି ନାହିଁ। ରାଜ ପ୍ରସାଦରେ ବହୁତ କାମ କରିବାକୁ ପଡୁଛି ।" ତାପରେ ଧଣ୍ଡ ତାକୁ ବଡ଼ କଙ୍କଡ଼ା ରହୁଥିବା ସ୍ଥାନ ପାଖକୁ ନେଇଗଲା। ସେତେବେଳକୁ କଙ୍କଡ଼ାଟି ଉପରେ ବୁଲୁଥାଏ। ସାଥିରେ ତାର ଛୁଆମାନେ ବି ଥାଆନ୍ତି। କଙ୍କଡ଼ାକୁ ଦେଖି ତାର ଭାରି ଲୋଭ ହେଲା। କଙ୍କଡ଼ା ଧଣ୍ଡକୁ ଦେଖି ପିଲାମାନଙ୍କ ସହିତ ଗାତ ଭିତରେ ପଶିଗଲା। ବିଲୁଆ ଦୌଡ଼ିଯାଇ ଆଉ ଧଣ୍ଡ କଥା କିଛି ନଶୁଣି ନିଜ ଲାଙ୍ଗୁଡ଼କୁ ତା' ଗାତ ଭିତରେ ଭର୍ତ୍ତି କରିଦେଲା । ସେପଟେ କଙ୍କଡ଼ା ତାର ଲାଞ୍ଜକୁ ଏମିତି ଧରିଲା ଯେ ସେ ଆଉ କୁଆଡ଼େ ଯାଇପାରିଲା ନାହିଁ। ସେତିକିବେଳେ ଧଣ୍ଡ ତାର ଆଗ ଗୋଡ଼ ଦୁଇଟିକୁ ଛନ୍ଦି ରଖି ବିଲୁଆକୁ କହିଲା, "ମୋତେ ସିଂହ ଯେଉଁ ଖାଦ୍ୟ ଦେଇଥିଲା ତାହା ତୁମେ ଏବେ ଖାଅ ।" ଧଣ୍ଡ ଓ କଙ୍କଡ଼ାର ଆକ୍ରମଣରେ ବିଲୁଆ ଥରିବା ସହିତ ଜୋର୍‌ରେ ପାଟିକଲା। ଅଳ୍ପ ଦୂରରେ ରହୁଥିବା ସିଂହ ତା'ର ଡାକ ଶୁଣି ଧାଇଁଆସିଲା।

ବିଲୁଆ ରକ୍ଷା କରିବା ପାଇଁ ସିଂହକୁ ନେହୁରା ହେଲା, କିନ୍ତୁ ସେ ଶୁଣିଲା ନାହିଁ । ତାପରେ ବାଘ ବି ପହଂଚିଲା। ସେ ବିଲୁଆକୁ କହିଲା, "ତୁମ ପରିସ୍ଥିତିରୁ ଜଣାଯାଉଛି ଯେ ତୁମେ କେବେ କାହାରିକୁ ସାହାଯ୍ୟ କରିନାହଁ। ତୁମେ ସାହାଯ୍ୟ କରିଥିଲେ, ସେମାନେ ନିଶ୍ଚୟ ତୁମକୁ ସହଯୋଗର ହାତ ବଢ଼ାଇଥାନ୍ତେ।" ଏହା କହିବା ସହିତ ବାଘ ପୁଣି କହିଲା, "ତୁମକୁ ପ୍ରଜାମାନେ ଚାହୁଁନାହାନ୍ତି ଅର୍ଥ ତୁମେ ଆଉ ରାଜ ଦରବାରରେ ଚାକିରି କରିବା ଦରକାର ନାହିଁ ।"

ସିଂହ କହିଲା, "ଯେଉଁ ଧଣ୍ଡକୁ ଥଟ୍ଟା କରୁଥିଲୁ ଏବେ ତା' ଦ୍ୱାରା ନାମ ନେ' ।" ବାଘର ଅନୁରୋଧରେ ତାକୁ କଙ୍କଡ଼ା ଓ ଧଣ୍ଡ ଛାଡ଼ିଦେଲେ। ସେ ଚାକିରି ହରାଇବା ପରେ ତାର ଗର୍ବ ବି ଭାଙ୍ଗିକଲା।


+ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା, ପୁରୀ-୨, ପୁରୀ
ମୋବାଇଲ୍ ନଂ-୯୭୭୬୨୩୮୫୨୨


# କବିତା

## ତୁମ ପାଇଁ



### ଆସ ଗଜାନନ ଆସ

**ଶରତ କୁମାର ଦାସ**

ଆହେ ଗଜାନନ ମୂଷିକ ବାହାନ
ଆସ ଅବତରି ଆସ,
ତବ ଆଗମନେ ଏ ମରତ ଧାମେ
ହସୁଥିବ ଦିନ ମାସ ।

ଭୋଦୁଅ ମାସର ଶୁକ୍ଳପକ୍ଷ ତିଥି
ଚତୁର୍ଥୀ ଦିନଟି ଗଣା,
ତୁମ ପୂଜା ପାଇଁ କେତେ ସଜବାଜ
ଜଗତରେ ପରା ଜଣା ।

ତୁମେ ପରା ପ୍ରଭୁ ବିଦ୍ୟାର ଦେବତା
ଦିଅ ବିଦ୍ୟା-ଧନ ଭରି,
ବିବେକ ଦୁଆର ଖୋଲିଯାଉ ଧୀରେ
ଗଉରବ ପଡୁ ଝରି।

ସବୁ ଦେବାଦେବୀଙ୍କର ଆଗେ ତୁମେ
ପୂଜା ପାଉଥାଅ ବାଗେ,
ତୁମରି ବାଟକୁ ହରଷେ ଚାହିଁ ମୁଁ
ଆଶିଷ ଟିକିଏ ମାଗେ ।

ସଜାଡି ରଖିଛି କଦଳୀ, ନଡିଆ
ସୁଆଦିଆ ଲଡୁ ଭୋଗ,
ଭକତିରେ କରେ ପାରଥନା,ତୁମ
ସହ ହେବା ପାଇଁ ଯୋଗ ।

ଅରୁଆ ଚାଉଳ,ବରକୋଳି ପତ୍ର
ଦୂବ, ଆମ୍ବଡାଳ ପୁଣ,
ଶରଧାରେ ହୋମକାଠ,ଗୋଟାଗୁଆ
ସଜାଡିଛି ବାଗେ ଶୁଣ ।

ସରାଗେ ତୋଳିଛି ନାନା ଜାତି ଫୁଲ
ଯତନେ ଗୁନ୍ଥିଛି ହାର,
ଗଳାରେ ତୁମର ପିନ୍ଧାଇ ଦେବି ମୁଁ
ଝରିବ କରୁଣା-ଧାର ।

ସବୁ ବିପଦରୁ ରକ୍ଷାକର ବୋଲି
ନାମ ବିଘ୍ନ ବିନାଶନ,
ଆସ ଗଣପତି ଦିଅ ବିଦ୍ୟା ବୁଦ୍ଧି
କରୁଛି ମୁଁ ନିବେଦନ ।


+ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ,ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧


### ଆସ ଗଣପତି ଆସ...

**ରାମଚନ୍ଦ୍ର ବେହେରା**

ଆହେ ଗଣପତି ପ୍ରଭୁ ବିଦ୍ୟାପତି
ଆସ ଆସ ଧରା ଧାମ
ଅଜ୍ଞାନ ତିମିର ଦୂର କରି ପ୍ରଭୁ
ଭରିଦିଅ ବୁଦ୍ଧି ଜ୍ଞାନ
ଅନ୍ଧାର ଯିବ ଦୂରେଇ
ଜ୍ଞାନ ଆଲୋକରେ ଆଲୋକିତ ହୋଇ
ହସିବ ପବିତ୍ର ମହୀ।

ମର୍ତ୍ତ୍ୟକୁ ଓହ୍ଲାଇ ଅତି ଶରଧାରେ
ଆମ ବିଦ୍ୟାଳୟ ଆସି
ଅବୋଧ ଶିଶୁଂକ ତ୍ରୁଟି ନପରଖି
ମଣ୍ଡପରେ ଯିବ ବସି
ନାନାବିଧ ପୁଷ୍ପ ଆଣି
ତୁମ ଶ୍ରୀଅଂଗକୁ ସଜାଇବୁ ପ୍ରଭୁ
ତୁମ ମନକଥା ଜାଣି।

ତୁମେ ଅଗ୍ରପୂଜ୍ୟ ପ୍ରଭୁ ଲମ୍ବୋଦର
ତୁମେ ପରା ଜ୍ଞାନଦାତା
ତୁମ କୃପା ବଳେ ମୂର୍ଖ ବି ପଣ୍ଡିତ
ହୁଅଇ ଜଗତଜିତା
ଆହେ ପ୍ରଭୁ ସିଦ୍ଧିଦାତା
ତୁମ ଶ୍ରୀପୟରେ ଏତିକି ଗୁହାରି
ବିଦ୍ୟା ଦେବ ବିଦ୍ୟାଦାତା।

ଆହେ ଗଜାନନ ଗଉରୀ ନନ୍ଦନ
ଏତିକି କରୁଣା ଦେବ
ତୁମ ଦିବ୍ୟ ଜ୍ଞାନ ସଭିଂକ ପରାଣେ
ସଦା ଶୋଭା ପାଉଥିବ
ଜ୍ଞାନୀକୁ ମିଳିବ ମାନ
ଉତ୍ତମ ବିଚାର ଆପଣାଇ ଜନେ
ଖୁସୀରେ କାଟିବେ ଦିନ।


+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୭୩୫୩୪୬


### ଅଗ୍ର ପୂଜ୍ୟ ହେ ଗଜାନନ

**ସନ୍ତୋଷ କୁମାର ଅଦାବର**

ଅଗ୍ର ପୂଜ୍ୟ ଆହେ ଶ୍ରୀ ଗଜାନନ
ଅତି ଭକ୍ତିଭରେ କରେ ଜଣାଣ ।

ଆଜ ଭାଦ୍ର ଶୁକ୍ଳ ଚତୁର୍ଥୀ ଦିନ
ଆପଣ ଏ ଦିନେ ହେଲେ ଜନମ ।

ଇଭ ବଦନ ଦିଶେ ସୁଶୋଭନ
ଇତରଜନେ ଦିଅ ଦିବ୍ୟଜ୍ଞାନ ।

ଈଶ୍ୱରୀ ପୁତ୍ର ମୂଷିକ ବାହନ
ଈଶ୍ୱର ହରଙ୍କ ସାନ ସନ୍ତାନ ।

ଉତ୍ତମ ବୁଦ୍ଧି ବିଦ୍ୟାର ଭଣ୍ଡାର
ଉଗ୍ର ହୁଅ ଦେଖି କୁବ୍ୟବହାର ।

ଉର୍ଦ୍ଧ୍ୱ ଆସନ ଦେବଙ୍କ ମଧ୍ୟରେ
ଉର୍ଜସ୍ୱୀ କାୟ ଚମକଇ ଧିରେ ।

ଋଷି ସୁମରନ୍ତି ଯଜ୍ଞ କାର୍ଯ୍ୟରେ
ରୂପରେ ଅପୂର୍ବ ସୁଷମା ଖେଳେ ।

ଏକଦନ୍ତ ଆହେ ଦୟାର ମୂର୍ତ୍ତି
ଏ ମୋ ମନେ ଦିଅ ବିଦ୍ୟା ଶକତି ।

ଐଶ୍ୱର୍ଯ୍ୟ ଗର୍ବ ନ ଦିଅ ମୋ ମନେ
ଐକ୍ୟ ଭାବରେ ବଞ୍ଚିବି ଯତନେ ।

ଓଁ ଗଂ ଗଣପତୟେ ନମୋନମଃ
ଓଠ ମୋ ସଦା ଗାଉ ତୁମ ନାମ ।

ଔଦ୍ଧତ୍ୟ ମୋ ମନରୁ ଦୂର କର
ହେ ଗଣନାଥ ଘେନ ନମସ୍କାର ।


+ବୀରମହାରାଜପୁର,ସୁବର୍ଣ୍ଣପୁର
ମୋ-୯୭୭୭୯୧୦୭୨୮


### ଜୟଜୟ ପ୍ରଭୁ ଶ୍ରୀ ଗଣେଶ

**ନଳିନୀ ଦାଶ**

ଭାଦ୍ରବ ମାସର ଶୁକ୍ଳ ଚତୁର୍ଥୀରେ
ଜନ୍ମ ନେଲେ ଶ୍ରୀଗଣେଶ
ତାଙ୍କର ତିଥିକୁ ସରବେ ପାଳନ୍ତି
ମନରେ ଭରି ହରଷ ।
ଗାଆଁଠୁ ସହର ଉତ୍ସବ ମୁଖର
ପ୍ରଭୁ ତୁମ ଆଗମନେ
ପିଲାଏ ପୂଜନ୍ତି ଶିକ୍ଷା ନିକେତନେ
ପୂଜା ପ୍ରତି ଅନୁଷ୍ଠାନେ
ମଣ୍ଡପ ସଜେଇ ବାଜିଲାଣି ।ଣ୍ଟ
କର ଧରାବତରଣ
ପଥ ଚାହିଁ ଅଛୁ ଆସ ପ୍ରଭୁ କରି
ପାଶ ଅଙ୍କୁଶ ଧାରଣ ।

ପ୍ରଭୁ ବିନାୟକ ସିଦ୍ଧି ପ୍ରଦାୟକ
ବୁଦ୍ଧି ବିଦ୍ୟାର ଭଣ୍ଡାର
ତୁମର ଆଶିଷ ଢାଳ ଏ ଧରାରେ
ହସି ଉଠୁ ଏ ସଂସାର ।
ତୁମକୁ ପୂଜନ୍ତି ଆନନ୍ଦ ମନରେ
ମରତରେ ସବୁ ଜନ
ଜ୍ଞାନେରତ ହୋଇ ଆକାଶ ଛୁଅଁନ୍ତୁ
କରୁଅଛି ନିବେଦନ ।
ଯୁଗେଯୁଗେ ପୂଜା ପାଉଅଛ ପ୍ରଭୁ
ବୁଦ୍ଧି ଜ୍ଞାନ ବାଣ୍ଟି ଦେଇ
ହିଂସା ଈର୍ଷା ଭାବ କ୍ରୋଧ ଅହଙ୍କାର
ମନରୁ ଦିଅ ଦୂରେଇ ।

ପ୍ରଭୁ ଲମ୍ବୋଦର ବିଘ୍ନ ବିନାଶକ
ବକ୍ରତୁଣ୍ଡ ମହାକାୟ
ତୁମେ ଅଗ୍ରପୂଜ୍ୟ ମରତ ଭୂଇଁରେ
ହୁଅ ସଦା ବନ୍ଦନୀୟ ।


+ ଭିକାରିପଡା, ଶରଣକୁଳ, ନୟାଗଡ଼
ମୋ) ୯୨୩୮୯୯୬୬୪୯


### ବିଦ୍ୟାଦାତା ଶ୍ରୀ ଗଣେଶ

**ରମେଶ ଚନ୍ଦ୍ର ନାୟକ**

ଆହେ ଗଜାନନ ମୂଷିକ ବାହନ
ପାର୍ବତୀ ନନ୍ଦନ ତୁହି
ପିତା ମହାଦେବ ଭ୍ରାତା କାର୍ତ୍ତିକେୟ
ଶାସ୍ତ୍ର ମତ ଅନୁଯାୟୀ ।

ବିଘ୍ନନାଶ ରୂପେ ସର୍ବତ୍ର ପୂଜିତ
ଆଦିଦେବ ନାମେ ଗଣ୍ୟ
ପ୍ରତି ଶୁଭକାର୍ଯ୍ୟେ ପଞ୍ଚଦେବ ମଧ୍ୟେ
ଆଗେ ହୁଅ ଆବାହନ ।

ତୁମେ ଏକଦନ୍ତ ବଡ଼ ଦୟାବନ୍ତ
ନିବାରଣ କର କଷ୍ଟ
ତୁମେ ବିଦ୍ୟାଦାତା ଜ୍ଞାନର ଦେବତା
ତୁମେ ପରା ଗୁରୁ ଶ୍ରେଷ୍ଠ ।

ତୁମେ ଅଟ ଶୁଭ ତୁମେ ଅଟ ଲାଭ
ବୁଦ୍ଧି ସିଦ୍ଧି ବିନାୟକ
ବେପାର ବଣିଜେ ତୁମ ଚିହ୍ନ ବିଜେ
ସୁଖ ଶାନ୍ତି ପ୍ରଦାୟକ ।

ମାତାଙ୍କର ପାଦେ ନୂପୁରର ଶବ୍ଦେ
ସାଧିଲ ଶିକ୍ଷା ସଙ୍ଗୀତ
ପିତାଙ୍କ ଡମ୍ବରୁ ଚାରିବେଦ ପାଠ
କରିଲ ପରା ଆୟତ ।

ଭାଦ୍ରବ ମାସରେ ଶୁକ୍ଳ ଚତୁର୍ଥୀରେ
ଶ୍ରୀଗଣେଶ ଜନ୍ମଦିନ
ହିନ୍ଦୁଧର୍ମ ଶାସ୍ତ୍ରେ ଏ ଶୁଭ ଦିନକୁ
ପାଳିଥାଉ ଦେଇ ମନ ।

ଘରେ ଘରେ ହୁଏ ଶ୍ରୀଗଣେଶ ପୂଜା
ଛାତ୍ରଛାତ୍ରୀ ବିଦ୍ୟାଳୟେ
ବହି ଖାତା ଥୋଇ ଲଡୁ ଭୋଗ ଦେଇ
ପ୍ରଣମନ୍ତି ଭକ୍ତି ଲୟେ ।


+ କେଶରପୁର, ବକ୍ସି ବଜାର , କଟକ
ମୋ) ୭୯୭୮୧୫୧୭୧୦


### ଗଣେଶ ପୂଜା ଆହାକି ମଜା

**ପ୍ରଶାନ୍ତ କୁମାର ଦାଶ**

ଗଣେଶପୂଜା ଆହାକି ମଜା
ମନେ ଭକତି ଭରି
ଗଜାନନଙ୍କୁ କରିବା ପୂଜା
ଅଜ୍ଞାନ ଯିବ ସରି ।।

ସଫାସୁତୁରା କରିବା ମିଶି
ପାଠଶାଳାକୁ ଆମେ
ସଜେଇଦେବା ମେଢ଼ ତୋରଣ
ଲାଗି ମହତ କାମେ ।।

ଫୁଲ ତୋଳିବା ଗୁନ୍ଥିବା ମାଳ
ପାଠ ଦେବତା ପାଇଁ
ରାତି ପାହିବା ଆଗୁ ଉଠିବା
ସୂରୁଜ ସମ ଚେଇଁ ।।

ରାଶିରଲଡୁ ଫୁଲ ଚନ୍ଦନ
ଧୂପ ଦୀପକୁ ଦେବା
ଦେବେସେ ବୁଦ୍ଧି ଜ୍ଞାନ ଓ ପାଠ
ପାଦେ ଶରଣ ନେବା ।।

ଗିରିଜାସୁତ କରିଲେ ଦୟା
ପାଇବା ଭଲ ବାଟ
ସୁଖତ ଦେବ ପାଖେ ରହିବ
ସାରା ଜୀବନ ପାଠ ।।

ମୂଷିକ ଯାନେ ବସି ଠାକୁରେ
ପାଠଶାଳାକୁ ଆସ
ଆସିଚି ଏବେ ଧରା ଧାମକୁ
ଏଇ ଭୋଡୁଅ ମାସ ।।

ପାଠ ଓ ଶାଠ ଜ୍ଞାନର ବଳେ
ଦୁନିଆ ଯିବା ଜିଣି
ଦେଇ ପାରଇ ଧନ ଦରବ
ପାଠତ ମନଜାଣି ।।


+ କୁଞ୍ଜର ସଙ୍ଗଳାଇ, ପିପିଲି ପୁରୀ
(ମୋ) ୯୬୬୮୮୨୨୧୯୦


### ପ୍ରଭୁ ଗଜାନନ

**ପ୍ରକାଶ କୁମାର ଚାନ୍ଦ**

ଗଣପତି ଗଣନାଥ
ପ୍ରଭୁ ଗଜାନନ
ଯୋଡୁଅଛୁ ଦୁଇହାତ
ଦିଅ ଦରଶନ ।

ବୁଦ୍ଧିଦାତା ସିଦ୍ଧି ଦାତା
ପାଠର ଠାକୁର
ଅଜ୍ଞାନ କୁ ନାଶ କର
ମହେଶ କୁମର ।

ଜାଣିନାହୁଁ ମନ୍ତ୍ରପାଠ
ଅବା ପୂଜା ବିଧି
ଆଶିଷରେ ହେଉ ତୁମ
ଆମ୍ଭ କାର୍ଯ୍ୟ ସିଦ୍ଧି ।

ତୁମେ ପ୍ରଭୁ ଅଟ ପରା
ଶ୍ରେଷ୍ଠ ଏ ଜଗତେ
ସେଥିପାଇଁ ପୂଜା ପାଅ
ଆଗୁଆ ମରତେ ।

ତୁମ ଲାଗି ମଣ୍ଡପକୁ
ରଖିଛୁ ସଜେଇ
ଆମ ଲାଗି ମରତକୁ
ଆସ ହେ ଓହ୍ଲେଇ ।

ଧୂପ ଦୀପ ନୈବେଦ୍ୟ
ରଖିଛୁ ସଜାଡି
ତୋଳିଅଛୁ ଫୁଲ ପାଦେ
ଦବାକୁ ଅଜାଡି ।

ଏଇଦିନେ ତୁମ ଦୃଷ୍ଟି
ଆମ ପରେ ପଡୁ
ରଖିଅଛୁ ପ୍ରଭୁ ତୁମ
ପ୍ରିୟ ଖସାଲଡୁ ।


+ ଜୟପୁର ଶାସନ ପିପିଲି ପୁରୀ
ମୋ-୯୮୫୩୩୫୪୯୩୮

# ଜିଲ୍ଲାସ୍ତରୀୟ ଗୁରୁଦିବସ ଉତ୍ସବ ଏବଂ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ-୨୦୨୪ ଅନୁଷ୍ଠିତ

ଭବାନୀପାଟଣା, ୬/୯ (ନି.ପ୍ର): ସ୍ଥାନୀୟ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପଡିଆରେ କଳାହାଣ୍ଡି ଜିଲ୍ଲା ସ୍ତରୀୟ ଗୁରୁଦିବସ ଉତ୍ସବ ଏବଂ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ-୨୦୨୪ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର ଅଧକ୍ଷତା କରିଥିବା ବେଳେ କଳାହାଣ୍ଡି ସାଂସଦ ମାଳବିକା ଦେବୀ, ଜିଲ୍ଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ, ଭବାନୀପାଟଣା ଉପ ଜିଲ୍ଲାପାଳ ବିଶ୍ୱଜିତ ଦାଶ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବୀରେନ୍ଦ୍ର କହଁର, କଳାହାଣ୍ଡି ସାଂସଦ ପ୍ରତିନିଧି ଜୟଶଙ୍କର ନାଏକ, ଭବାନୀପାଟଣା ବ୍ଲକ ଅଧକ୍ଷ ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପବିତ୍ର ଗୁରୁଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଉଲ୍ଲେଖ କରି ଗୁରୁ ଶିଷ୍ୟ ର ପବିତ୍ର ସମ୍ପର୍କର ପରମ୍ପରାକୁ ବଜାଇ ରଖିବା ସହିତ ଛାତ୍ରଛାତ୍ରୀ ମାନେ ଭଲ ପାଠ ପଢି ଭଲ ମଣିଷ ହେବା ସହିତ ସେବା ମନୋଭାବ ନେଇ ସମସ୍ତେ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଗତ ଦଶମ ଶ୍ରେଣୀ ପରୀକ୍ଷାରେ ଜିଲ୍ଲାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୧୧୭ଜଣ ଛାତ୍ରଛାତ୍ରୀଙ୍କୁ ଡିଷ୍ଟ୍ରିକ୍ଟ ଏକାଡେମିକ୍ ଏୱାର୍ଡ ସ୍ୱରୂପ ୧୦ହଜାର ଟଙ୍କାର ପୁରସ୍କାର ରାଶି ହିସାବରେ ମୋଟ ୧୧ଲକ୍ଷ ୭୦ହଜାର ଟଙ୍କା, ସମସ୍ତ ବ୍ଲକରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୧୩୧୮ଜଣ ଛାତ୍ରଛାତ୍ରୀଙ୍କୁ ବ୍ଲକ ଏକାଡେମିକ୍ ଏୱାର୍ଡ ସ୍ୱରୂପ ୫ହଜାର ଟଙ୍କାର ପୁରସ୍କାର ରାଶି ହିସାବରେ ମୋଟ ୬୫ଲକ୍ଷ ୯୦ହଜାର ଟଙ୍କା, ଓଡ଼ିଆ ବିଷୟରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୪୫ଜଣ ଛାତ୍ରଛାତ୍ରୀଙ୍କୁ ଓଡିଆ ଭାଷା ବୃତ୍ତି ସ୍ୱରୂପ ୭ହଜାର ୫ଶହ ଟଙ୍କା ହିସାବରେ ମୋଟ ୩ଲକ୍ଷ ୩୭ହଜାର ୫ଶହ ଟଙ୍କା ପ୍ରଦାନ କରାଯାଇଥିଲା । ସମସ୍ତ ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ମଧ ଦିଆଯାଇଥିଲା । ଜିଲ୍ଲାର ଅବସରପ୍ରାପ୍ତ କୃତୀ ଶିକ୍ଷକ ଓ ପ୍ରଧାନଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ଡିଲେଶ୍ୱର ରଣା, ଶିକ୍ଷୟିତ୍ରୀ ଶ୍ରୁତି ସିଲଭା ପଣ୍ଡା, ବର୍ଷାରାଣୀ ତ୍ରିପାଠୀ । ଧନ୍ୟବାଦ ଅର୍ପଣ କରିଥିଲେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁ । ପରେ ପରେ ଭୁବନେଶ୍ୱର ଲୋକସେବା ଭବନରୁ ରାଜ୍ୟ ସ୍ତରୀୟ ଗୁରୁଦିବସ ଉତ୍ସବ ଏବଂ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହର ସିଧା ପ୍ରସାରଣ ପ୍ରଦର୍ଶନ କରାଯାଇଥିଲା । ମୋ ସ୍କୁଲ ସଂଯୋଜକ ପ୍ରଶାନ୍ତ କୁମାର ନନ୍ଦ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ସଂଯୋଜକ ବୀରେନ୍ଦ୍ର ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ସମଗ୍ର କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ଏଥିରେ ୧୩ଟି ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଡିଇଓ ଓ ଡିପିସି ଅଫିସର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

# କିଟରେ ଯୋଗାସନ କ୍ରୀଡ଼ା ରେଫରୀ ଓ ଜଜ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଭୁବନେଶ୍ୱର,୬/୦୯ (ନି.ପ୍ର): ସମଗ୍ର ବିଶ୍ୱରେ ଯୋଗକୁ ପ୍ରାଧାନ୍ୟ ଦେବାପରେ ଭାରତ ସରକାର ଯୋଗକୁ ଖେଳରେ ସାମିଲ କରିଛନ୍ତି । ଭାରତ ସରକାରଙ୍କ ଯୁବ ଓ କ୍ରୀଡା ବିଭାଗ ଅଧୀନ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ଯୋଗକୁ ଅନ୍ତର୍ଭୁକ୍ତ କରାଯାଇଛି । ଶିକ୍ଷାନୁଷ୍ଠାନର ପାଠ୍ୟକ୍ରମରେ, ସ୍ୱାସ୍ଥ୍ୟ ବିଭାଗରେ ଓ ବିଭିନ୍ନ ବିଭାଗରେ ଫିଟ୍ ନେସ୍ ପାଇଁ ଯୋଗର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ କରିଥିଲେ । ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଯୋଗ ଶିକ୍ଷକ ଓ ରେଫରୀ ଜଜ୍ ନିଯୁକ୍ତି ପାଇଁ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି । ଯୋଗାସନ ଭାରତ ପକ୍ଷରୁ ଯୋଗାସନ ସ୍ପୋର୍ଟସ ଆସୋସିଏସନ୍ ଅଫ ଓଡିଶା ଓ କିଟ୍ ସ୍ପୋର୍ଟ୍ସ ଆଣ୍ଡ ଯୋଗିକ ସାଇନ୍ସ ବିଭାଗ ଆନୁକୁଲ୍ୟରେ ଯୋଗାସନ ରେଫରୀ ଓ ଜଜ୍ ତାଲିମ୍ ଶିବିର ସାତ ଦିନ ଧରି ଅନୁଷ୍ଠିତ ହୋଇଥିଲା । ଭୁବନେଶ୍ୱର କିଟ୍ କ୍ରୀଡ଼ା ଓ ଯୋଗ ବିଭାଗ ପରିସରରେ ଅନୁଷ୍ଠିତ ଉତ୍ସବରେ ଯୋଗର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ଆଲୋଚନା ହୋଇଥିଲା । କିଟ୍ କ୍ରୀଡ଼ା ଓ ଯୋଗ ବିଭାଗର ମହାନିର୍ଦ୍ଦେଶକ ଡ଼ ଗଗନେନ୍ଦୁ ଦାଶ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କହିଲେ ଯେ କିଟ୍ ହେଉଛି ଦେଶର ପ୍ରଥମ ବିଶ୍ୱବିଦ୍ୟାଳୟ ଯାହାକି ଯୋଗାସନ ବିଚାରକ ପ୍ରଣାଳୀକୁ ପାଠ୍ୟକ୍ରମରେ ସାମିଲ କରିଛି । ଯୋଗାସନ ସ୍ପୋର୍ଟସ ଆସୋସିଏସନ୍ ଅଫ ଓଡିଶା ର ରାଜ୍ୟ ସଂଯୋଜକ ଡ଼ ସଞ୍ଜୟ କୁମାର ପଣ୍ଡା, ନିଖିଳ କୁମାର ଦଳାଇ, ମମତା ମହାନ୍ତି, ଉମାବଲ୍ଲଭ ମହାପାତ୍ର, ସରୋଜକାନ୍ତ ମହାପାତ୍ର, ପ୍ରକାଶ ଗୋଛି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲାର ସଂଯୋଜକ ଓ ପ୍ରଶିକ୍ଷାର୍ଥୀ ଉପସ୍ଥିତ ରହିଥିଲେ । ସମ୍ମାନିତ ଅତିଥି ଭାବରେ ସି.ଏ. ଦିବାକର ପ୍ରସାଦ ହରିଚନ୍ଦନ, ଡ଼ ସତ୍ୟ ନାରାୟଣ ମିଶ୍ର, ଡ଼ ମନମୋହନ ରାଉତ ଯୋଗଦାନ କରି ଏକଶହ ଛବିଶ ଜଣଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିଥିଲେ । ଏହା ପରେ ଜିଲ୍ଲାସ୍ତରୀୟ, ରାଜ୍ୟସ୍ତରୀୟ ପ୍ରତୀଯୋଗିତା କରିବାକୁ ନିଷ୍ପତ୍ତି ନିଆଯାଇଛି । ପ୍ରତ୍ୟେକ ଜିଲ୍ଲାରେ ଯୋଗାସନ ସ୍ପୋର୍ଟସ ଆସୋସିଏସନ୍ ଅଫ ଓଡିଶା ପକ୍ଷରୁ ଜିଲ୍ଲା ଶାଖା ଖୋଲିବାକୁ ପ୍ରସ୍ତାବ ଦିଆଯାଇଛି ।

# ସୋସିଆଲ ମିଡିଆ ପ୍ଲାଟଫର୍ମ ଏବଂ ସାଇବର ନିୟମ ଉପରେ ସଚେତନତା କାର୍ଯ୍ୟକ୍ରମ

ବଲାଙ୍ଗୀର, ୬/୯ (ନି.ପ୍ର): ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶ ଅନୁସାରେ ବଲାଙ୍ଗୀର ବ୍ଲକ ଅନ୍ତର୍ଗତ କୁଡାସିଂହା ବୁଢାଡଙ୍ଗର କଲେଜ ପରିସରରେ ସୋସିଆଲ ମିଡିଆ ପ୍ଲାଟଫର୍ମ ଏବଂ ସାଇବର ନିୟମ ଉପରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଶିବିରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ବଲାଙ୍ଗୀର ସଚିବ ଶ୍ରୀ ପବିତ୍ରାନନ୍ଦ ପ୍ରଧାନ, କୁଡାସିଂହା ବୁଢାଡଙ୍ଗର କଲେଜର ଅଧକ୍ଷ ଶ୍ରୀ ଛବିଳ ବାଗ, ଭାରତୀ ନାୟକ ଯୋଗ ଦେଇ ଉପସ୍ଥିତ ଅଧାପକ, ଅଧାପିକା ଓ ଛାତ୍ରଛାତ୍ରୀମାନଙ୍କୁ ସୋସିଆଲ ମିଡିଆ ପ୍ଲାଟଫର୍ମ ଏବଂ ସାଇବର ନିୟମ ଉପରେ ସଚେତନ କରାଇଥିଲେ ।

# ପ୍ରେମ ବ୍ୟାପାରରୁ ନାବାଳକଙ୍କୁ ହତ୍ୟା ଅଭିଯୋଗ

ଧର୍ମଶାଳା,୫ସେପ୍ଟେମ୍ବର(ହି.ସ.) - ଯାଜପୁର ଜିଲା ଧର୍ମଶାଳା ଥାନା ଅଂଚଳରେ ଏକ ଅଭାବନୀୟ ଘଟଣା ଘଟିଥିବା ଦେଖିବାକୁ ମିଳିଛି । ପ୍ରେମ ବ୍ୟାପାରକୁ ନେଇ ନାବାଳକଙ୍କୁ ହତ୍ୟା କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି । ଏହି ଘଟଣା ଏବେ ଜିଲାରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି । ଧର୍ମଶାଳା ଥାନା ଅନ୍ତର୍ଗତ ରଥିଆ ନିକଟସ୍ଥ ଏକ କ୍ରସର ପଛ ପଟେ ଥିବା ଏକ ନାଳ ନିକଟରେ ଘଟିଛି ଏଭଳି ଘଟଣା । ନାଳରେ ଏକ ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଦେଖିଥିଲେ । ଏହି ମୃତ ଦେହଟି ଅଭୟପୁର ଗ୍ରାମର ନରହରି ବେହେରାଙ୍କର ପୁଅ ରୁଦ୍ର ପ୍ରସାଦଙ୍କର ବୋଲି ଜଣାପଡିଥିଲା । ସେ ଘରୁ ତିନି ଦିନ ପୂର୍ବେ ଆସି ଫେରି ନ ଥିଲେ । ଆଜି ନାଳରୁ ତାଙ୍କର ମୃତଦେହ ଉଦ୍ଧାର ହୋଇଛି । ପରିବାର ପକ୍ଷରୁ ପ୍ରେମ ବ୍ୟାପାରକୁ ନେଇ ହତ୍ୟା କରାଯାଇଥିବା ନେଇ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ କରିଥିଲା । ଘଟଣାସ୍ଥଳରେ ଯାଜପୁର ଆରକ୍ଷୀ ଅଧିକ୍ଷକ ବିନିତ ଅଗ୍ରୱାଲ,ଯାଜପୁର ରୋଡ ଏସଡିପିଓ ସଂଜୟ କୁମାର ପଟ୍ଟନାୟକ ଓ ଧର୍ମଶାଳା ଥାନା ଅଧିକାରୀ ତପନ ନାୟକ ପଂହଚି ତଦନ୍ତ ଆରମ୍ଭ କରିଥିଲେ । ଏବଂ ଏହି ଘଟଣାରେ ପ୍ରଶାସନ ଗୁରୁତର ସହ ନେଇ ସନ୍ଧାନୀ କୁକୁର ଓ ସାଇଁଟିଫିକ୍ ଟିମର ସହାୟତା ନେଇଥିଲା ।

ଅଭିଯୋଗ ମୁତାବକ, ନରହରି ବେହେରାଙ୍କ ପୁଅ ରୁଦ୍ର ତିନି ଦିନ ତଳେ ଘରକୁ ଆଉ ଫେରି ନ ଥିଲେ । ଏନେଇ ପରିବାର ପକ୍ଷରୁ ପୁଅ ନିଖୋଜ ଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା । ତେବେ ଆଜି ସକାଳୁ ରଥିଆ ନିକଟରେ ଥିବା ଏକ କ୍ରସର ପଛ ପଟେ ଦେଇ ଯାଇଥିବା ଏକ ନାଳରେ ଏକ ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଦେଖି ପରିବାରଙ୍କୁ ଖବର ଦେଇଥିଲେ । ପରିବାର ଲୋକେ ଘଟଣାସ୍ଥଳରେ ପଂହଚି ଚିହ୍ନଟ କରିଥିଲେ । ଏହି ଘଟଣାକୁ ନେଇ ପୋଲିସ ଶବ ଜବତ କରି ତଦନ୍ତ ଆରମ୍ଭ କରିଛି । ତେବେ ଏକ ନିଛାଟିଆ ସ୍ଥାନକୁ ରୁଦ୍ର କିପରି ଆସିଲେ । ତାହା ସହିତ ଆଉ କିଏ ଆସି ଥିଲେ କି । ତାଙ୍କୁ ଏଠାରେ ହତ୍ୟା କରାଯାଇଛି କି । ଅନ୍ୟ ପକ୍ଷେ କଲେଜରେ ପଢୁଥିବା ତାର ସାଂଗମାନଙ୍କୁ ପୋଲିସ ପଚରାଉଚୁରା କରିବା ସହ ବିଭିନ୍ନ ଦିଗକୁ ଗୁରୁତର ସହ ନେଇ ତଦନ୍ତ ଜାରି ରଖିଛି ଜିଲା ପ୍ରଶାସନ । ଏଭଳି ଘଟଣା ଘଟିବା ପରେ ଅଭୟପୁର ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି । ପରିବାରକୁ ତରନ୍ତ ନ୍ୟାୟ ପ୍ରଦାନ ପାଇଁ ଗ୍ରାମବାସୀ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି ।

# ପୁରୀ ଜିଲ୍ଲାସ୍ତରୀୟ ଗୁରୁଦିବସ ଓ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ

ପୁରୀ, ୬/୯ (ନି.ପ୍ର): ପୁରୀ ସହରର ତାଳବଣିଆ ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ରାଜ୍ୟ ସରକାରଙ୍କ ତରଫରୁ ଆୟୋଜିତ ପୁରୀ ଜିଲ୍ଲା ସ୍ତରୀୟ ଗୁରୁ ଦିବସ ଓ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ କାର୍ଯ୍ୟକ୍ରମ ଆଡ଼ମ୍ବରପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର ମାନ୍ୟବର ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଯୋଗଦେଇ ପବିତ୍ର ଗୁରୁ ଦିବସର ମହତ୍ତ୍ୱ ବିଷୟରେ ମତପୋଷଣ କରିବା ସହ ଗୁରୁଜୀ ବୃନ୍ଦ ଦେଶର ମେରୁଦଣ୍ଡ ଗଠନ କରିବାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଆସୁଛନ୍ତି । ଛାତ୍ର ଛାତ୍ରୀମାନେ ମଧ ସେମାନଙ୍କ ସାନିଧ ଲାଭ କରି ନିଜ ନିଜର ଜୀବନକୁ ତଦନୁଯାୟୀ ଗଢ଼ି ତୋଳିବା ସହିତ ନିଜକୁ ଜଣେ ଯୋଗ୍ୟ ବ୍ୟକ୍ତିତ୍ୱ ରୂପେ ସମାଜରେ ଦଣ୍ଡାୟମାନ କରାଇଥାନ୍ତି ବୋଲି ମତବ୍ୟକ୍ତ କରିଥିଲେ । ଏହି ସମାରୋହରେ ଜାତୀୟ ଓ ରାଜ୍ୟ ସ୍ତରରେ ପୁରସ୍କୃତ ହୋଇଥିବା ମୋଟ୍ ୨୭ ଜଣ କୃତୀ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହା ବ୍ୟତୀତ ଜିଲ୍ଲାର ଛାତ୍ରଛାତ୍ରୀମାନଙ୍କୁ ୧୧୮ ଜିଲ୍ଲା ସ୍ତରୀୟ, ୧୧୧୯ ବ୍ଲକ୍ ସ୍ତରୀୟ, ମେରିଟ୍ କମ୍ ସ୍କଲରସିପ୍ ୧୫୨ ଓ ଓଡ଼ିଆ ଭାଷା ବୃତ୍ତି ୨୪୫ ସମୁଦାୟ ୧୪୪୦ ଗୋଟି ପୁରସ୍କାର ପ୍ରଦାନ କରାଯିବା ସହ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟତମ ସମ୍ମାନିତ ଅତିଥି ଭାବେ ସାଂସଦ ରାଜ୍ୟସଭା ଶୁଭାଶିଷ ଖୁଂଟିଆ, ବିଧାୟକ , ପିପିଲି ଆଶ୍ରିତ ପଟ୍ଟନାୟକ, ବିଧାୟକ, ସତ୍ୟବାଦୀ ଓମ୍ ପ୍ରକାଶ ମିଶ୍ର ବିଧାୟକ, ପୁରୀ ସୁନୀଲ କୁମାର ମହାନ୍ତି ଯୋଗଦାନ କରି ଗୁରୁ ଛାତ୍ର ର ପରମ୍ପରା ଓ ତା'ର ମହନୀୟତା ସଂପର୍କରେ ନିଜ ନିଜର ଓଜସ୍ୱୀ ବକ୍ତବ୍ୟ ପ୍ରଦାନ କରିଥିଲେ । ଶ୍ରୀଜଗନ୍ନାଥଙ୍କ ପୂଜନ ଓ ଡ଼ାଃ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ପ୍ରତିକୃତି ଫଳକରେ ମାଲ୍ୟାର୍ପଣ କରାଯିବା ପରେ ରାଜ୍ୟ ଗାନ 'ବନ୍ଦେ ଉତ୍କଳ ଜନନୀ' ର ସମୂହ ଗାନ କରାଯାଇଥିଲା । ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ, ପୁରୀ ମମତା ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀଯୁକ୍ତ ଦୀପକ କୁମାର ପାଢ଼ୀ ସ୍ୱାଗତ ଭାଷଣ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ଅନ୍ୟତମ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମରଥ ପରିଚାଳନା କରିଥିବା ବେଳେ ଶିକ୍ଷକ ବିଦ୍ୟାଧର ମିଶ୍ର, ପ୍ରତାପ କୁମାର ରାଉତ, ହରପ୍ରସାଦ ନାୟକ ଓ ଶିକ୍ଷୟିତ୍ରୀ ଅଳକାନନ୍ଦା ମଞ୍ଚ ପରିଚାଳନା କରିଥିଲେ । ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ପୁରୀ ଶ୍ରୀ ପ୍ରିୟରଞ୍ଜନ ପୃଷ୍ଟି ସଭାପତି ରୂପେ ସଭାପତିତ୍ୱ କରିଥିଲେ । ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ସନ୍ତୋଷ କୁମାର ଚୌଧୁରୀ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ମହେନ୍ଦ୍ର କୁମାର ବିଶ୍ୱାଳ ଓ ଅନ୍ୟାନ୍ୟ କର୍ମଚାରୀ ବୃନ୍ଦ ତଥା ଜିଲ୍ଲାସ୍ଥ ବିଇଓ ଓ ଡି ଏନ୍ ଓ ସମୂହ କାର୍ଯ୍ୟକ୍ରମ ପରିଚାଳନା ରେ ସହାୟତା କରିଦେଇଥିଲେ ଓ ପୁରୀ ଶିକ୍ଷକ ଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷ ଶ୍ରୀ ସନ୍ତୋଷ କୁମାର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମର ଦ୍ୱିତୀୟାର୍ଦ୍ଧରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା ।

# ପିତଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଷ୍ଟାଫ୍ ନର୍ସ ନିଯୁକ୍ତି ଦାବି

ଗଞ୍ଜାମ, ୬/୯ (ନି.ପ୍ର): ଶେରଗଡ ବ୍ଲକ ର ପିତଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଆଖପାଖ ପ୍ରାୟ ୨୦ ଖଣ୍ଡ ଗ୍ରାମର ଜନସାଧାରଣ ନିର୍ଭର କରୁଛନ୍ତି । ପ୍ରତ୍ୟେହ ଶତାଧିକ ରୋଗୀ ଏହି ଡାକ୍ତରଖାନାକୁ ଚିକିତ୍ସା ହେବାକୁ ଆସୁଥିବା ବେଳେ ଅଧିକାଂଶ ମହିଳା ମଧ ଏମାନଙ୍କ ମଧ୍ୟରେ ରହିଥିବା ଜଣାପଡିଛି, ତେବେ ଏହି ଡାକ୍ତରଖାନାରେ ମହିଳା ସ୍ୱାସ୍ଥ୍ୟ କର୍ମୀ କିମ୍ବା ଷ୍ଟାଫ୍ ନର୍ସ ନିଯୁକ୍ତି ପାଇନଥିବାରୁ ବିଶେଷ କରି ଗର୍ଭବତୀ, ପ୍ରସୂତି ଓଶିଶୁ ମାନେ ଚିକିତ୍ସା ପାଇବା କ୍ଷେତ୍ରରେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସିଡିଏମଓ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ପିତଳ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଷ୍ଟାଫ୍ ନର୍ସଙ୍କୁ ନିଯୁକ୍ତି କରିବାକୁ ଜନ ଆରୋଗ୍ୟ ସମିତିର ଏନଜିଓ ସଦସ୍ୟ ଡାକ୍ତର ହୃଷୀକେଶ ମହାନ୍ତି ଦାବି କରିଛନ୍ତି ।

# ଜିଲ୍ଲା ବ୍ରାହ୍ମଣ ସମାଜର ବାମନ ଜନ୍ମ ଓ ନୂଆଁଖାଇ ଭେଟଘାଟ ପ୍ରସ୍ତୁତି ବୈଠକ

ବଲାଙ୍ଗୀର, ୬/୯ (ନି.ପ୍ର): ନୃସିଂହ ମନ୍ଦିର ପରିସରରେ ଜିଲ୍ଲା ବ୍ରାହ୍ମଣ ମହାସଭାର ସଭାପତି ଧନଞ୍ଜୟ ମିଶ୍ରଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ତ୍ରିବାର ଓଁକାର ଉଚ୍ଚାରଣ ପୂର୍ବକ ସଭା କାର୍ଯ୍ୟ ଆରମ୍ଭ କରାଗଲା । ଜିଲ୍ଲା ବ୍ରାହ୍ମଣ ମହାସଭାର ସଦସ୍ୟ ଥିବା ଦୁଇ ଜଣ ବିଶିଷ୍ଟ ବ୍ୟକ୍ତି ବନମାଳି ହୋତା ଓ ଜଗବନ୍ଧୁ ଖମାରୀ ଶର୍ମାଙ୍କ ଦେହାନ୍ତ ହୋଇ ଯାଇଥିବାରୁ ତାଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ତା ପରେ ସର୍ବ ସମ୍ମତି କ୍ରମେ ନିମ୍ନ ଲିଖିତ ପ୍ରସ୍ତାବ ଗୁଡିକ ଗ୍ରହଣ କରାଗଲା । ଆସନ୍ତା ୧୫ ତାରିଖ ଦିନ ବାମନ ଜୟନ୍ତୀ ଓ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ନୃସିଂହ ମନ୍ଦିର ପରିସରରେ ଅନୁଷ୍ଠିତ ହେବ । ସମସ୍ତ ସଭ୍ୟ/ ସଭ୍ୟା ଅନ୍ୟୁନ ୨୦୦/- ସହଯୋଗ ରାଶି ପ୍ରଦାନ କରି ନିଜ ନିଜ ଏକା ବା ସପରିବାର ଯୋଗଦାନ କରିପାରିବେ । ଭଗବାନ ପ୍ରଭୁଦତ ଶତପଥି କର୍ତା ଓ ସନ୍ତୋଷ ଶତପଥି ଆଚାର୍ଯ୍ୟ କାର୍ଯ୍ୟ ସମ୍ପାଦନ କରିବେ । ଭଗବାନ ବାମନଙ୍କର ପୂଜନ ପରେ ନୂଆଁଖାଇ ଭେଟଘାଟ ଆରମ୍ଭ କରାଯିବ । ସଙ୍କିର୍ତନ ତ୍ରିପାଠି ଓ ଶ୍ୟାମ ସୁନ୍ଦର ଦାସ ଙ୍କୁ ଯଥାକ୍ରମେ ପର୍ଶୁରାମ ବାହିନୀ ମୁଖ୍ୟ ଓ କାର୍ଯ୍ୟକାରି ସମିତି ସଭ୍ୟ ଭାବରେ ନୂତନ ଭାବରେ ଦାୟିତ୍ୱ ଅର୍ପଣ କରାଗଲା । ଉକ୍ତ ସଭାରେ ସମ୍ପାଦକ ଜୟରାମ ମିଶ୍ର ତଥା ପର୍ଶୁରାମ ନାୟକ, ଲୋକନାଥ ନେପାକ, ଶ୍ୟାମ ସୁନ୍ଦର ଦାଶ, ଜଗନ୍ନାଥ ଷଡଙ୍ଗୀ, ଶିବ ଶଙ୍କର ଖୁଆସ, ପୁରୁଷୋତମ ପଣ୍ଡା, ସଂକିର୍ତନ ତ୍ରିପାଠି, ପ୍ରଭାକର ମିଶ୍ର, ଦାମୋଦର ଓତା, ନରେନ୍ଦ୍ର ଆଚାର୍ଯ୍ୟ, ଶିବ ରଥ, ସିଦ୍ଧେଶ୍ୱର ପାଣିଗ୍ରାହୀ, ସନ୍ତୋଷ କୁମାର ପାଣିଗ୍ରାହୀ, ପଣ୍ଡିତ ସନ୍ତୋଷ କୁମାର ଶତପଥି, ଗୋକୁଳାନନ୍ଦ ମିଶ୍ର, ଗୋପାଳ କୃଷ୍ଣ ମିଶ୍ର, ଶଙ୍କର୍ଷଣ ମିଶ୍ର ଆଦି ବିଶିଷ୍ଟ ବ୍ୟକ୍ତିବୃନ୍ଦ ଯୋଗ ଦେଇଥିଲେ । ସଭା ଶେଷରେ ସମ୍ପାଦକ ଜୟରାମ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ ।

# ପଞ୍ଚା ପାଇବା ଖୁସିରେ ବିଜୟ ଉତ୍ସବ

ପୁରୀ, ୬/୯ (ନି.ପ୍ର): ଜମି ପଞ୍ଚା ପାଇବା ଖୁସିରେ ବିଜୟନଗର ବସ୍ତି ବାସିନ୍ଦା ସଙ୍ଘ ତରଫରୁ ସମ୍ବର୍ଦ୍ଧନା ଏବଂ ବିଜୟ ଉତ୍ସବ ପାଳିତ ହୋଇଯାଇଛି । ଦୀର୍ଘ ୬ ବର୍ଷ ଆନ୍ଦୋଳନ ପରେ ବିଜୟନଗର ବସ୍ତି ବାସିନ୍ଦାଙ୍କୁ ୨୬୮ ଜଣଙ୍କୁ ପଞ୍ଚା ପ୍ରଦାନ କରାଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୁବନେତା ଆଲୋକ କୁମାର ଦାଶ, ରାଜସ୍ୱ ନିରୀକ୍ଷକ ପ୍ରଶାନ୍ତ କୁମାର ସେଠି, ବଳିଆପଣ୍ଡା ରାଜସ୍ୱ ନିରୀକ୍ଷକ ପ୍ରିୟବ୍ରତ ବେହେରା, ରାଜସ୍ୱ ନିରୀକ୍ଷକ ସୋମ୍ୟରଞ୍ଜନ ନାୟକ, ଅମିନ ଫାଲଗୁନି ପ୍ରଧାନ, ଓଡିଶା ସାମ୍ବାଦିକ ସଙ୍ଘର ଜିଲ୍ଲା ସଭାପତି ବିଜୟ କୁମାର ମିଶ୍ର, ସାମ୍ବାଦିକା ରାଜଶ୍ରୀ ସାହୁ, ସାମ୍ବାଦିକା ଲିନୁ ନାୟକ, ସାମ୍ବାଦିକ ଶୈଳେନ୍ଦ୍ର ଆଚାର୍ଯ୍ୟ, ସାମ୍ବାଦିକ ଆଲୋକ ଆଶୁତୋଷ, ବଳିଆପଣ୍ଡା ଇଲେକ୍ଟ୍ରି ଡିଭିଜନ ମ୍ୟାନେଜର ରଶ୍ମି ରଞ୍ଜନ ସାହୁ ଯୋଗ ଦେଇଥିଲେ । ବହୁଦିନର ସଂଘର୍ଷ, ଘେରାଉ, ଅନଶନ ପରେ ଏହି କାର୍ଯ୍ୟ ହାସଲ ହୋଇଛି । ବସ୍ତି ସମ୍ପାଦକ ମନୋଜ କୁମାର ମଣ୍ଡଳ ସଭା ପରିଚାଳନା କରିଥିଲେ । ବସ୍ତି କମିଟି ମେମ୍ବର ମାନଙ୍କୁ ସମ୍ମାନିତ କରାଯାଇଥିଲା । ବସ୍ତି ସଭାପତି ବାସନ୍ତୀ ମୁଦି ଧନ୍ୟବାଦ ଅର୍ପଣ କରିଥିଲେ । ବସ୍ତିର କୁନି କୁନି କଳା କାରଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଦିବ୍ୟାଙ୍ଗ ଦମ୍ପତି ପ୍ରଧାନମନ୍ତ୍ରୀ ଆବାସ ଗୃହ ପାଇଁ ଉପଜିଲ୍ଲାପାଳଙ୍କୁ ଲିଖିତପତ୍ର ପ୍ରଦାନ

ଜୟପୁର, ୬/୯ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ କଙ୍ଗା ଗ୍ରାମପଂଚାୟତର କ୍ଷେସନ୍ କଙ୍ଗା ର ପଦୁ ହରିଜନ ଏବଂ ତାଙ୍କ ପତ୍ନୀ ମଣିମା ହରିଜନ ଦୁହେଁ ଦିବ୍ୟାଙ୍ଗ ଅଟନ୍ତି । ଏବଂ ଦୁହେଁ ଅତି ଶୋଚନୀୟ ଅବସ୍ଥାରେ ଜୀବନ ବିତାଉଥିବା ଉପଜିଲ୍ଲାପାଳଙ୍କୁ ପ୍ରଦାନ କରିଥିବା ପତ୍ରରେ ଉଲ୍ଲେଖ କରାଯାଇଛି । ସରକାର ଦେଉଥିବା ଭତା ପାଉଛନ୍ତି । କିନ୍ତୁ ସେମାନଙ୍କ ଚଳିବାରେ ନିଅଣ୍ଟ ହେଉଥିବା ପଦୁ କହିଛନ୍ତି । ବୟସ ଓ ଏହି ବିକଳାଙ୍ଗ ଅବସ୍ଥାରେ କାମ କରି ପେଟ ପାଟଣା ମଧ କରିବାରେ ସେମାନେ ସକ୍ଷମ ନୁହନ୍ତି ବୋଲି ପଦୁ ହରିଜନ କହିଛନ୍ତି । ଗୋଟିଏ ଭଙ୍ଗା ଘରେ ସେମାନେ ରହୁଥିବା ବେଳେ ଚଳିତ ବର୍ଷାରେ କେତେବେଳେ କାନ୍ଥ ଭୁଶୁଡ଼ି ପଡ଼ିବ ତାହା କହିହେବ ନାହିଁ ବୋଲି ପଦୁ ହରିଜନ କହିଛନ୍ତି । ସରକାର ସ୍ୱାମୀ ଓ ସ୍ତ୍ରୀ ଦୁହେଁ ଙ୍କୁ ୧୦ ହଜାର ଟଙ୍କା ପ୍ରଦାନ କରିଥିବା ସେ କହିଛନ୍ତି । କିନ୍ତୁ ସେ ଟଙ୍କା ମଧ ତାଙ୍କ ପାଖରେ ରହିଲା ନାହିଁ ବୋଲି ପଦୁ ଦେଇଥିବା ପତ୍ରରେ ଉଲ୍ଲେଖ କରିଛନ୍ତି । ଏବଂ ଦୁହେଁ ସ୍ୱାମୀ ଓ ସ୍ତ୍ରୀ ରହିବା ପାଇଁ ପ୍ରଧାନମନ୍ତ୍ରୀ ଆବାସ ଗୃହ ସରକାରଙ୍କ ତରଫରୁ ଯୋଗାଇ ଦେବାକୁ ଦାବୀ କରି ଜୟପୁର ଉପଜିଲ୍ଲାପାଳଙ୍କୁ ଏକ ଲିଖିତ ପତ୍ର ପ୍ରଦାନ କରିଛନ୍ତି ।

# ସଂଖ୍ୟା ଲଘୁ ଡେଭଲପମେଣ୍ଟ ଟ୍ରଷ୍ଟ ପକ୍ଷରୁ ଶିକ୍ଷକ ପ୍ରତିଭା ସମ୍ମାନ

କେନ୍ଦ୍ରାପଡ଼ା,୫/୦୯ (ନି.ପ୍ର): ପବିତ୍ର ଗୁରୁ ଦିବସ ଉପଲେକ୍ଷ କେନ୍ଦ୍ରାପଡା ମାଇନେରଟି ଡେଭଲପେମଣ୍ଟ ଟ୍ରଷ୍ଟ ଓ ଉର୍ଦ୍ଦୁ ଲାଇବ୍ରେରୀ କମିଟି ପକ୍ଷରୁ ଶିକ୍ଷକ ପ୍ରତିଭା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉର୍ଦ୍ଦୁ ଲାଇବ୍ରେରୀ କମିଟିର ସଭାପତି ସୟଦ ଅକମଲ ଅଲ୍ଲୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ କେନ୍ଦ୍ରାପଡା ପୌର ଅଧକ୍ଷା ଶ୍ରୀମତୀ ସରିତା ସାହୁ, ବ୍ଲକ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ଦଳାଇ, ସହକାରୀ ନିର୍ଦ୍ଦେଶକ ସକ୍ରେଟ ଭୁବେନଶ୍ୱର ର ଡ଼ଃ ପୂର୍ଣ୍ଣଚନ୍ଦ୍ର ବ୍ରହ୍ମା, ଅତିରିକ୍ତ ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଡ଼ଃ ଦୟାସିନ୍ଧୁ ପରିଡା ପ୍ରମୁଖ ଯୋଗ ଦେଇ ଜିଲ୍ଲାର ୯ଟି ବ୍ଲକ ଓ ୨ଟି ପୌରାଂଚଳ ର ୩୯ ଜଣ ଶିକ୍ଷକ, ଅବସର ପ୍ରାପ୍ତ ଶିକ୍ଷକ, ପ୍ରଧାନ ଶିକ୍ଷକ, ଏବିଇଓ, ସିଆରସିସି ପ୍ରମୁଖଙ୍କୁ ଶିକ୍ଷକ ପ୍ରତିଭା ସମ୍ମାନେର ସମ୍ମାନିତ କରାଯାଇଛି । ଏହି ପ୍ରତିଭାକାରୀ ମାନଙ୍କୁ ମାନପତ୍ର, ଉପେଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ ।

# ମାହେଶ୍ୱରୀ ସଂଗଠନ ପାଳନକଲା ଦ୍ୱାରରୁ ଶ୍ରାଦ୍ଧ ଦିବସ

ବଲାଙ୍ଗୀର, ୬/୯ (ନି.ପ୍ର): ସାଲେପାଲି ବାର୍ଦ୍ଧକ୍ୟ ଆବାସ ଠାରେ ଗତ ପବିତ୍ର ଜନ୍ମାଷ୍ଟମି ଦିନ ସ୍ୱର୍ଗାରୋହଣ କରିଥିବା ଦ୍ୱାରୁର ଶ୍ରାଦ୍ଧ ଦିବସ ଆଜି ପାଳନ କରାଯାଇଛି । ବଲାଙ୍ଗିର ସହରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାହେଶ୍ୱରୀର ନିର୍ଦ୍ଦେଶକ ଅଙ୍କୁଶ କୁମାର ପାଣ୍ଡିଆ କହିଥିଲେ ଯେ ଦ୍ୱାରୁର ମୃତ୍ୟୁ ଆମ ପାଇଁ ଏକ ଶିକ୍ଷା । ମଣିଷ କେବଳ ଧନ, ସମ୍ପତି, କ୍ଷମତା ଇତ୍ୟାଦି ରେ ଜନମାନସକୁ ପ୍ରଭାବିତ କରେ ନାହିଁ, ସରଳ ଜୀବନଟିଏ ମଧ ସମାଜକୁ ପ୍ରଭାବିତ କରିପାରେ, ଏହା ହିଁ ଦ୍ୱାରୁର ଜୀବନରେ ପ୍ରତିଫଳିତ ହୋଇଛି । ତାପରେ ଅନ୍ତେବାସୀ ଗଣ, କର୍ମଚାରୀମାନେ ଏବଂ ମାହେଶ୍ୱରୀର ସମସ୍ତ ସଭ୍ୟ ଦ୍ୱାରୁ ଙ୍କ ଉଦେଶ୍ୟରେ ଏକ ମିନିଟ ନୀରବ ପ୍ରାର୍ଥନା କରି ଦ୍ୱାରୁ ବଲାଙ୍ଗିର ସହର ତଥା ଅଂଚଳରେ କେତେ ଜଣାଶୁଣା ଥିଲେ ସେ ବିଷୟ ରେ ତାଙ୍କର ଗୁଣ ଗାନ କରିଥିଲେ । ସଭାପତି ଶୋଭନ ଅଗ୍ରୱାଲ, ଆଶୁତୋଷ ବାଗ, ବିବେକାନନ୍ଦ ପଟେଲ, ଶୁଭମ ପଧାନ, ଜିତେନ୍ଦ୍ର ସାହୁ, ସଭ୍ୟ ହୃଦୟନନ୍ଦ ଷଡଙ୍ଗୀ, ବାର୍ଦ୍ଧକ୍ୟ ଆବସର କର୍ମି ଶିବ ପ୍ରସାଦ ସାହୁ, ରମାକାନ୍ତ ସାହୁ, ସୁରେଶ ମହାକୁଡ, ଚତୁର୍ଭୁଜ ଭୋଇ, ସଞ୍ଜୁ ବିଶ୍ୱାଲ ସହଯୋଗ କରିଥିଲେ ।

# ଖୋଲୁଛି ନକଲି ପୁଲିସ ଇନ୍ସପେକ୍ଟର ସୁବାସ କହଁରର ଗୁମର

ଭୁବନେଶ୍ୱର, ୬/୯ (ନି.ପ୍ର): ନକଲି ପୁଲିସ ଇନ୍ସପେକ୍ଟର ସୁବାସ କହଁରର ଗୁମର ଖୋଲିବାରେ ଲାଗିଛି । ଡୁମୁଡୁମା ଅଂଚଳର ଜଣେ ମହିଳାଙ୍କୁ ଦଶ ଲକ୍ଷ ଟଙ୍କା ଠକିଥିବା ନେଇ ଆଜି ଖଣ୍ଡଗିରି ଥାନାରେ ଅଭିଯୋଗ ହୋଇଛି । ପୁଲିସ ତାଙ୍କ ଅଭିଯୋଗକୁ ଭିତ୍ତିକରି ଏକ ମାମଲା ରୁଜୁ କରିଛି । ନକଲି ପୁଲିସ ନାମରେ ଏହାକୁ ମିଶାଇ ଖଣ୍ଡଗିରି ଥାନାରେ ଦୁଇଟି ଓ ଲକ୍ଷ୍ମୀସାଗର ଥାନାରେ ଗୋଟିଏ ମାମଲା ରୁଜୁ କରାଯାଇଛି । ସୁବାସ ନାମରେ ମାମଲା ସଂଖ୍ୟା ୩ ରେ ପହଂଚିଛି । ଅଭିଯୋଗ ଅନୁଯାୟୀ, ଡୁମୁଡୁମା ଅଂଚଳର ବିଧବା ମହିଳା ଟେଲରିଂ କରି ପରିବାର ଚଳାନ୍ତି । ସେ ୨୦୨୧ ମସିହାରେ ଟ୍ରେନରେ ବ୍ରହ୍ମପୁର ଯାଉଥିବା ବେଳେ ନକଲି ପୁଲିସ ଇନ୍ସପେକ୍ଟର ସୁବାସ ମଧ ସେହି ଟ୍ରେନରେ ତାର ତୃତୀୟ ପତ୍ନୀଙ୍କ ବାପଘର ବାଲୁଗାଁ ଯାଉଥିଲା । ଟ୍ରେନ ଭିତରେ ହିଁ ସୁବାସ ଓ ମହିଳାଙ୍କ ମଧ୍ୟରେ ପରିଚୟ ହୋଇଥିଲା । ଏମିତିକି ଟ୍ରେନରେ କୌଣସି କାରଣରୁ ଝଗଡ଼ା ହେବାରୁ ସୁବାସ ନିଜକୁ ପୁଲିସ ଇନ୍ସପେକ୍ଟର ପରିଚୟ ଦେଇ ଝଗଡ଼ା ସମାଧାନ କରିଥିଲା । ଟ୍ରେନରୁ ଆରମ୍ଭ ହୋଇଥିବା ସମ୍ପର୍କ ଧିରେ ଧିରେ ପ୍ରେମର ରୂପ ନେଇଥିଲା । ଆରମ୍ଭରୁ ପୁଲିସ ଇନ୍ସପେକ୍ଟର ବୋଲି ପରିଚୟ ଦେଇଥିବା ସୁବାସ ପରବର୍ତ୍ତୀ ସମୟରେ ଅବିବାହିତ କହିଥିଲା । ବିଧବା ମହିଳାଙ୍କୁ ବିବାହ କରିବାର ପ୍ରତିଶ୍ରୁତି ଦେଇ ଆଗକୁ ବଢ଼ିଥିଲା । ବିଭିନ୍ନ ଅସୁବିଧାର ଆଳ ତାଙ୍କ ଠାରୁ ପ୍ରାୟ ଦଶ ଲକ୍ଷ ଟଙ୍କା ଧାର ନେଇଥିଲା । ମହିଳା ଜଣକ ବ୍ୟାଙ୍କରେ ସୁନାଗହଣା ବନ୍ଧକ ରଖି ଆଣି ସୁବାସକୁ ଟଙ୍କା ଦେଇଥିଲେ । ସୁବାସ ମଝିରେ ମଝିରେ ଡୁମୁଡୁମା ଆସି ମହିଳାଙ୍କ ନିକଟରେ ରହୁଥିବାରୁ ତାଙ୍କର କୌଣସି ସନ୍ଦେହ ହୋଇନଥିଲା । ଏମିତିକି ଚଳିତବର୍ଷ ଶେଷ ଆଡ଼କୁ ମହିଳାଙ୍କୁ ବିବାହ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା । ହେଲେ ଗତ ରବିବାର ଦିନ ଖଣ୍ଡଗିରି ଥାନା ପୁଲିସ ସୁବାସକୁ ଗିରଫ କରିଥିବା ଜାଣିବା ପରେ ମହିଳା ଜଣକ ଆଜି ଖଣ୍ଡଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୁଲିସ ଏକ ମାମଲା ରୁଜୁ କରିଛି । ସେପଟେ ସୁବାସକୁ ୩ ଦିନିଆ ରିମାଣ୍ଡରେ ଆଣିବା ଲାଗି ପୁଲିସ କୋର୍ଟରେ ଆବେଦନ କରିଥିଲା । ଦୁଇ ଦିନ ପାଇଁ ରିମାଣ୍ଡରେ ନେବାକୁ କୋର୍ଟ ଅନୁମତି ଦେଇଛନ୍ତି । ଆସନ୍ତାକାଲି ଠାରୁ ସୁବାସକୁ ରିମାଣ୍ଡରେ ଆଣିବ ଖଣ୍ଡଗିରି ଥାନା ପୁଲିସ । ତାକୁ ପଚରାଉଚରା ପରେ ପୁରା ଘଟଣା ଉପରୁ ପରଦା ହଟିବ ।

# କ୍ଷେସନ କଙ୍ଗା ଗ୍ରାମବାସୀ ବିଭିନ୍ନ ସମସ୍ୟା ନେଇ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ଜୟପୁର, ୬/୯ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ କଙ୍ଗା ଗ୍ରାମପଞ୍ଚାୟତର କ୍ଷେସନ୍ କଙ୍ଗା ଗ୍ରାମବାସୀ ମାନେ ବିଭିନ୍ନ ସମସ୍ୟା ନେଇ ଆଜି ଜୟପୁର ଉପଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଗ୍ରାମରେ କୌଣସି ପ୍ରକାରର କମ୍ୟୁନିଟି ହଲ୍ କିମ୍ବା କୌଣସି ଗୃହ ନାହିଁ । ଯାହା ଫଳରେ କି ଗ୍ରାମର ବିଭିନ୍ନ କାର୍ଯ୍ୟ କିମ୍ବା ଭଲ,ମନ୍ଦ କାର୍ଯ୍ୟ କରିବା କିମ୍ବା କୌଣସି ବୈଠକ କରିବା ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ହରିଜନ ସାହିର ବାସିନ୍ଦା ମାନେ ଏକ ଲିଖିତ ଦାବିପତ୍ର ଜୟପୁର ଉପଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ଏବଂ ଗ୍ରାମରେ ଏକ କ୍ଲବ ଗୃହ ଦେବାକୁ ଦାବି କରିଛନ୍ତି । ସେପଟେ ଗ୍ରାମରେ ଥିବା ବିଦ୍ୟାଳୟ ରାସ୍ତା ମଧ ଅତି ଶୋଚନୀୟ ହୋଇପଡିଛି ଯାହା ଫଳରେ କି ସ୍କୁଲ ପିଲାମାନେ ସ୍କୁଲ ଯିବା ଆସିବା କରିବା ନିମନ୍ତେ କଷ୍ଟ ହେଉଥିବା ମଧ ଏହି ଦାବିପତ୍ରରେ ଉଲ୍ଲେଖ କରାଯାଇଛି । କ୍ଷେସନ କଙ୍ଗାର ହରିଜନ ସାହିରେ ଏକ କ୍ଲବ୍ ଗୃହ ଏବଂ ବିଦ୍ୟାଳୟ ରାସ୍ତା ମରାମତି ପାଇଁ ସ୍ଥାନୀୟ ଗ୍ରାମବାସୀ ମାନେ ଉପଜିଲ୍ଲାପାଳଙ୍କୁ ଅନୁରୋଧ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।

# ଜୟପୁର ପୌରପାଳିକାକୁ ଆସିଲା ଗାଡ଼ି ଟାଣିବା ମେସିନ୍

ଜୟପୁର, ୬/୯ (ନି.ପ୍ର): ଜୟପୁର ପୌରପାଳିକାକୁ ଆସିଲା ଗାଡି ଟାଣିବା ମେସିନ୍ । ଏହା ଦ୍ୱାରା ଗାଡ଼ି ଟାଣିବା ସହଜ ହେବ । ରାସ୍ତା କଡ଼ରେ ରହୁଥିବା ଗାଡ଼ିକୁ ପୌରପାଳିକା ଟାଣିବା ଲକ୍ଷ୍ୟ ରଖିଛି । ଏ ସଂପର୍କରେ ଜୟପୁର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ କହିଛନ୍ତି ଯେ, ସହରରେ କେତେକ ଅମାନିଆ ଗାଡ଼ି ମାଲିକ ଏବଂ ସୋ'ରୁମ୍ ମାଲିକ ଜାତୀୟ ରାଜପଥ ଏବଂ ମୁଖ୍ୟ ରାସ୍ତାକୁ ଅବରୋଧ କରିବା ଭଳି ଗାଡ଼ି ପାର୍କିଂ କରୁଛନ୍ତି । ସେମାନଙ୍କ ଉଦ୍ଦେଶ୍ୟରେ ବାରମ୍ବାର ପ୍ରଶାସନ ସଚେତନତା କରାଇଛି । କିନ୍ତୁ ସେମାନେ ଶୁଣିବାକୁ ନାରାଜ । ଯଦ୍ୱାରା ରାସ୍ତା ଅବରୋଧ ହୋଇ ଚାଲିଛି । ଏହି ମେସିନ୍ ପ୍ରଶାସନ ପକ୍ଷରୁ କୋରାପୁଟରୁ ଅଣାଯାଇଛି । ଏହା ଦ୍ୱାରା ରାସ୍ତା ଅବରୋଧ କରୁଥିବା ଗାଡ଼ି ଗୁଡ଼ିକୁ ଉଠାଯିବ । ବିଶେଷକରି ଜୟପୁର ଟାଉନ୍ ଏବଂ ସଦର ପୋଲିସ୍ ଏହି ଦାୟିତ୍ୱ ନେଇଛି । ଜୟପୁର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶ ମୁତାବକ ଏହି ମେସିନ୍ ଆସନ୍ତା ଦିନରେ ବେଆଇନ ପାର୍କିଂ କରୁଥିବା ଗାଡ଼ିକୁ ଥାନାକୁ ଉଠାଇ ଆଣିବ ଏବଂ ସେମାନଙ୍କ ବିରୁଦ୍ଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଆଜି ସ୍ଥାନୀୟ ବାସିନ୍ଦାଙ୍କ ଉଦ୍ଦେଶ୍ୟରେ ସୂଚନା ପ୍ରଦାନ କରିଛନ୍ତି ।

# ବାଲେଶ୍ୱରରେ 'ଜୁଡିସିଆଲ ହବ୍' ଏବଂ 'କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର' ପ୍ରତିଷ୍ଠା ଦାବିରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସଦର ବିଧାୟକ ମାନସ କୁମାର ଦତ୍ତ

ବାଲେଶ୍ୱର, ୬/୯ (ନି.ପ୍ର): ଜୁଡିସିଆଲ ହବ୍ ପ୍ରତିଷ୍ଠା ଦିଗରେ ପ୍ରଚେଷ୍ଟା ଆଉ ଟିକିଏ ତ୍ୱରାନ୍ୱିତ କରିଛନ୍ତି ସଦର ବିଧାୟକ ମାନସ କୁମାର ଦତ୍ତ । ଗତ ୨ ତାରିଖ ବିଧାନସଭାର ପ୍ରଶ୍ନକାଳରେ ଏ ନେଇ ରାଜ୍ୟ ସରକାରଙ୍କ ପଦକ୍ଷେପ ସମ୍ପର୍କରେ ପ୍ରଶ୍ନ ଉଠାଇଥିବା ବେଳେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ ସହ ଶ୍ରୀ ଦତ୍ତ ବାଲେଶ୍ୱର ସହରର ଆଇଟିଆଇ ଛକ ନିକଟ ଜଳସମ୍ପଦ ବିଭାଗ ଅଧିନରେ ଥିବା ଜମିରେ ଜୁଡିସିଆଲ ହବ ପ୍ରତିଷ୍ଠା ପାଇଁ ଦାବି ଜଣାଇଛନ୍ତି । ଏ ଦିଗରେ ଅନ୍ତର୍ବିଭାଗୀୟ ପ୍ରତିବନ୍ଧକ ଦୂର ପାଇଁ ଶ୍ରୀ ଦତ୍ତ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି । ସମ୍ପ୍ରତି ବାଲେଶ୍ୱରର ବିଚାର ବିଭାଗୀୟ କାର୍ଯ୍ୟ ସ୍ଥାନୀୟ କଚେରୀ ବଜାରର ସ୍ୱଳ୍ପ ସ୍ଥାନରେ ସମ୍ପାଦିତ ହେଉଥିବା ବେଳେ ଅତ୍ୟଧିକ ଗହଳି ଯୋଗୁଁ ଦୈନନ୍ଦିନୀ କାର୍ଯ୍ୟ ପରିଚାଳନାରେ ଘୋର ସମସ୍ୟା ଦେଖାଦେଉଛି । ଓଡିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ବାଲେଶ୍ୱର ଗସ୍ତ ଅବସରରେ ଜୁଡିସିଆଲ ହବ୍ ପାଇଁ ଆଇଟିଆଇ ଛକ ନିକଟ ଜଳସମ୍ପଦ ବିଭାଗ ଅଧିନରେ ଥିବା ଜମିକୁ ପସନ୍ଦ କରିଥିଲେ । କ୍ରମବର୍ଦ୍ଧମାନ ତଥା ବିକାଶନ୍ମୁଖୀ ସହର ପାଇଁ ସମ୍ପୃକ୍ତ ସ୍ଥାନଟି ଏକମାତ୍ର ଉପଯୁକ୍ତ ବୋଲି ସାଧାରଣରେ ମଧ୍ୟ ମତ ପ୍ରକାଶ ପାଇଛି । ଏହି କ୍ରମରେ ବାଲେଶ୍ୱର ଜିଲ୍ଲା ଓ ଦୌରା ଜଜ ଏବଂ ଜିଲ୍ଲାପାଳ ଗତ ଅଗଷ୍ଟ ମାସ ୨୦ ତାରିଖରେ ପତ୍ର ସଂଖ୍ୟା ୪୯୪୩ ମାଧ୍ୟମରେ ଜଳସମ୍ପଦ ବିଭାଗ ଅଧୀନରେ ଥିବା ଜମିକୁ ଅଧିଗ୍ରହଣ ପାଇଁ ପ୍ରସ୍ତାବ ଦେଇଛନ୍ତି । ଜଳସମ୍ପଦ ବିଭାଗର ଜମିକୁ ଜୁଡିସିଆଲ ହବ୍ ପ୍ରତିଷ୍ଠା ପାଇଁ ହସ୍ତାନ୍ତର ସହ ବର୍ତ୍ତମାନ ପରିଚାଳିତ ବିଚାର ବିଭାଗ ଅଧିନ ଗୃହଗୁଡିକରେ ଜଳସେଚନ ବିଭାଗକୁ ସ୍ଥାନାନ୍ତର ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି । ସମ୍ପୃକ୍ତ ଜମି ଅଧିଗ୍ରହଣ ହେବା ପରେ ସରକାର ବାଲେଶ୍ୱରରେ ଜୁଡ଼ିସିଆଲ ହବ ପ୍ରତିଷ୍ଠା ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରିବେ ବୋଲି ବିଧାନସଭାରେ ଆଇନ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ ସୂଚନା ଦେଇଥିବା ବିଧାୟକ ଶ୍ରୀ ଦତ୍ତ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ । ତେବେ ଏହି ପ୍ରସ୍ତାବ ସମ୍ପ୍ରତି ଜଳସମ୍ପଦ ବିଭାଗର ସଚିବସ୍ତରରେ ବିଚାରଧୀନ ରହିଛି । ଆଇନ ବିଭାଗ ପକ୍ଷରୁ ବାଲେଶ୍ୱରରେ ଜୁଡ଼ିସିଆଲ ହବ ପ୍ରତିଷ୍ଠା ନେଇ ବିଧିବଦ୍ଧ ନିଷ୍ପତ୍ତି ସହ ବିଭାଗୀୟ ଜମି ହସ୍ତାନ୍ତର ପାଇଁ ସମ୍ମତି ଦେଇ ସାରିଥିବା ବେଳେ ଜୁଡିସିଆଲ ହବ ପ୍ରତିଷ୍ଠା ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ ପାଇଁ ସରକାରୀସ୍ତରରେ ଉଦ୍ୟମ ନିମନ୍ତେ ବିଧାୟକ ଶ୍ରୀ ଦତ୍ତ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ନିବେଦନ କରିଛନ୍ତି । ଏ ନେଇ ସେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି । ସେହିପରି ବାଲେଶ୍ୱର ଜିଲ୍ଲାରେ କୃଷି ଉପରେ ପ୍ରୋସାହନ ଓ ଗବେଷଣା ପାଇଁ ନୂତନ 'କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର' ପ୍ରତିଷ୍ଠା ପାଇଁ ବିଧାୟକ ଶ୍ରୀ ଦତ୍ତ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି । ବାଲେଶ୍ୱର ଜିଲ୍ଲାର ଧାନ, ପାନ ଓ ମୀନର ଉତ୍ତର ଓଡିଶାରେ କୃଷିର ଏନ୍ତୁଡିଶାଳ ଭାବେ ପରିଚିତ । ରାଜ୍ୟର ଭାତହାଣ୍ଡି ଭାବେ ବାଲେଶ୍ୱର ପ୍ରଖ୍ୟାତ ଥିଲା । ବାଲେଶ୍ୱର ଜିଲ୍ଲାବାସୀଙ୍କ ପାଇଁ କୃଷି ହେଉଛି ଅର୍ଥନୀତିର ମୁଖ୍ୟ ଆଧାର । ଜିଲ୍ଲାର ସର୍ବାଧିକ ଲୋକ ଚାଷ ଉପରେ ନିର୍ଭର କରନ୍ତି । ଉପକୂଳ ଜିଲ୍ଲା ଭାବେ ବାଲେଶ୍ୱରର ଉଷ୍ମ ଏବଂ ଆଦ୍ର ଜଳବାୟୁ ସହ ଉର୍ବର ମାଟି କୃଷି ଉତ୍ପାଦନରେ ସହାୟକ ହୋଇଥାଏ । ମାତ୍ର କୃଷିର ଉନ୍ନତି ନିମିତ୍ତ ଆନୁସଙ୍ଗିକ ଜଳସେଚନ, ଉତ୍ପାଦିତ ଶସ୍ୟାଦିର ଉପଯୁକ୍ତ ସଂରକ୍ଷଣ ବ୍ୟବସ୍ଥା, ଉତ୍ପାଦିତ ସାମଗ୍ରୀ ବିକ୍ରୟର ସୁବ୍ୟବସ୍ଥା ଏବଂ କୃଷି ଭିତ୍ତିକ ଶିକ୍ଷ ପାଇଁ ବାଲେଶ୍ୱର ଜିଲ୍ଲା ଏ ଯାବତ ସୁଯୋଗ ସୃଷ୍ଟି ହୋଇପାରିନାହିଁ । କୃଷି କ୍ଷେତ୍ରର ବିକାଶ ତଥା ଉନ୍ନତି ପାଇଁ ନୂତନ କୃଷି ବିଜ୍ଞାନ ଶିକ୍ଷା, ଗବେଷଣା ଦିଗରେ ସମ୍ପ୍ରସାରଣ ଏକାନ୍ତ ଅପରିହାର୍ଯ୍ୟ ହୋଇପଡିଛି । ଯେଉଁ ଅଂଚଳରେ କୃଷି ଓ ବୈଷୟିକ ମହାବିଦ୍ୟାଳୟ ତଥା କୃଷି ଗବେଷଣା ଅନୁଷ୍ଠାନ ପ୍ରତିଷ୍ଠା ହୋଇପାରିଛି, ସେହି ଅଂଚଳରେ କୃଷି ଉତ୍ପାଦନରେ ବ୍ୟାପକ ଉନ୍ନତି ଆସିପାରିଛି । ବାଲେଶ୍ୱର ଜିଲ୍ଲାରେ 'କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର' ପ୍ରତିଷ୍ଠା ଦ୍ୱାରା କୃଷି ଉତ୍ପାଦନ ବଢିବା ସହ ନୂଆ ଟେକ୍ନୋଲଜି ପ୍ରୟୋଗ ମାଧ୍ୟମରେ ଯୁବପିଢି କୃଷି କ୍ଷେତ୍ର ପ୍ରତି ଆଗ୍ରହୀ ହେବେ । ସ୍ଥାନୀୟ ଅଂଚଳରେ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ମାଧ୍ୟମରେ କୃଷି ଉତ୍ପାଦନକୁ ଦ୍ୱିଗୁଣିତ ସହ କୃଷି ସହ ଜଡିତ ଆନୁସଙ୍ଗିକ ଶିଳ୍ପକୁ ପ୍ରୋତ୍ସାହନ ମିଳିପାରିବ । ଏହା ଚାଷୀଙ୍କ ଆୟକୁ ବୃଦ୍ଧି କରିବାରେ ସହାୟକ ହେବ ବୋଲି ବିଧାୟକ ଶ୍ରୀ ଦତ୍ତ ଯୁକ୍ତି ଦର୍ଶାଇଛନ୍ତି । ରାଜ୍ୟରେ ନବଗଠିତ ସରକାର କୃଷିର ଉନ୍ନତି ପାଇଁ ପ୍ରାଥମିକତା ଦେଉଥିବାରୁ ବାଲେଶ୍ୱରରେ ନୂତନ କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର ପ୍ରତିଷ୍ଠା ପାଇଁ ଜିଲ୍ଲାବସୀଙ୍କ ପକ୍ଷରୁ ବିଧାୟକ ଶ୍ରୀ ଦତ୍ତ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ନିବେଦନ ସହ ଦାବିପତ୍ର ପ୍ରଦାନ କରିଛନ୍ତି ।

# ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ କୃଷି ବିଜ୍ଞାନ କେନ୍ଦ୍ର ପରିଦର୍ଶନ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ




ଲଙ୍ଗଳେଶ୍ୱର, ୬/୯ (ନି.ପ୍ର): ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ଶୁକ୍ରବାରବାଲିଆପାଳ ସ୍ଥିତ ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ର ପରିଦର୍ଶନ କରିବା ସହିତ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ଆହ୍ୱାନ କ୍ରମେ ମାଆଙ୍କ ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ଗଛ ଲଗାଇଥିଲେ ।ରହି ଅବସରରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ କୃଷି ବୈଜ୍ଞାନିକ ଡ.ସ୍ୱାଗତିକା ସାହୁଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା ।କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ଯୋଗଦେଇ କୃଷକ ମାନଙ୍କ ପାଇଁ ଉଦ୍ଦିଷ୍ଟ କୃଷି ବିଜ୍ଞାନ କେନ୍ଦ୍ରରୁ କୃଷକ ମାନେ ଯେପରି ଅଧିକରୁ ଅଧିକ ଲାଭ ଉଠାଇ ପାରିବେ ସେ ଦିଗରେ ଉଭୟ କୃଷକ ଓ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ମାନଙ୍କୁ ଉପଦେଶ ଦେଇଥିଲେ ।ଏଥି ସହିତ କୃଷକ ମାନଙ୍କ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଶ୍ରୀ ସାହୁ ସମସ୍ତଙ୍କୁ ଅବଗତ କରାଇଥିଲେ ।ଏହି ସମୀକ୍ଷା ବୈଠକରେ ବିଜେପିର ବସ୍ତା ନିର୍ବାଚନ ମଣ୍ଡଳୀର ବରିଷ୍ଠ ନେତା ଶ୍ୟାମା ପ୍ରସାଦ ବେହେରା, କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ପୋଲିନ ପୃହାଣ, ରାଜ୍ୟ ସଂଯୋଜକ କୌଶିକ ଚାନ୍ଦ,ରାଜ୍ୟ ମିଡିଆ ସଂଯୋଜକ ବିକାଶ ପାଢ଼ୀ,ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବୈରାଗୀ ବେହେରା, ଶଙ୍କର୍ଷଣ ଜେନା, ପିଣ୍ଟୁ ଆଚାର୍ଯ୍ୟ,ଓବିସି ମୋର୍ଚ୍ଚା ଜିଲ୍ଲା ସଭାପତି ଅରବିନ୍ଦ ବେହେରା, କାର୍ଯ୍ୟକାରିଣୀ ସଦସ୍ୟ ବିକାଶ ଗିରି ପ୍ରମୁଖ ଯୋଗଦେଇ ଏହି ଅବସରରେ ନିଜ ନିଜର ମତାମତ ପ୍ରଦାନ କରିଥିଲେ । କୃଷକ ମୋର୍ଚ୍ଚା ରାଜ୍ୟ ସଂଯୋଜକ ତଥା ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଅଜୟ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କୃଷି ବୈଜ୍ଞାନିକା ଅମିତା ପାତ୍ର, କୃଷି ବୈଜ୍ଞାନିକା ପ୍ରଭାମଞ୍ଜରୀ ଗିରି,କୃଷି ବୈଜ୍ଞାନିକ କମଳାକାନ୍ତ ବେହେରା, ରଘୁନାଥ ସୋରେନ, କ୍ଷେତ୍ର ପରିଚାଳକ ଲକ୍ଷ୍ମୀକାନ୍ତ ମୁର୍ମୁ ପ୍ରମୁଖ ଉପସ୍ଥିତ ରହି କୃଷି ବିଜ୍ଞାନ କେନ୍ଦ୍ରର କାର୍ଯ୍ୟକ୍ରମ ବିଷୟରେ ଉପସ୍ଥାପନ କରିଥିଲେ ।ଏବଂ ବାଲିଆପାଳ କୃଷି ବିଜ୍ଞାନ କେନ୍ଦ୍ରରେ ରହିଥିବା ସମସ୍ୟାର ସମାଧାନ ପାଇଁ ରାଜ୍ୟ ସଭାପତିଙ୍କ ଦୃଷ୍ଟ ଆକର୍ଷଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବିଜେପି ବାଲିଆପାଳ ମଣ୍ଡଳ ସଭାପତି କମଳ ଲୋଚନ ଦତ୍ତ, କ୍ଷିତିସ କୁମାର ଜେନା, ପ୍ରଦୀପ ସି, ଉତ୍ତମ ପିଳା, ସୁବାସ ସି ପ୍ରମୁଖ ବିଜେପି ନେତୃ ମଣ୍ଡଳୀ ଉପସ୍ଥିତ ଥିଲେ । ପରେ ଶ୍ରୀ ସାହୁ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଗଛ ଲଗାଇବା କାର୍ଯ୍ୟକ୍ରମରେ ଯୋଗଦେଇ ଗଛ ଲଗାଇଥିଲେ ।

# ସୁଭଦ୍ରା ଯୋଜନାରେ ୪ ଲକ୍ଷ ୪୮ ହଜାର ୧୫୬ ଫର୍ମ ବଂଟନ ହୋଇଛି

ପୁରୀ, ୬/୯ (ନି.ପ୍ର): ପୁରୀ ଜିଲ୍ଲାରେ ସୁଭଦ୍ରା ଯୋଜନା ରେ ସେପ୍ଟେମ୍ବର ୫ ତାରିଖ ସୁଦ୍ଧା ୪,୪୮,୧୫୬ ସଂଖ୍ୟକ ଫର୍ମ ବଂଟନ କରାଯାଇଛି। ଏହି ଫର୍ମ ଗୁଡିକ ଅଙ୍ଗନବାଡି କର୍ମୀ ମାନେ ଘରକୁ ଘର ବୁଲି ଯୋଗ୍ୟ ଆବେଦନକାରୀଙ୍କୁ ପ୍ରଦାନ କରୁଛନ୍ତି ବୋଲି ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦେଇଛନ୍ତି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ। ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ଠାରେ ସୁଭଦ୍ରା ଯୋଜନା ସମ୍ପର୍କରେ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ଗଣମାଧ୍ୟମ ପ୍ରତିନିଧି ମାନଙ୍କ ମାଧ୍ୟମରେ ସୁଭଦ୍ରା ଆବେଦନକାରୀ ମାନେ ଜନସେବା କେନ୍ଦ୍ର ମାନଙ୍କ ରେ ଅଯଥା ଭିଡ ନ କରିବାକୁ ଅନୁରୋଧ କରିଛନ୍ତି। ସେପ୍ଟେମ୍ବର ୧୭ ତାରିଖ ପରେ ମଧ୍ୟ ଆବେଦନ କରାଯାଇପାରିବ ଓ ଉପଯୁକ୍ତ ହିତାଧିକାରୀ ତାଙ୍କର ସୁଭଦ୍ରା ଅର୍ଥ ପାଇ ପାରିବେ। ଆଧାରରେ ମୋବାଇଲ ନମ୍ବର ସଂଲଗ୍ନ ବାଧ୍ୟତାମୂଳକ ନ ଥିବାରୁ ଏଥିପାଇଁ ଆଦୌ ଆଶଙ୍କା ନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ସୁଭଦ୍ରା ଯୋଜନାରେ ଫର୍ମ ପ୍ରଦାନ ଠାରୁ ପଞ୍ଜିକରଣ ପର୍ଯ୍ୟନ୍ତ ବିନା ମୂଲ୍ୟରେ କରାଯାଉଛି। ଏଥିରେ କେହି ଆବେଦନକାରୀଙ୍କ ଠାରୁ ଅର୍ଥ ଦାବି କରୁଥିଲେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲାପାଳ କଡ଼ା ଚେତାବନୀ ଦେଇଛନ୍ତି। ଜିଲ୍ଲାରେ ଲୋକ ମାନଙ୍କୁ ସଚେତନ କରିବା ଲକ୍ଷ୍ୟରେ ଆସନ୍ତା କାଲି ଅର୍ଥାତ ୭ ତାରିଖ ଠାରୁ ୧୬ ତାରିଖ ପର୍ଯ୍ୟନ୍ତ ସୁଭଦ୍ରା ସଚେତନତା ରଥ ବ୍ଲକ ଓ ପୌରପାଳିକା ଅଂଚଳ ପରିକ୍ରମା କରିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଜିଲ୍ଲାର ୧୧ଟି ବ୍ଲକ ଓ ପୁରୀ ପୌରପାଳିକା ଅଂଚଳରେ ଏହି ଫର୍ମ ବିନା ମୂଲ୍ୟ ରେ ଆବେଦନକାରୀଙ୍କୁ ବଂଟନ କାର୍ଯ୍ୟ ଚାଲିଛି। ଜିଲ୍ଲାର ଧାର୍ଯ୍ୟ ଲକ୍ଷ୍ୟ ୭ ଲକ୍ଷ ୪୦ ହଜାର ରହିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୬,୬୧,୪୩୪ ଫର୍ମ ଜିଲ୍ଲା ପକ୍ଷରୁ ବ୍ଲକ ଓ ପୌରପାଳିକାକୁ ଯୋଗାଇ ଦିଆଯାଇଛି । ସେଥି ମଧ୍ୟରୁ ଅଙ୍ଗନବାଡ଼ି କର୍ମୀ ମାନଙ୍କ ମାଧ୍ୟମରେ ୪,୩୭,୭୯୨ ଫର୍ମ, ସିଏସସି ମାଧ୍ୟମରେ ୮,୩୯୫ ଫର୍ମ ଓ ମୋ ସେବା କେନ୍ଦ୍ର ମାଧ୍ୟମରେ ୧୯୬୯ ଫର୍ମ ବଣ୍ଟା ଯାଇଛି ।ଜିଲ୍ଲାରେ ମୋଟ ୯୧୯ ସିଏସସି,୨୫୫ ମୋ ସେବା କେନ୍ଦ୍ର ରହିଛି। ଏହି କେନ୍ଦ୍ର ମାନଙ୍କରେ ୨୦୪୭୯ ଗୋଟି ଫର୍ମ ସଂଗ୍ରହ ହୋଇ ଥିବା ବେଳେ ୨୩୧୦ ଟି ଫର୍ମ ପଞ୍ଜିକରଣ ହୋଇଛି। ଏହି ବୈଠକରେ ଜିଲ୍ଲା ପରିଷଦ ର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି,ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ମମତାର ଜିଲ୍ଲା ପ୍ରକଳ୍ପ ସଂଯୋଜକ ପ୍ରଣତି ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

# ମିତ୍ରପୁର-ନୀଳଗିରି ରାସ୍ତା କାର୍ଯ୍ୟ ମନ୍ଥର: ଆସନ୍ତା ସେପ୍ଟେମ୍ବର ୧୨ରେ ମିତ୍ରପୁର ବନ୍ଦ ଡାକରା

ନୀଳଗିରି, ୬/୯ (ନି.ପ୍ର): ନୀଳଗିରି ଉପଖଣ୍ଡ ମିତ୍ରପୁର - ନୀଳଗିରି ରାସ୍ତା ନିର୍ମାଣରେ ଅହେତୁକ ବିଳମ୍ବକୁ ନେଇ ମିତ୍ରପୁର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆସନ୍ତା ସେପ୍ଟେମ୍ବର ୧୨ ତାରିଖ ରେ ମିତ୍ରପୁର ବଜାର ବନ୍ଦ ସହିତ ରାସ୍ତା ରୋକ କରାଯିବ ବୋଲି କମିଟି ପକ୍ଷରୁ ଦୃଢ ଚେତାବନୀ ଦିଆଯାଇଛି । ବିବରଣୀ ଅନୁଯାଇ ଉକ୍ତ ରାସ୍ତା କାର୍ଯ୍ୟଟି ନୀଳଗିରି ପୂର୍ତ୍ତବିଭାଗ ଦ୍ୱାରା କାର୍ଯ୍ୟ ସମ୍ପାଦନ କରାଯାଉଥିବା ବେଳେ ଦୀର୍ଘ ୬ ମାସ ମଧ୍ୟରେ ମିତ୍ରପୁର ବଜାର ମଧ୍ୟ ସ୍ଥଳୀରେ ଡ୍ରେନ ଓ ରାସ୍ତା ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି । ରାସ୍ତାର ଦୁଇ ପାର୍ଶ୍ୱରେ ଚାଲିଥିବା ଅଧାପନ୍ତରିଆ ଅସମ୍ପୂର୍ଣ୍ଣ ଡ୍ରେନ ପାଇଁ ବର୍ଷାଜଳ ନିଷ୍କାସନ ହୋଇ ନପାରି ବଜାର ବୁଡ଼ିଯାଉଛି । ଆଂଶିକ ସ୍ଲାପ ପଡ଼ିଥିବାରୁ ଡ୍ରେନରେ ଗୃହପାଳିତ ପଶୁ ଓ ସ୍କୁଲ ଛାତ୍ରଙ୍କ ଯାତ୍ରା ଦୁର୍ବିପାକ ଓ ବିପଦ ସଂକୁଳ ହୋଇ ପଡ଼ିଛି । ରାସ୍ତା ମଝିରେ ଥିବା ବିଦ୍ୟୁତ ଖୁଣ୍ଟି ସ୍ଥାନାନ୍ତରିତ ଓ ଗଛ କଟା ନ ହେବାରୁ ଦୁର୍ଘଟଣା ଘଟି ଧନଜୀବନ ଚାଲିଯାଉଛି । ତୁରନ୍ତ ରାସ୍ତା ନିର୍ମାଣ ପାଇଁ ଆସନ୍ତା ସେପ୍ଟେମ୍ବର ୧୨ ତାରିଖରେ ଧର୍ମଘଟ କରାଯିବ ବୋଲି କମିଟି ପକ୍ଷରୁ ଦୃଢ ଚେତାବନୀ ଦିଆଯାଇଛି । ଧର୍ମଘଟରେ ଉକ୍ତ କମିଟି ସହିତ ବଜାରକମିଟି, ଦୁର୍ଗାପୂଜା କମିଟି, ସ୍ୱାସ୍ଥ୍ୟସେବା କମିଟି, ରଥଯାତ୍ରା କମିଟି, ଟ୍ରକମାଲିକ ସଂଘ, କ୍ରସର ଓ ଖାଦାନ ମାଲିକ ସଂଘ ଏଥିରେ ସାମିଲ ହେବେ ବୋଲି ସୂଚନା ମିଳିଛି । ଅନ୍ୟମାନଙ୍କ ମଧ୍ୟରେ ଷ୍ଟାଲିନ ମିଶ୍ର, ବିଜୟ ଆଚାର୍ଯ୍ୟ, ଜୟନ୍ତ ବିଶ୍ୱାଳ, ପଞ୍ଚାନନ ଲେଙ୍କା, ଜୀବନ ଗୋସ୍ୱାମୀ, ଅଜୟ ଧଳ, କାର୍ତ୍ତିକ ଦାସ, ଜେନି ସାହା, ଅଗଣି ସାହୁ, ପ୍ରମୋଦ ମୁଦୁଲି, ସଞ୍ଜୟ ମହାପାତ୍ର, ଟୁଙ୍ଗୁରୁ ମଲ୍ଲିକ ଏହି ଧର୍ମଘଟରେ ସାମିଲ ହେବେ ବୋଲି ସହମତି ପ୍ରକାଶ କରିଛନ୍ତି।

# ସାମାଜିକ ସୁରକ୍ଷା ଯୋଜନା ପାଲଟିଛି ପ୍ରହସନ : ୧୨ ବର୍ଷର ପ୍ରତୀକ୍ଷା ପରେ ମଧ୍ୟ ବିଧବାଙ୍କୁ ମିଳିଲା ନାହିଁ ଭତ୍ତା

ଉଦଳା, ୬/୯ (ନି.ପ୍ର): ଉଦଳା ବ୍ଲକର ବହୁବନ୍ଧ ପଂଚାୟତ ଅନ୍ତର୍ଗତ ନାବରା ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ଝାମ୍ପିଡ଼ି ହେମ୍ବ୍ରମ ଦିର୍ଘ ୧୨ ବର୍ଷ ଧରି ବିଧବା ଜୀବନ ବିତାଇଥିଲେ ମଧ୍ୟ ସାମାଜିକ ସୁରକ୍ଷା ଯୋଜନାରେ ଭତା ପାଇବାରୁ ବଂଚିତ ଅଛନ୍ତି । ଖବର ନେବାରୁ ଜଣାଯାଇଛି ଝାମ୍ପିଡ଼ିଙ୍କ ସ୍ୱାମୀ ଗୁଲ ହେମ୍ବ୍ରମ ଯକ୍ଷ୍ମା ରୋଗରେ ପିଡ଼ିତ ଥିଲେ। ପରେ ତାଙ୍କର ଦେହ ଅଧିକ ଖରାପ ହେବାରୁ ଚିକିତ୍ସା ପାଇଁ ଉଦଳା ଡ଼ାକ୍ତରଖାନାରେ ଆଡ଼ମିସନ ହୋଇଥିଲେ । ଚିକିତ୍ସାଧିନ ଅବସ୍ଥାରେ ସେ ଗତ ୨୦୧୨ ମସିହା ସେପ୍ଟେମ୍ବର ମାସ ୨୯ ତାରିଖ ଦିନ ଶେଷ ନିଶ୍ୱାସ ତ୍ୟାଗ କଲେ । ସେହିଦିନ ଠାରୁ ଆଜି ପର୍ଯ୍ୟନ୍ତ ତାଙ୍କର ସହଧର୍ମିଣୀ ଝାମ୍ପିଡ଼ି ଦିନମଜୁରିଆ ଭାବରେ କାମ କରି ପରିବାରର ଦୈନନ୍ଦିନର ଗୁଜୁରାଣ ମେଂଟାଇଆସୁଛନ୍ତି । ସାମାଜିକ ସୁରକ୍ଷା ଯୋଜନାରେ ବିଧବାଙ୍କୁ ମିଳୁଥିବା ଭତା ଟଙ୍କା ପାଇବା ପାଇଁ ସେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ବାରମ୍ବାର ହୋଇଥିଲେ ମଧ୍ୟ ତାଙ୍କର ଗୁହାରି କେହି କର୍ଣ୍ଣପାତ କରିନଥିବାର କଥା ଅଭିଯୋଗ କରିଛନ୍ତି । ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣପତ୍ର, ଆଧାର କାର୍ଡ଼ ଓ ଭୋଟ ପରିଚୟପତ୍ର ସବୁକିଛି ଠିକ୍ ଠାକ୍ ଥିବା ସତ୍ୱେ ସେ ଭତା ପାଇବାରୁ କାହିଁକି ବଂଚିତ ଅଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।



ତା ଛଡ଼ା ଆଦିବାସୀ ଲୋକଙ୍କର ସବୁ ପ୍ରକାର ସମସ୍ୟା ବୁଝିବା ପାଇଁ ଏଠାରେ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ କରୁଛି । ମୋଟା ଅଙ୍କରେ ଦରମା ନେଇ ସରକାରୀ ବାବୁ ମାନେ ଉକ୍ତ କାର୍ଯ୍ୟାଳୟରେ ନିୟୋଜିତ ଅଛନ୍ତି । ଏହି କାର୍ଯ୍ୟାଳୟଟି କଣ କାମ କରୁଛି ବୋଲି ତାହା ସାଧାରଣରେ ଆଲୋଚନାର ମୁଖ୍ୟ ବିଷୟବସ୍ତୁ ପାଲଟି ଯାଇଛି ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ବିଜେପିରେ ମିଶିଲେ: ବିଜେଡି ଉପରେ ...

ନେତାଙ୍କ ଗୋଲାମୀ ଓ ଚାମଚାଗିରି ପାଇଁ ବାଧ୍ୟ କରାଯାଉଥିଲା । ପ୍ରାୟ ଦେଢ଼ବର୍ଷ ହେଲା ଦଳରେ ମୋତେ ଅଣଦେଖା କରାଯାଉଥିଲା, କୌଣସି ଦଳୀୟ କାର୍ଯ୍ୟରେ ସାମିଲ କରାଯାଉନଥିଲା । ତେବେ ସୁଜିତ୍ କୁମାର ବିଜେପିରେ ମିଶିବା ପରେ ବିଜେଡି ବିରୋଧରେ ଆଣିଥିବା ସଂଗୀନ ଆରୋପ ନେଇ ରାଜ୍ୟସଭା ସାଂସଦ ମୁନ୍ନା ଖାଁ କହିଛନ୍ତି- ଦଳ ଛାଡ଼ିଲା ପରେ ଲୋକେ ଏମିତି ବାହାନା କରନ୍ତି । ବିଜେଡି ସରକାରରେ ଦୁର୍ନୀତି ଚାଲିଥିବା କଥା କେବେ ବି ସୁଜିତ୍ ଆମକୁ କହିନାହାନ୍ତି, ଯଦି ସେ ଦୁର୍ନୀତି କରିଥିବେ-ଏକଥା ଜାଣିଥିବେ ବୋଲି ପାଲଟା ଆକ୍ଷେପ କରିଛନ୍ତି ମୁନ୍ନା ଖାଁ । ତେଣେ ଆଜିର ଘଟଣାକୁ ନେଇ ରାଜନୀତି ସମୀକ୍ଷକ କହିଛନ୍ତି- ବିଜେଡିର ଜଣକ ପରେ ଜଣେ ରାଜ୍ୟସଭା ସାଂସଦ ଇସ୍ତଫା ଦେଇ ବିଜେପିରେ ମିଶିବା, ଶଙ୍ଖ ଦଳ ପାଇଁ ଶୁଭଙ୍କର ନୁହେଁ । ଘଳିଆ ନ ଜଗିଲେ ଆଗକୁ ଘାଇ ସୃଷ୍ଟି ହୋଇପାରେ । ଏକଦା ପାଣ୍ଡିଆନଙ୍କ ବେଶ୍ ଘନିଷ୍ଠ ଭାବେ ଜଣାଶୁଣା ଥିଲେ ସୁଜିତ୍ କୁମାର । ହେଲେ ସେ ବିଜେଡିରୁ ଇସ୍ତଫା ଦେବା ଓ ରାଜ୍ୟସଭା ସାଂସଦ ପଦ ଛାଡ଼ି ବିଜେପିରେ ମିଶିବା ଘଟଣା ଶଙ୍ଖ ଦଳରେ ନେତା ଅଣନିଶ୍ୱାସୀ ହୋଇଥିବା କଥା ପୁଣି ସ୍ପଷ୍ଟ ହୋଇଛି ।

### ଜମ୍ମୁ-କଶ୍ମୀର ପାଇଁ ...

ସଂପୂର୍ଣ୍ଣ ମୂଳପୋଛ କରିବ ବୋଲି ଦମ୍ଭୋକ୍ତି କରିଛନ୍ତି। ଏଥିସହ ଧାରା ୩୭୦ ଏବେ ଇତିହାସ ଓ ଏହା କେବେ ହେଲେ ଫେରିବ ନାହିଁ ବୋଲି ସେ ଘୋଷଣା କରିଛନ୍ତି। ସେ କହିଛନ୍ତି, "୧୦ ବର୍ଷ ମଧ୍ୟରେ ଜମ୍ମୁ-କଶ୍ମୀର ବ୍ୟାପକ ଆତଙ୍କବାଦରୁ ମୁକୁଳି ବ୍ୟାପକ ପର୍ଯ୍ୟଟନ ସ୍ଥଳୀରେ ପରିଣତ ହୋଇଛି। ବିଜେପି ଟେରର ଇକୋସିଷ୍ଟକୁ ପୂରା ଭାଙ୍ଗି ଦେଇଛି। ୨୦୧୪ ଯାଏ ଜମ୍ମୁ-କଶ୍ମୀରରେ ଆତଙ୍କବାଦ ଓ ବିଚ୍ଛିନ୍ନତାବାଦ ଜାରି ରହି ଥିଲା। ବିଭିନ୍ନ ରାଜ୍ୟ ଓ ରାଜ୍ୟ ବାହାରର ସଦସ୍ୟ ଉକ୍ତ ଅଞ୍ଚଳକୁ ଅସ୍ଥିର କରୁଥିଲେ। ଏହାବାଦ ଜମ୍ମୁ-କଶ୍ମୀର ସ୍ଥିତିକୁ ଦୃଷ୍ଟିରେ ରଖି ସବୁ ରାଜନୀତିକ ଦଳ କେବଳ ତୁଷ୍ଟୀକରଣ ରାଜନୀତି କରୁଥିଲେ। ହେଲେ ଯେତେବେଳେ ଭାରତ ଓ ଜମ୍ମୁ-କଶ୍ମୀରର ଇତିହାସ ଲେଖାଯିବ ସେତେବେଳେ ୨୦୧୪ରୁ ୨୦୨୪ର ଅବସ୍ଥା ସ୍ୱର୍ଣ୍ଣିମ ଅକ୍ଷରରେ ଲିପିବଦ୍ଧ ହେବ। ୧୯୪୭ ପରଠାରୁ ସବୁବେଳେ ଜମ୍ମୁ-କଶ୍ମୀର ଆମ ହୃଦୟରେ ରହିଛି। ଜମ୍ମୁ-କଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ ହୋଇଥିଲା, ଅଛି ଓ ରହିବ। ବିଜେପି ଉପତ୍ୟକାରେ ଶାନ୍ତି ପ୍ରତିଷ୍ଠା ପାଇଁ ଉଦ୍ୟମ ଜାରି ରଖିବ।" ୨୦୧୯ରେ ଜମ୍ମୁ-କଶ୍ମୀରରୁ ଧାରା ୩୭୦କୁ ଉଚ୍ଛେଦ କରି ଦିଆଯାଇଛି। ଏହାପରେ ଏଠାରେ ପ୍ରଥମଥର ନିର୍ବାଚନ ହେଉଛି। ନ୍ୟାଶନାଲ କନଫରେନ୍ସ ଧାରା ୩୭୦କୁ ପୁନଃ ଲାଗୁ କରିବ ବୋଲି ତା'ର ଇସ୍ତାହାରରେ ଉଲ୍ଲେଖ କରିଛି। ଏହାକୁ ଅମିତ ଶାହ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, "ସମୟ ଥିଲା ଯେତେବେଳେ ଧାରା ୩୭୦ର ଛାଇ ଜମ୍ମୁ-କଶ୍ମୀରକୁ ଘୋଡ଼ାଇ ରଖୁଥିଲା। ସରକାର ସବୁବେଳେ ବିଚ୍ଛିନ୍ନତାବାଦୀ ଓ ହୁରିୟତ ଭଳି ସଂଗଠନ ଆଗଡ଼ରେ ମୁଣ୍ଡ ନୁଆଁଉଥିଲେ। ଏହି ୧୦ ବର୍ଷ ମଧ୍ୟରେ ଧାରା ୩୭୦ ଓ ୩୫-ଏ ଅତୀତ ହୋଇସାରିଛି। ସେଗୁଡ଼ିକ ଆଉ ସମ୍ବିଧାନର ଅଂଶ ବିଶେଷ ନୁହନ୍ତି। ଧାରା ୩୭୦ ଉଚ୍ଛେଦ ହେବାରୁ ବିକାଶ ହୋଇପାରିଛି। ମୁଁ ନ୍ୟାଶନାଲ କନଫରେନ୍ସର ଇସ୍ତାହାରକୁ ଦେଖିଛି। କଂଗ୍ରେସର ଆଭିମୁଖ୍ୟକୁ ମଧ୍ୟ ବୁଝିଛି। କିନ୍ତୁ ମୁଁ ଦେଶବାସୀଙ୍କୁ କହିବାକୁ ଚାହେଁ ଯେ ଧାରା ୩୭୦ ଇତିହାସ ହୋଇ ସାରିଛି। ଏହା କେବେ ହେଲେ ଫେରିବ ନାହିଁ। ଆମେ କେବେ ହେଲେ ଏହାକୁ ଫେରିବାକୁ ଅନୁମତି ଦେବୁ ନାହିଁ। କାରଣ ଧାରା ୩୭୦ ହିଁ ଯୁବମାନଙ୍କ ହାତରେ ବନ୍ଧୁକ ଓ ପଥର ଧରାଉ ଥିଲା।"

### ଭୁବନେଶ୍ୱରରେ ଭାରତର...

ସୁଯୋଗ ସୃଷ୍ଟି କରିବ । ଯାହା ସେମାନଙ୍କୁ ସବୁପ୍ରକାରର ଜ୍ଞାନକୌଶଳ ଯୋଗାଇବାରେ ସହାୟକ ହେବ । ଏହି ସୁବିଧା କେନ୍ଦ୍ର ପ୍ରଶିକ୍ଷିତ ପ୍ରଫେସନାଲଙ୍କୁ ଆକର୍ଷିତ କରିବ । ଯାହାକି ଅର୍ଥନୀତିକ ଅଭିବୃଦ୍ଧି କରିବା ସହ ଓଡ଼ିଶାକୁ ଦେଶର ପ୍ରମୁଖ ଇଲେକ୍ଟ୍ରୋନିକ୍ସ ଓ ସେମିକଣ୍ଡକ୍ଟର ମ୍ୟାନୁଫାକଚରିଂ ଭାବେ ବିକଶିତ କରିବ । ସୂଚନାଯୋଗ୍ୟ, ଆସନ୍ତା ୩ବର୍ଷ ମଧ୍ୟରେ ପ୍ରାୟ ୬୨୦କୋଟି ଟଙ୍କାର ନିବେଶରେ ଏହି ଷ୍ଟେଟ ଅଫ ଆର୍ଟ ସୁବିଧା କେନ୍ଦ୍ର ସ୍ଥାପନ ହେବ । ଏହା ୫୦୦ଜଣଙ୍କୁ ବିଭିନ୍ନ କ୍ଷେତ୍ରରେ ନୂଆ ନିଯୁକ୍ତି ପ୍ରଦାନ କରିବ । ଏହି ଅବସରରେ ଶିଳ୍ପ ସଚିବ ହେମନ୍ତ ଶର୍ମାଙ୍କ ବିଭିନ୍ନ ବିଭାଗର ସଚିବମାନେ ଉପସ୍ଥିତ ଥିଲେ ।

### ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ ...

ପରେ ସେମାନେ ଚିତ୍କାର କରିଥିଲେ। ସେଠାରେ ଉପସ୍ଥିତ ଥିବା ଲୋକମାନେ ବାରଙ୍ଗ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ବାରଙ୍ଗ ଅଗ୍ନିଶମ ବାହିନୀ ପହଞ୍ଚି ୩ ଜଣ ଶ୍ରମିକଙ୍କୁ ଉଦ୍ଧାର କରିଥିଲେ। ଘଟଣାସ୍ଥଳରେ ୨ ଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଥିବା ବେଳେ ଜଣଙ୍କ ଅବସ୍ଥା ଗୁରୁତର ଥିଲା। ଆହତ ଶ୍ରମିକଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତେବେ ମୃତ ୨ ଶ୍ରମିକଙ୍କ ପରିଚୟ ମିଳିନାହିଁ। ପୁଲିସ ଘଟଣାର ତଦନ୍ତ କରୁଛି।

### ଲକ୍ଷ ଲକ୍ଷ ଟଙ୍କାରେ ବିକ୍ରି ...

ସେମାନେ କିଛି ଆପ୍ ଜରିଆରେ କମ୍ପ୍ୟୁଟର ଉତ୍ତରକୁ ରିମୋଟଲି କଣ୍ଟ୍ରୋଲ କରି ପିଲାଙ୍କୁ ଟପରେ ରଖି ଦେଉଛନ୍ତି। କୋଶ୍ଚିନ୍ ଲିକ ଓ ଅନଲାଇନ ପରୀକ୍ଷାରେ ନିଶ୍ଚିତ ଏକ ରାକେଟ ରହିଛି। ଲିଖିତ ପରୀକ୍ଷାରେ ଟପ୍ ୯୭ ଜଣ ପିଲାଙ୍କ ଭିତରେ ୩୧ ଜଣ ଏପରି ପିଲା ରହିଛନ୍ତି ଯେଉଁମାନଙ୍କ ମେଟ୍ରିକ୍ ପରୀକ୍ଷାରେ ମାତ୍ର ୩୫% ମାର୍କ ରଖିଥିଲେ। ତେଣୁ ପରୀକ୍ଷାରେ ଅନିୟମିତତା ହୋଇନାହିଁ ବୋଲି କେମିତି କହିବା' ପୂର୍ବରୁ ଓଡ଼ିଶା ପୁଲିସ୍ ରିକ୍ରୁଟମେଣ୍ଟ ବୋର୍ଡ ପରୀକ୍ଷାରେ କିଛି ପରୀକ୍ଷାର୍ଥୀଙ୍କୁ ହାଟେଲରେ ସଂକ୍ଷିପ୍ତ ପ୍ରଶ୍ନର ଉତ୍ତର ବତାଇ ଦିଆଯାଉଥିବା ଅଭିଯୋଗ ଆସିଥିଲା। ପରେ ବାଲେଶ୍ୱରରୁ ଏଭଳି ଏକ ରାକେଟର ପର୍ଦ୍ଦାଫାଶ କରିଥିଲା ପୁଲିସ୍। ଏବେ ସେଭଳି କିଛି ଅସାଧୁ କମ୍ପ୍ୟୁଟର ଇନଷ୍ଟିଚୁଟଙ୍କ ଜରିଆରେ କମ୍ପ୍ୟୁଟରକୁ ହାକିଂ କରି ଏଭଳି ମାର୍କ ବଢ଼ାଯାଉଥିବା ଅଭିଯୋଗ ଆସୁଛି। ଅନ୍ୟପଟରେ କିଛି ପିଲା ସରକାରୀ ଚାକିରିଟିଏ ପାଇବା ପାଇଁ ଦିନରାତି ଲାଇବ୍ରେରୀରେ ପାଠ ପଢୁଛନ୍ତି। ଏମିତିକି ଅନେକ ପିଲା ଅଧିକ ଫି ଦେଇ ଘରୋଇ ଲାଇବ୍ରେରୀରେ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଛନ୍ତି। ମାତ୍ର ଏଭଳି ଏକ ରାକେଟର ତୁରନ୍ତ ପର୍ଦ୍ଦାଫାଶ ହେବା ଓ ପରୀକ୍ଷାକୁ ସଂପୂର୍ଣ୍ଣ ସନ୍ଦେହମୁକ୍ତ କରିବାକୁ ଦାବି ହେଉଛି। ଆମେ ଏ ନେଇ ଓଏସଏସଏସସିର ଅଧ୍ୟକ୍ଷ ଶାଶ୍ୱତ ମିଶ୍ରଙ୍କୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ ସୁଦ୍ଧା ପ୍ରତିକ୍ରିୟା ମିଳିପାରିନାହିଁ।

### ବିଜେଡି ସରକାର ଗଲା ...

କାନୁ ଫାଟି ଆଁ କରିଛି । ୫ଟିରେ ଆସିଥିବା କମ୍ପ୍ୟୁଟର ତ ଅଛି ହେଲେ ପଢ଼ାଇବା ପାଇଁ ଶିକ୍ଷକ ନାହାନ୍ତି । ଏପଟେ ବିଧାନସଭାରେ ଆସିଥିବା ତଥ୍ୟ କହୁଛି, ଫାଇଭ ଟି ହାଇସ୍କୁଲ ରୂପାନ୍ତିକରଣରେ ବିଜେଡି ସରକାର ଖର୍ଚ୍ଚ କରିଛନ୍ତି ୩ ହଜାର ୮୭ କୋଟି ୩୫ ଲକ୍ଷ । ରାଜ୍ୟରେ ୬ ହଜାର ୫୬୪ଟି ହାଇସ୍କୁଲ ରୁପାନ୍ତିକରଣରେ ଖର୍ଚ୍ଚ ହୋଇଛି ଏହି ଟଙ୍କା । ବଡ କଥା ହେଲା ଏହି ଲିଖିତ ପ୍ରଶ୍ନରେ ଗଣ ଶିକ୍ଷା ମନ୍ତ୍ରୀ କହିଛନ୍ତି ଦୁର୍ନୀତି ନଜରକୁ ଆସିଲେ ତଦନ୍ତ କରି ଆବଶ୍ୟକୀୟ ପଦକ୍ଷେପ ନିଆଯିବ । ହେଲେ କେମିତି ଆଜି ଯାଏଁ ଫାଇଭ୍-ଟି ଦୁର୍ନୀତି ନୂଆ ସରକାରଙ୍କ ନଜରକୁ ଆସିଲାନି ? ଏମିତି କି ଉପରୋକ୍ତ ପ୍ରଶ୍ନରେ ପ୍ରଶ୍ନକର୍ତ୍ତା ବିଜେପି ବିଧାୟକ ମାନସ ଦତ୍ତ ନିଜ ଅଂଚଳ ଆଇଟିଆଇ ହାଇସ୍କୁଲ ନେଇ ପ୍ରଶ୍ନ ପଚାରିଥିଲେ ମଧ୍ୟ ମନ୍ତ୍ରୀ କହୁଛନ୍ତି ଦୁର୍ନୀତି ନଜରକୁ ଆସିଲେ ତଦନ୍ତ ହେବ। ଗତକାଲି ମଧ୍ୟ ଗୁରୁଦିବସ ଅବସରରେ ଫାଇଭ୍- ଟି ସଫଳ ହୋଇ ନ ଥିବା କହିଥିଲେ ମୁଖ୍ୟମନ୍ତ୍ରୀ । ଯାହାକୁ ନେଇ ବିଜେଡି ବିଜେପିକୁ ଟାର୍ଗେଟ କରିଛି କଂଗ୍ରେସ । ଏବେ ଦେଖିବାର କଥା ନୂଆ ସରକାର କେବେ କରୁଛନ୍ତି ଫାଇଭ-ଟି ସ୍କୁଲ ରୁପାନ୍ତିକାରଣର ତଦନ୍ତ, ଆଉ କ'ଣ ହେଉଛି କାର୍ଯ୍ୟାନୁଷ୍ଠାନ ।

### ବଢିଲା ବାଂଲାଦେଶୀ ...

ଜିଲ୍ଲା ମହାକାଳପଡ଼ା ଓ ରାଜନଗର ବ୍ଲକର ତାଳଚୁଆ, ରଙ୍ଗଣୀ, ଗୁପ୍ତି, ଡଙ୍ଗାମାଳ, ଭିତରକନିକା, ଗହୀରମଥା, ଅହିରାଜପୁର, ଅମରାବତୀ, କନକନଗର, ଜମ୍ବୁ, ଖାରନାସି, ବତୀଘର, ପିତାପାଟ ଆଦି ଗାଁରେ ନବେ ଭାଗ ଲୋକ ବାଂଲାଦେଶୀ। ୨୦୦୪ ମସିହାରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଚିହ୍ନଟ ୧୫୫୧ ଜଣ ଅନୁପ୍ରବେଶକାରୀଙ୍କୁ ଦିଆଯାଇଥିଲା ଦେଶାନ୍ତର ନୋଟିସ। ୨୦ ବର୍ଷ ହେଲା ଏହି ନୋଟିସ ଶୀତଳଭଣ୍ଡାରରେ ପଡ଼ିଥିବା ବେଳେ ବାସ୍ତବ ସଂଖ୍ୟା ଏହାଠୁ ଢେର ଅଧିକ ବୋଲି ଅଭିଯୋଗ ହୋଇଛି। ଆଉ ଏବେ ବାଂଲାଦେଶରେ ଅସ୍ଥିରତା ଜାରି ଥିବା ବେଳେ, ଓଡ଼ିଶାରେ ପୁଣି ଆରମ୍ଭ ହୋଇଛି ଅନୁପ୍ରବେଶକାରୀ ଚିହ୍ନଟ ପ୍ରକ୍ରିୟା। ତହସିଲ, ବ୍ଲକ ଓ ଥାନା ସ୍ତରରେ ଅଧିକାରୀମାନଙ୍କ ଟିମ୍ ଗଠନ କରି ଅନୁପ୍ରବେଶକାରୀ ଚିହ୍ନଟ ପାଇଁ ସମସ୍ତ ଜିଲ୍ଲାପାଳ ଓ ଏସପିଙ୍କୁ ନିର୍ଦ୍ଦେଶନାମା ଜାରି ହୋଇଛି। ଏହାକୁ ନେଇ ସ୍ଥାନୀୟ ଲୋକ ଖୁସି ପ୍ରକାଶ କରିଥିବା ବେଳେ, ଆଇନତଃ ବସବାସ କରୁଥିବା ବାଂଲାଦେଶୀ ଶରଣାର୍ଥୀମାନେ ମଧ୍ୟ ସ୍ୱାଗତ କରିଛନ୍ତି। ବାଂଲାଦେଶରୁ ମାତ୍ର ୨୦୦ କିଲୋମିଟର ଦୂରରେ ରହିଛି ଓଡ଼ିଶାର ବିସ୍ତୀର୍ଣ୍ଣ ୪୮୦ କିଲୋମିଟର ସମୁଦ୍ର ତଟ। ଛୋଟିଆ ଡଙ୍ଗାରେ ବି ଏହାକୁ ଅଳ୍ପ କିଛି ଘଣ୍ଟାରେ ପାରି କରିହେଉଥିବାରୁ, ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ପାଇଁ ଦଶନ୍ଧି ଦଶନ୍ଧି ଧରି ପଶ୍ଚିମବଙ୍ଗ ପରେ ଓଡ଼ିଶା ବନିଆସିଛି ସଫ୍ଟ ଟାର୍ଗେଟ୍।

### କଂଗ୍ରେସରେ ଯୋଗଦେଲେ...

ଖଡଗେଙ୍କୁ ଭେଟିଥିଲେ। ଏହାପରେ ପାର୍ଟି କାର୍ଯ୍ୟାଳୟରେ ବିଧିବଦ୍ଧ ଭାବେ କଂଗ୍ରେସରେ ସାମିଲ ହୋଇଛନ୍ତି। କଂଗ୍ରେସରେ ଯୋଗଦେବା ପୂର୍ବରୁ ଭିନେଶ ବ୍ୟକ୍ତିଗତ କାରଣ ଦର୍ଶାଇ ଭାରତୀୟ ରେଳୱେର ସ୍ୱତନ୍ତ୍ର ଡ୍ୟୁଟି ଅଧିକାରୀ ପଦରୁ ଇସ୍ତଫା ଦେଇଥିଲେ। ନିକଟରେ ସେ ମଧ୍ୟ ଚାଷୀ ଆନ୍ଦୋଳନରେ ଯୋଗ ଦେଇଥିଲେ। ଏହାପରେ ସେ ରାଜନୀତିରେ ସାମିଲ ହେବା ନେଇ ଏକ ପ୍ରକାର ସ୍ପଷ୍ଟ ହୋଇ ଯାଇଥିଲା। ଗତ ବର୍ଷ ଭିନେଶ ଫୋଗାଟଙ୍କ ସମେତ ଅନ୍ୟ କେତକ ରେସଲର ରେସଲିଂ ଫେଡେରେସନ୍ ଅଫ୍ ଇଣ୍ଡିଆର ମୁଖ୍ୟ ବ୍ରିଜ ଭୂଷଣ ସିଂହଙ୍କ ବିରୁଦ୍ଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିଥିଲେ। ବ୍ରିଜ ଭୂଷଣଙ୍କୁ ଗିରଫ ଦାବିରେ ଫୋଗାଟଙ୍କ ସମେତ ଅନ୍ୟ ରେସରେଲ ଦିଲ୍ଲୀରେ ଆନ୍ଦୋଳନରେ ବସିଥିଲେ। ତେବେ ବଜରଙ୍ଗ ଓ ଭିନେଶ କଂଗ୍ରେସରେ ଯୋଗଦେବା ପରେ ଦଳ ତାଙ୍କୁ ବିଧାନସଭା ନିର୍ବାଚନରେ ପ୍ରାର୍ଥୀ କରିବା ନେଇ ଚର୍ଚ୍ଚା ହେଉଛି। ଅକ୍ଟୋବର ୫ରେ ହରିଆଣାରେ ୯୦ଟି ବିଧାନସଭା ଆସନ ପାଇଁ ଭୋଟ୍ ପଡ଼ିବ ଏବଂ ଅକ୍ଟୋବର ୮ରେ ଫଳାଫଳ ପ୍ରକାଶ ପାଇବ। ତେବେ ଉଭୟଙ୍କ ଯୋଗଦାନ ବିଜେପି ଶାସିତ ରାଜ୍ୟ ଉପରେ କେତେ ପ୍ରଭାବ ପକାଉଛି ତା' ଉପରେ ସମସ୍ତଙ୍କ ନଜର ରହିବ ନିଶ୍ଚୟ।

ଶନିବାର, ୦୭ ସେପ୍ଟେମ୍ବର , ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟେନସି ଆଣ୍ଡ ମ୍ୟାନେଜମେଣ୍ଟରେ ଗୁରୁଦିବସ ପାଳିତ

ବାରିପଦା, ୬/୯ (ନି.ପ୍ର): ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟେନସି ଆଣ୍ଡ ମ୍ୟାନେଜମେଣ୍ଟ ରେ ଗୁରୁ ଦିବସ ମହାସମାରୋହ ରେ ପାଳିତ ହୋଇଯାଇଛି। ପ୍ରଥମେ ମହାବିଦ୍ୟାଳୟ ର ଅଧ୍ୟକ୍ଷ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଏବଂ ଛାତ୍ର ଛାତ୍ରୀ ମାନେ ଡ଼. ସର୍ବପଲ୍ଲି ରାଧାକ୍ରିଷ୍ଣନ୍ ଙ୍କ ଫୋଟ ଚିତ୍ର ରେ ମାଲ୍ୟାର୍ପଣ ଏବଂ ଦୀପ ପ୍ରଜ୍ଜଳନ କରି ପାରମ୍ପାରିକ ରୀତି ରେ ଗୁରୁଦିବସ ପାଳନ କରିଥିଲେ। ମହାବିଦ୍ୟାଳୟ ର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇ ସମାଜ ଗଠନ ନିମନ୍ତେ ଶିକ୍ଷକ, ଶିକ୍ଷୟତ୍ରୀ, ଅଧ୍ୟାପକ ଏବଂ ଅଧ୍ୟାପିକା ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଉପରେ ସବିଶେଷ ଆଲୋଚନା କରିଥିଲେ । ମହାବିଦ୍ୟାଳୟ ର ଉପାଧ୍ୟକ୍ଷା ସଂଘମିତ୍ରା ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମ୍ପ୍ରତ୍ୟ ଯୁଗ ରେ ଛାତ୍ର ଛାତ୍ରୀ ମାନେ ଗୁରୁମାନଙ୍କୁ ଉପଯୁକ୍ତ ସମ୍ମାନ ଜଣାଇଲେ ହିଁ ଜୀବନରେ ଆଗକୁ ଯାଇପାରିବେ ବୋଲି ଛାତ୍ର ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ ।ଏହି ଅବସରରେ ଛାତ୍ର ଛାତ୍ରୀ ମାନେ ସମସ୍ତ ଅଧ୍ୟାପକ ଏବଂ ଅଧ୍ୟାପିକା ମାନଙ୍କୁ ପାରମ୍ପାରିକ ରୀତି ରେ ବନ୍ଦନା କରିବା ସହିତ ଉପହାର ଦେଇଥିଲେ। ବିଭିନ୍ନ ବିଭାଗ ର ଛାତ୍ର ଛାତ୍ରୀ ମାନେ ଗୁରୁ ଦିବସ ଉପଲକ୍ଷେ ନିଜ ନିଜର ମତାମତ ଦେଇଥିଲେ। ଅଧ୍ୟାପକ ଡ଼. ଠାକୁରା ଚରଣ ମାରାଣ୍ଡି, ଡ଼. ଜିତେନ୍ଦ୍ର କୁମାର ଦାସ, ପ୍ରିତମ କୁମାର ମହାନ୍ତ, ବବ୍ଲୁ ସିଂହ,ସତ୍ୟ ରଞ୍ଜନ, ଅଧ୍ୟାପିକା ସବିତା ରାଣୀ ଦାଶ, ପୂର୍ଣ୍ଣିମା ମହାନ୍ତି, ଦିପ୍ତିଶ୍ରୀ ବେହେରା, ପୂଜା ଶତପଥି, କବିତା ସାହୁ, ପ୍ରତିଭା ଦାସ, ଦେବଶ୍ରୀତା ବିଶ୍ୱାଳ, ମିନାକ୍ଷୀ ସାହୁ, ସୁଦେଷ୍ଣା ଭାଞ୍ଜବାବୁ, ସୁଶ୍ରୀ ନାୟକ, କସ୍ତୁରିବା ମହାନ୍ତ, ସୁଜାତା ପାଲ, ସସ୍ମିତା ସି, ଅଙ୍କିତା ନାୟକ, ସଂଯୁକ୍ତା ମହାନ୍ତ ପ୍ରମୁଖ ଏହି ଅବସର ରେ ନିଜ ନିଜର ବକ୍ତୃତା ମାଧ୍ୟମରେ ସଂପ୍ରତ୍ୟ ସମୟରେ ଗୁରୁମାନଙ୍କର ସ୍ଥାନ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ କୀର୍ତ୍ତି କୌଶିକ ନାୟକ ଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ବିଦ୍ୟୁତ୍ ଆଘାତରେ ଜଣଙ୍କର ମୃତ୍ୟୁ

ବେତନଟୀ, ୬/୯ (ନି.ପ୍ର): ବେତନଟୀ ଥାନା ଅନ୍ତର୍ଗତ ବୈଶିଙ୍ଗା ଗ୍ରାମର ଜନୈକ ବ୍ୟକ୍ତି ସନ୍ୟାସୀ ଦଳେଇଙ୍କ ର ଆଜି ସନ୍ଧ୍ୟା ସମୟରେ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଥିବା ଜଣାଯାଇଛି । ସୂତ୍ରରୁ ପ୍ରକାଶ ବୈଶିଙ୍ଗା ଗ୍ରାମର ସ୍ୱର୍ଗତ ଚୈତନ୍ୟ ଦଳେଇ ଙ୍କ ପୁତ୍ର ସନ୍ୟାସୀ ତାଙ୍କ ସ୍ତ୍ରୀ ସତ୍ୟଭାମା ଙ୍କ ସହିତ ନିଜ ଫାର୍ମ ହାଉସ୍ ରେ ଘାସ କାଟୁଥିଲେ ଓ ନିକଟରେ ଲୁହାର ବିଦ୍ୟୁତ୍ ଖୁଣ୍ଟି ରହିଥିଲା , ସେହି ଖୁଣ୍ଟି ନିକଟରେ ଘାସ କାଟୁଥିବା ସମୟରେ ବିଦ୍ୟୁତ ସଂସ୍ପର୍ଶରେ ଆସି ମୃତ୍ୟୁ ହୋଇଥିବା ସତ୍ୟଭାମାଙ୍କ ସୂତ୍ରରୁ ପ୍ରକାଶ। ସନ୍ୟାସୀଙ୍କୁ ବୈଶିଙ୍ଗା ଡାକ୍ତରଖାନା ନେଇ ଆସିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ । ସେ ପାନୀୟଜଳ ବିଭାଗର ବୈଶିଙ୍ଗା ଗ୍ରାମପଞ୍ଚାୟତ ର ଏସିଏମ ଭାବେ କାର୍ଯ୍ୟ କରି ଆସୁଥିଲେ । ଖବର ପାଇ ବୈଶିଙ୍ଗା ପୋଲିସ୍ ଡାକ୍ତରଖାନାରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ବେଳେ ଆଜି ରାତି ହୋଇଯାଇଥିବା ଯୋଗୁଁ କାଲି ବ୍ୟବଚ୍ଛେଦ ହେବ ବୋଲି ଜଣାଯାଇଛି ।ବେତନଟୀ ଥାନା ଅନ୍ତର୍ଗତ ବୈଶିଙ୍ଗା ଗ୍ରାମର ଜନୈକ ବ୍ୟକ୍ତି ସନ୍ୟାସୀ ଦଳେଇଙ୍କ ର ଆଜି ସନ୍ଧ୍ୟା ସମୟରେ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଥିବା ଜଣାଯାଇଛି । ସୂତ୍ରରୁ ପ୍ରକାଶ ବୈଶିଙ୍ଗା ଗ୍ରାମର ସ୍ୱର୍ଗତ ଚୈତନ୍ୟ ଦଳେଇ ଙ୍କ ପୁତ୍ର ସନ୍ୟାସୀ ତାଙ୍କ ସ୍ତ୍ରୀ ସତ୍ୟଭାମା ଙ୍କ ସହିତ ନିଜ ଫାର୍ମ ହାଉସ୍ ରେ ଘାସ କାଟୁଥିଲେ ଓ ନିକଟରେ ଲୁହାର ବିଦ୍ୟୁତ୍ ଖୁଣ୍ଟି ରହିଥିଲା , ସେହି ଖୁଣ୍ଟି ନିକଟରେ ଘାସ କାଟୁଥିବା ସମୟରେ ବିଦ୍ୟୁତ ସଂସ୍ପର୍ଶରେ ଆସି ମୃତ୍ୟୁ ହୋଇଥିବା ସତ୍ୟଭାମାଙ୍କ ସୂତ୍ରରୁ ପ୍ରକାଶ। ସନ୍ୟାସୀଙ୍କୁ ବୈଶିଙ୍ଗା ଡାକ୍ତରଖାନା ନେଇ ଆସିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ । ସେ ପାନୀୟଜଳ ବିଭାଗର ବୈଶିଙ୍ଗା ଗ୍ରାମପଞ୍ଚାୟତ ର ଏସିଏମ ଭାବେ କାର୍ଯ୍ୟ କରି ଆସୁଥିଲେ । ଖବର ପାଇ ବୈଶିଙ୍ଗା ପୋଲିସ୍ ଡାକ୍ତରଖାନାରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ବେଳେ ଆଜି ରାତି ହୋଇଯାଇଥିବା ଯୋଗୁଁ କାଲି ବ୍ୟବଚ୍ଛେଦ ହେବ ବୋଲି ଜଣାଯାଇଛି ।

# ଆଶା ସ୍ୱେଚ୍ଛାସେବୀ ସଂଗଠନ ରେନିଆରା ଢଙ୍ଗରେ ପାଳିଲେ ଗୁରୁଦିବସ



ବସ୍ତା, ୬/୯ (ନି.ପ୍ର): ବସ୍ତାବ୍ଲକ ମଥାନୀ ପଞ୍ଚାୟତଜଳକା ପ୍ରଜେକ୍ଟ ସାନଖୁଡି ଠାରେ ସ୍ୱେଚ୍ଛାସେବୀ ସଂଗଠନ ଆଶା ଦ୍ୱାରା ପରିଚାଳିତ ଲକ୍ଷ୍ମୀ ବାସନ୍ତୀ ସ୍ୱତନ୍ତ୍ର ମୂକ ଓ ବଧିର ଆବାସିକ ବିଦ୍ୟାଳୟ, ଏଲିନା ଏଲିଶା ମାନସିକ ଅନଗ୍ରସର ବିଦ୍ୟାଳୟରେ ଗୁରୁଦିବସ ପାଳିତ ହୋଇଯାଇଛି। ଆଶା ର ପ୍ରତିଷ୍ଠାତା, ସମ୍ପାଦକ, ଯୁବ ସମାଜ ସେବୀ ଏବଂ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ଅମର କୁମାର ପାଳ ପୌରହିତ୍ୟ କରିବା ସହିତ ପୂର୍ବତନ ସମ୍ପାଦିକା ଶ୍ରୀମତୀ ମଞ୍ଜୁବତୀ ବିଶ୍ୱାଳ ମଧ ଉପସ୍ଥିତ ଥିଲେ। ଶ୍ରୀଯୁକ୍ତ ପାଳ ଗୁରୁଦିବସ ପାଳନର ମହତ୍ତ୍ୱ ତଥା ସର୍ବପଲ୍ଲୀ ଡ. ରାଧାକ୍ରିଷ୍ଣନଙ୍କ ଜନ୍ମଦିନ ଓ କିପରି ଜଣେ ଆଦର୍ଶ ଗୁରୁ ରୁ ରାଷ୍ଟ୍ରପତି ପଦ ରେ ଅଳଙ୍କୃତ ହୋଇଥିଲେ ପୁଣି ଛାତ୍ର ବତ୍ସଳ ହେବା ପାଇଁ ବିଭିନ୍ନ ପ୍ରକାରର ଉପାଦେୟ ତଥ୍ୟ ମାନ ଉପସ୍ଥାପନ କରିବା ସହିତ ଗୁରୁ ଦିବସର ମହତ ବାବଦରେ ସମ୍ପାଦିକା ମଞ୍ଜୁବତୀ ବିଶ୍ୱାଳ ନିଜର ମନ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ଶିକ୍ଷକ ଅରୁଣ କୁମାର ଦାସ, ଚନ୍ଦନ କୁମାର ବିଶ୍ୱାଳ, ନିର୍ମଳା ବାସିନୀ ସେନାପତି, ସ୍ମିତା ରାଣୀ ମହାପାତ୍ର, ପ୍ରଦୀପ କୁମାର ସାହୁ, ଗଜେନ୍ଦ୍ର ନାଥ ପ୍ରଧାନ, ସରସ୍ୱତୀ ସାହୁ, ଭକ୍ତ ରଞ୍ଜନ ସାହୁ, ଜୟଶ୍ରୀ ସ୍ୱାଇଁ, ଅଶୋକ ବିଶ୍ୱାଳ, ସନ୍ଧ୍ୟାରାଣୀ ବିଶ୍ୱାଳ, ପ୍ରଜ୍ଞା ପ୍ରକାଶ ପାଳ, ସୁମନା ପରିଡା, ହର୍ଷବର୍ଦ୍ଧନ ଧଳ. ଚନ୍ଦନ ବେହେରା.ଗୋପାଳ ଆଇଚ୍, ରତିକାନ୍ତ ପରିଡା, କୁମାର ଗୌରାଙ୍ଗ ଚରଣ ଦାସ, ଅପର୍ଣ୍ଣା ରାଉତ, ହେମାଙ୍ଗିନୀ ମକ୍ଷହାର୍ଣ୍ଣା ଓ ଅଞ୍ଜୁରାଣୀ ଦାସ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ଏବଂ ଶେଷରେ ଶ୍ରୀମତୀ ଅପରାଜିତା ସେନାପତି (ଉପାଧକ୍ଷା)ଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇ ସଭାସାଙ୍ଗ କରାଯାଇଥିଲା।

## ଭଦ୍ରକରେ ପ୍ରତିଷ୍ଠା ହେବ ଟେକ୍ସଟାଇଲ ପ୍ଲାଂଟ

ଭୁବନେଶ୍ୱର, ୬/୯ (ନି.ପ୍ର): ଭଦ୍ରକରେ ପ୍ରତିଷ୍ଠା ହେବ ଟେକ୍ସଟାଇଲ ପ୍ଲାଂଟ । ପାରାଦ୍ୱୀପରେ ହେବ ମେଗା ଫିଡ଼ କ୍ରାକର ପ୍ଲାଂଟ । ଏହି ପ୍ଲାଂଟର ବାଏ ପ୍ରଡ଼କ୍ଟ ଭଦ୍ରକ ଟେକ୍ସଟାଇଲ ପାର୍କରେ ବ୍ୟବହାର କରାଯିବ । ଆଇଓସିଏଲ ସହ ମିଳିତ ଭାବେ ଏହି କାମ ହେବ । ଅଧିକ ଏମଏସଏମଇ ପାର୍କ ରାଜ୍ୟରେ ହେବ । ଏନେଇ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଗୃହରେ ଉତର ରଖିଛନ୍ତି । ଏମଏସଏମଇ ୟୁନିଟ ବଢିଲେ ହିଁ ନିଯୁକ୍ତି ସୁଯୋଗ ବଢିବ । ଓଡ଼ିଶାରେ ଅନେକ ବୃହତ ଇଣ୍ଡଷ୍ଟ୍ରି ଅଛି । ବଜେଟରେ ଇଣ୍ଡଷ୍ଟ୍ରିଆଲ ପାର୍କ ଖୋଲିବାର ବ୍ୟବସ୍ଥା ଅଛି । ଏମଏସଏମଇଡି ନୀତି ୨୦୨୨ ଅନୁସାରେ ଶିକ୍ଷିତ ଯନ୍ତ୍ରୀମାନଙ୍କୁ ଆତ୍ମନିର୍ଭରଶୀଳ କରିବାକୁ କାମ ଚାଲିଛି । ଯୁବତୀ ଅଧିକ ରୋଜଗାର ପାଇବା ନେଇ ରାଜ୍ୟ ସରକାର କାମ କରୁଛନ୍ତି ।

# ଡାହିସାହି ଅଙ୍ଗନୱାଡି କେନ୍ଦ୍ରରେ ଅନିୟମିତତା ଅଭିଯୋଗ



ନୀଳଗିରି, ୬/୯ (ନି.ପ୍ର): ନୀଳଗିରି ବ୍ଲକ ରାଧାକିଶୋରପୁର ପଞ୍ଚାୟତ ଡାହିସାହି -୨ ନମ୍ବର ଅଙ୍ଗନୱାଡ଼ି କେନ୍ଦ୍ରର ଅଙ୍ଗନୱାଡି କର୍ମୀ ରଶ୍ମି ସିଂ ଗତ ମାର୍ଚ୍ଚ ମାସଠାରୁ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ୭ ମାସ ଧରି କେନ୍ଦ୍ରକୁ ଆସୁଥିବା ଅନୁଦାନ ରାଶିର ହିସାବ ନଦେଇ ଟଙ୍କା ଆତ୍ମସାତ କରିବା ସହିତ ଯାଞ୍ଚକମିଟି ଓ ମାତୃକମିଟିକୁ ନାଲି ଆଖି ଦେଖାଉଛନ୍ତି ବୋଲି ଅଭିଯୋଗ ହୋଇଛି ।ପ୍ରତିବାଦ ସ୍ୱରୂପ ଉକ୍ତ ଦୁଇ କମିଟିର ସଦସ୍ୟା, ସ୍ଥାନୀୟ ୱାର୍ଡ଼ ସଭ୍ୟା ଲିଲି ରାଜ ଆଜି ନୀଳଗିରି ଉପଜିଲ୍ଲାପାଳ, ସିଡିପିଓ, ଏବଂ ବିଡ଼ିଓ ଙ୍କୁ ସାକ୍ଷାତ କରି ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ଫର୍ଦରେ ମିଟିଙ୍ଗ ନକରି ୱାର୍ଡ଼ ସଭ୍ୟାଙ୍କ ପାଖରୁ ଦସ୍ତଖତ ନେଇ ୩୬ ହଜାର ଟଙ୍କା ଉଠାଇ ହିସାବ ଦେଉନଥିବା, ଠିକ ସମୟରେ କେନ୍ଦ୍ରକୁ ନଆସିବା, ପିଲାଙ୍କ ଯତ୍ନ ନନେବା, ଠିକ ସମୟରେ ଖାଦ୍ୟ ଖାଇବାକୁ ନଦେବା, ଗର୍ଭବତି, ପ୍ରସୂତି, କିଶୋରୀ ବାଳିକା ଓ ଅଙ୍ଗନୱାଡ଼ିର ଶିଶୁମାନଙ୍କ ପାଇଁ ଆସୁଥିବା ସୁଜି, ବେସନ, ଛତୁଆ,ବାଦାମ ଲଡୁ, ଖଜିର କୁଳି, ବୁଟ, ମୁଡି, ଅଣ୍ଡା ପ୍ରଭୃତି ପୋଷଣ ଆହାରକୁ ବିନା ଯତ୍ନରେ ଏଣେ ତେଣେ ରଖୁଥିବାରୁ ତାହା ପରବର୍ତ୍ତୀ ସମୟରେ ମୂଷା, ଚୁଚୁନ୍ଦ୍ରା, ପିମ୍ପୁଡ଼ି ଖାଇ ନଷ୍ଟ କରିଦେଇଥିବାର ଦେଖିବାକୁ ମିଳିଛି । ଉକ୍ତ ଖାଦ୍ୟକୁ ଗର୍ଭବତି ମା ଙ୍କୁ ବିତରଣ କରାଯାଉଥିବାରୁ ନୀଳଗିରି ସିଡିପିଓ ଗୀତାଞ୍ଜଳି ମହାପାତ୍ର ଠାରେ ଖାଦ୍ୟ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠାଇବା ସହିତ ଉକ୍ତ ପୋକ ଓ ମୂଷାଖିଆ ଖାଦ୍ୟକୁ ଦେଖାଇଛନ୍ତି ଯାଞ୍ଚ କମିଟି ଓ ମାତୃ କମିଟିର ସଦସ୍ୟା । ଏକ ଆଶ୍ଚର୍ଯ୍ୟ ର କଥା ଉକ୍ତ କେନ୍ଦ୍ରରେ ମାସିକ ବୈଠକ କରାଯାଇ ଉକ୍ତ ଦୁଇ କମିଟିକୁ ହିସାବ ଦେବାର ନିୟମ ଥିବା ବେଳେ ଆଜକୁ ୮ ମାସ ହେଲାଣି କମିଟି ହିସାବ ମାଗୁଥିଲେ ମଧ ରଶ୍ମିତା ସିଂ ଟାଳଟୁଳ ନୀତି ଅବଲମ୍ବନ କରିଆସୁଥିବା ବେଳେ ଗତ ୫ ତାରିଖ ଦିନ କମିଟି ପକ୍ଷରୁ ହିସାବ ପାଇଁ ଅଡି ବସିଥିଲେ ହେଁ ସୁପରଭାଇଜର ଜୟନ୍ତୀ କର ଏବଂ ରଶ୍ମି ସିଂ ନାଲି ଆଖି ଦେଖାଇଥିଲେ । ଏଥିରେ ଉଭୟଙ୍କ ମଧ୍ୟରେ ମୁହାଁ ମୁହିଁ ହେବାପରେ କେନ୍ଦ୍ରରେ କିଛି ସମୟ ଅଶାନ୍ତ ପରିବେଶ ସୃଷ୍ଟି ହୋଇଥିଲା ।ତେବେ ଘଟଣାରେ ସିଡିପିଓ କ୍ଷେତ୍ର ପରିଦର୍ଶନ କରି ତୁରନ୍ତ ସମସ୍ୟାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅହଲ୍ୟା ରାଜ, ଜାନକୀ ବାରିକ, ରଶ୍ମିରେଖା ପୋଥାଳ, ବାସନ୍ତୀ ବାରିକ, ମନୋରମା ନାୟକ ପ୍ରମୁଖ କମିଟି ସଦସ୍ୟା ଉପସ୍ଥିତ ଥିଲେ ।

# ସାତ ଦଫା ଦାବି ନେଇ ନିଖିଳ ଓଡିଶା ମିଶନ ଇସି ମହାସଂଘ ସ୍ୱୟଂ ସହାୟକ ଗୋଷ୍ଠୀର ରାଲି ଓ ଦାବିପତ୍ର ପ୍ରଦାନ




ବାଲିଆପାଳ ୬/୯(ନି ପ୍ର ) ବାଲିଆପାଳ ବ୍ଲକ ସମ୍ମୁଖରେ ୭ ଦଫା ଦାବି ନେଇ ନିଖିଳ ଓଡ଼ିଶା ମିଶନ ଇସି ମହାସଂଘ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଶୁକ୍ରବାର ବିଶାଳ ଗଣବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକ ଅଧିନସ୍ଥ ସମସ୍ତ ଇସି ମହିଳାମାନେ ସାମିଲ ହୋଇଥିଲେ। ବ୍ଲକ ଇସି ସଭାପତି ପ୍ରଭାତୀ ସାହୁଙ୍କ ନେତୃତ୍ୱରେ ପ୍ରାୟ ଏକ ହଜାରରୁ ଅଧିକ ଇସି ମହିଳା ମାନେ ଦାବି ପୂରଣ ପାଇଁ ଡ଼ାକବଙ୍ଗଳା ଠାରୁ ଏକ ଶୋଭାଯାତ୍ରାରେ ବାହାରିଥିଲେ। ବିଭିନ୍ନ ପ୍ରକାରର ନାରା ଦେଇ ପୁରୁଣା ବସଷ୍ଟାଣ୍ଡ, ଜାମକୁଣ୍ଡା ଛକ,ପାରୁଳିଆ ଛକ ଦେଇ ବ୍ଲକ ପରିସର ମଧ୍ୟରେ ପହଞ୍ଚିଥିଲେ। ସେଠାରେ ଏକ ପଥପ୍ରାନ୍ତ ସଭାର ଆୟୋଜନ କରାଯାଇଥିଲା। ଜିଲ୍ଲା ଇସି ସଭାପତି ପ୍ରମିଳା ନାୟକ ଯୋଗଦେଇ ସାତ ଦଫା ଦାବି ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଅବସରରେ ବାଲିଆପାଳ ବିଡ଼ିଓଙ୍କ ଅନୁପସ୍ଥିତିରେ ଏବିଡିଓ ଶରତ କୁମାର ମୁଦୁଲିଙ୍କୁ ସେମାନେ ଦାବି ପତ୍ର ପ୍ରଦାନ କରିଥିଲା ।ଇସି ମାନଙ୍କ ଭତ୍ତା ବୃଦ୍ଧି, ଏପ୍ରିଲ ଠାରୁ ବକେୟା ଭତ୍ତା ପ୍ରଦାନ, ସହରାଞ୍ଚଳରେ କାର୍ଯ୍ୟରତ ଇସି ମାନଙ୍କୁ ଭତ୍ତା ପ୍ରଦାନ, ଯୋଗ୍ୟତା ଭିତ୍ତିକ ପଦୋନ୍ନତି, ସ୍ଥାୟୀ ନିଯୁକ୍ତି , ୬୫ ବର୍ଷକୁ କାର୍ଯ୍ୟକାଳ ବୃଦ୍ଧି, ବ୍ଲକ ସଭାପତିଙ୍କୁ ଅସମ୍ମାନ କରିଥିବା ନିଖିଳ ଉତ୍କଳ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଆଦି ଦାବି ପତ୍ରରେ ଦର୍ଶାଯାଇଛି। ଏହି ଦାବିକୁ ପୂରଣ କରିବା ପାଇଁ ଆସନ୍ତା ୧୧ ତାରିଖ ଦିନ ବିଧାନ ସଭା ଘେରାଓ ପାଇଁ ଓଡ଼ିଶାର ସମସ୍ତ ଇସି ମାନଙ୍କୁ ଆହ୍ୱାନ ଜଣାଇଛନ୍ତି ଜିଲ୍ଲା ସଭାପତି ପ୍ରମିଳା ନାୟକ, ବ୍ଲକ ସଭାପତି ପ୍ରଭାତୀ ସାହୁ ଓ ବ୍ଲକ ସମ୍ପାଦିକା ସ୍ନେହଲତା ସାହୁ। ଦାବି ପୂରଣ ନ ହେଲେ ଆନ୍ଦୋଳନ ତୀବ୍ର ତର ହେବ ବୋଲି ସେମାନେ ସରକାରଙ୍କୁ ଚେତାବନୀ ଦେଇଛନ୍ତି।

# 'ସୁଭଦ୍ରା' ଯୋଜନା ପାଇଁ ଆଧାର ସଂଯୋଗ ନିମନ୍ତେ ଡାକ ଘରେ ଆକାଉଣ୍ଟ ଖୋଲିବାରେ ବାଧ ବାଧକତା ନାହିଁ

## ଆଧାର ସଂଯୋଗ ବିନା ବି କରିହେବ ପଞ୍ଜିକରଣ

ଭଦ୍ରକ, ୬/୯ (ନି.ପ୍ର): ସୁଭଦ୍ରା ଯୋଜନା ପାଇଁ ଭଦ୍ରକ ମୁଖ୍ୟ ଡାକଘରେ ଆଧାର ସଂଯୋଗ ନିମନ୍ତେ ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କରେ ଆକାଉଣ୍ଟ ଖୋଲିବା ପାଇଁ ଡାକ ବିଭାଗର ସଂପୃକ୍ତ କର୍ମଚାରୀ ହିତାଧିକାରୀଙ୍କୁ ବାଧ କରୁଥିବା ନେଇ ମୁଦ୍ରିତ ଓ ବୈଦ୍ୟୁତିକ ଗଣ ମାଧ୍ୟମରେ ପ୍ରଚାରିତ ଖବର ଆଧାରରେ ଘଟଣାର ସତ୍ୟାସତ୍ୟ ପରୀକ୍ଷା ପାଇଁ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ ସଂପୃକ୍ତ ଅଧିକାରୀଙ୍କୁ ଡାକି ସମୀକ୍ଷା କରିଥିଲେ। ଆଧାର ସଂଯୋଗ କରିବା ପାଇଁ ଆକାଉଣ୍ଟ ଖୋଲିବାକୁ କେତେଜଣଙ୍କୁ ପରାମର୍ଶ ପ୍ରଦାନ କରାଯାଇଥିଲା କାହାରିକୁ ବାଧ କରାଯାଇ ନାହିଁ ବୋଲି ବରିଷ୍ଠ ପ୍ରବନ୍ଧକ ମନୋଜ କୁମାର ଦାସ ଜିଲ୍ଲାପାଳଙ୍କୁ ଜଣାଇଥିଲେ। ଏ ଅଭିଯୋଗର କିଛିଟା ସତ୍ୟତା ଥିବା ଅନୁଭବ କରି ଜିଲ୍ଲାପାଳ ଆଧାର ସଂଯୋଗ ପାଇଁ ଭାରତ ପୋଷ୍ଟ ପେମେଣ୍ଟ ବ୍ୟାଙ୍କରେ ଆକାଉଣ୍ଟ ଖୋଲିବା କୌଣସି ହିତାଧିକାରୀଙ୍କ ପାଇଁ ବାଧବାଧକତା ନୁହଁ ବୋଲି ଲିଖିତ ସୂଚନା ମାଧ୍ୟମରେ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ସଂପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ ଏବଂ ଏହି କାର୍ଯ୍ୟ ପାଇଁ ନିୟୋଜିତ ଡାକ ବିଭାଗର ସମସ୍ତ ସଂପୃକ୍ତ କର୍ମଚାରୀଙ୍କୁ ସୂଚନା ଦେବାପାଇଁ କହିଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶମତେ ଭଦ୍ରକ ମୁଖ୍ୟ ଡାକଘରେ ଆଧାର ସଂଯୋଗ ପାଇଁ ଡାକଘରେ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ହିତାଧିକାରୀଙ୍କ ପାଇଁ ବାଧ ବାଧକତା ନୁହଁ ବୋଲି ବାର୍ତ୍ତା ଲିଖିତ ଫଳକ ଆକାରରେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ପ୍ରଦର୍ଶିତ କରାଯାଇଛି। ମହିଳା ସଶକ୍ତିକରଣ ପାଇଁ ସରକାରଙ୍କ ଦ୍ୱାରା ପ୍ରଣୀତ ଯୁଗାନ୍ତକାରୀ ପଦକ୍ଷେପ 'ସୁଭଦ୍ରା' ଯୋଜନାର କାର୍ଯ୍ୟାନ୍ୱୟନ ପ୍ରକ୍ରିୟା ଭଦ୍ରକ ଜିଲ୍ଲାରେ ଆରମ୍ଭ ହୋଇସାରିଛି। ମାଗଣାରେ ଫର୍ମ ବିତରଣ ସହ ଚିହ୍ନଟ ଜନସେବା କେନ୍ଦ୍ର ଓ ମୋ ସେବା କେନ୍ଦ୍ର ଜରିଆରେ ପଞ୍ଜିକରଣ କାର୍ଯ୍ୟ ବି ମାଗଣାରେ ଆରମ୍ଭ ହୋଇଛି। ପରିବର୍ତ୍ତିତ ମାର୍ଗ ଦର୍ଶିକା ଅନୁଯାୟୀ ଆଧାର ସଂଯୋଗ ବିନା ପଞ୍ଜିକରଣ କରାଯାଇ ପାରିବା ନେଇ ଗଣମାଧ୍ୟମ ଜରିଆରେ ସଚେତନ କରାଯାଇଛି। ବାୟୋମେଟ୍ରିକ୍ ପଦ୍ଧତିରେ ମୁହଁ ଫିଙ୍ଗରପ୍ରିଣ୍ଟ ଓ ଆଇରିସ୍ ଜରିଆରେ ପଞ୍ଜିକରଣ କରାଯାଇପାରିବ। ତଥାପି ଆଧାର ସଂଯୋଗ କାର୍ଯ୍ୟ ବିଭିନ୍ନ ଚିହ୍ନଟ ଆଧାର କେନ୍ଦ୍ର ମାନଙ୍କରେ ଚାଲୁ ରହିଛି। ଭଦ୍ରକ ମୁଖ୍ୟ ଡାକଘରେ ମଧ ଆଧାର ସଂଯୋଗ କାର୍ଯ୍ୟ ଚାଲୁଅଛି ଏବଂ ୪ ଦିନ ମଧ୍ୟରେ ୧୨୦୦ ଆଧାର ସଂଯୋଗ ହୋଇଥିବା ନେଇ ଡାକ ବ୍ୟାଙ୍କର ବରିଷ୍ଠ ପ୍ରବନ୍ଧକ ଶ୍ରୀଯୁକ୍ତ ଦାସ ସୂଚନା ପ୍ରଦାନ କରିଛନ୍ତି।

## ବାଇକ ଧକ୍କାରେ ଜଣକର ମୃତ୍ୟୁ

ଭଦ୍ରକ, ୬/୯ (ନି.ପ୍ର): ଗତକାଲି ଭଦ୍ରକ ୧୬ନମ୍ବର ଜାତୀୟ ରାଜପଥର ତିଶଳପୁର ଛକରେ ଘଟିଥିବା ମର୍ମନ୍ତୁଦ ଦୁର୍ଘଟଣା ମନରୁ ନ ଲିଭୁଣୁ ଆଜି ତାର ଅନତି ଦୂରରେ ଏକ ବାଇକ ଦୁର୍ଘଟଣାରେ ଜଣକର ଜୀବନ ଯାଇଥିବା ଜଣା ପଡିଛି। ସୂଚନା ଅନୁସାରେ ଆଜି ସନ୍ଧ୍ୟାରେ ଏକ ବାଇକ ଯୋଗେ ଚରମ୍ପାରୁ ରାଣୀତାଲ ଆଡ଼କୁ ଆସୁଥିବା ବେଳେ କ୍ରିଷ୍ଣା ଢ଼ାବା ସମ୍ମୁଖରେ ଦୀନେଶ ଗୁପ୍ତା ନାମକ ଜଣେ ବ୍ୟକ୍ତି ରାସ୍ତା ପାର ହେଉଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ ! ଘଟଣା ସ୍ଥଳରେ ଦୀନେଶଙ୍କର ମୃତ୍ୟୁ ହୋଇ ଥିବା ବେଳେ ଖବର ପାଇଁ ପୋଲିସ ପହଁଚି ବାଇକକୁ ଜବତ କରିଥିବା ବେଳେ ଚାଳକ ଫେରାର ଥିବା ଜଣାପଡିଛି ! ଖବର ଲେଖା ହେବା ବେଳକୁ ଜାତୀୟ ରାଜପଥର ଦୁଇ ପାର୍ଶ୍ୱ ଜାମ ହୋଇ ଯାଇଥିବା ଜଣା ପଡିଛି।

# ଯୁବ ଦିବସ ଅବସରରେ ରେଡ଼କ୍ରସ ତରଫରୁ ସ୍ୱାସ୍ଥ୍ୟ ପରୀକ୍ଷା ଓ ଏଡ଼ସ ସଚେତନତା ଶିବିର

ଉଦଳା, ୬/୯ (ନି.ପ୍ର): ଯୁବ ରେଡ଼କ୍ରସ ତରଫରୁ ଉଦଳା ମହାବିଦ୍ୟାଳୟ ପରିସରରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ସହଯୋଗରେ ଦୁଇଦିନ ବ୍ୟାପି ସ୍ୱାସ୍ଥ୍ୟ ପରୀକ୍ଷା ଓ ଏଡ଼ସ୍ ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଛି । ରେଡ଼କ୍ରସ ସଂଯୋଜିକା ଅଧ୍ୟାପିକା ହେଲିନା ଦାସ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହ, ଏଡ଼ସ୍‌ରୁ ମୁକ୍ତି ପାଇଁ ସଚେତନତାହିଁ ଏକମାତ୍ର ବିକଳ୍ପ ବୋଲି ବ୍ୟକ୍ତ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ଯତିନ କୁମାର ମହାକୁଡ଼ ସଭାପତିତ୍ୱ କରି ଦେଶ ଗଠନରେ ରେଡ଼କ୍ରସର ଭୁମିକା ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଆୟୁଷ ଡ଼ାକ୍ତର ମମତା ପୋଥାଳ, ଡ଼ା. ଚନ୍ଦନ କୁମାର ପଣ୍ଡା, ଅଧ୍ୟାପିକା ଡ଼.ମୀନାକ୍ଷି ପରିଡ଼ା, ସ୍ୱାସ୍ଥ୍ୟ କର୍ମୀ ହରପ୍ରିୟା ଢ଼ାଙ୍ଗୁଆ ଓ ପ୍ରଦୀପ କୁମାର ବେହେରା ପ୍ରମୁଖ ଯୋଗ ଦେଇ ଏଡ଼ସ୍ ରୋଗ କଣ, ଏହା କିପରି ସଂକ୍ରମିତ ହୁଏ, ଲକ୍ଷଣ କଣ ଦେଖାଯାଏ ଓ ଏଥିରୁ ମୁକ୍ତି ପାଇଁ କିପ୍ରକାର ସତର୍କତା ଅବଲମ୍ବନ କରିବାକୁ ପଡ଼ିବ ସେ ସମ୍ପର୍କରେ ଅବଗତ କରାଇଥିଲେ । ଜାତୀୟ ସେବା ଯୋଜନାର ସଂଯୋଜକ ଅଧ୍ୟାପକ ଦିଲିପ କୁମାର ପାଟଯୋଶୀ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଯୁବ ରେଡ଼କ୍ରସ ସହସଂଯୋଜକ ଅଧ୍ୟାପକ ପ୍ରଭାତ କୁମାର ସାହୁ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ବ୍ୟାଙ୍କ ଅଫ ଇଣ୍ଡିଆ ବାଲିଆପାଳ ଶାଖାର ୧୧୯ ତମ ପ୍ରତିଷ୍ଠା ଉତ୍ସବ ପାଳିତ

ଲଙ୍ଗଳେଶ୍ୱର ୬/୯(ନିପ୍ର): ବାଲିଆପାଳ ବ୍ଲକ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ବାଲିଆପାଳ ଶାଖା ଶୁକ୍ରବାର ଶୁଭମ୍ ଗେଷ୍ଟ ହାଉସ ସମ୍ମିଳନୀ କକ୍ଷରେ ତା ' ର ୧୧୯ ତମ ପ୍ରତିଷ୍ଠା ଦିବସ ପାଳନ କରିଛି ।ବ୍ୟାଙ୍କ କ୍ୟାଶିୟର ସମର ବଲ୍ଲଭ ମହାପାତ୍ର ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ ।ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବାଲିଆପାଳ ତହସିଲଦାର ଜନକ କୁମାର ନାଏକ, ଅଧ୍ୟାପକ ଡକ୍ଟର ସୁକାନ୍ତ କୁମାର ଗିରି ମୁଖ୍ୟ ବକ୍ତା, ବ୍ୟାଙ୍କ ମ୍ୟାନେଜର ରସାନନ୍ଦ ମାଝି, ପୂର୍ବତନ ସରପଞ୍ଚ ମଧୁସୂଦନ ବାରିକ୍ , ସମାଜସେବୀ ଭାସ୍କର ଚନ୍ଦ୍ର ସାହୁ, ପ୍ରାକ୍ତନ ଅଧ୍ୟକ୍ଷ ପ୍ରାଧ୍ୟାପକ ଡଃ ସନ୍ତୋଷ କୁମାର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଷ୍ଠା ଉତ୍ସବର ଇତିହାସ ସମ୍ପର୍କରେ ଆଲୋଚନା କରିଥିଲେ। ବ୍ୟାଙ୍କ କର୍ମଚାରୀ ବିକ୍ରମ କେଶରୀ ଜେନା, ଲକ୍ଷ୍ମୀଧର ସାହୁ, ପ୍ରବଣ କାନ୍ତ ପାତ୍ର,ସୁଜୟ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ବ୍ୟାଙ୍କର ଭିତ୍ତିଭୂମି, ଗ୍ରାହକ ସେବା, ବୀମା, ଅନ୍ୟାନ ସୁବିଧା ସୁଯୋଗ ସମ୍ପର୍କରେ ମଧ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଲିଆପାଳର ବହୁ ବୁଦ୍ଧିଜୀବୀ, ବ୍ୟାଙ୍କର ଗ୍ରାହକ, ସ୍ୱୟଂ ସହାୟକ ଗୋଷ୍ଠୀ ର କର୍ମକର୍ତ୍ତା ଯୋଗଦେଇ ଥିଲେ ।ବ୍ୟାଙ୍କ ଆକାଉଣ୍ଟାଟ ଅର୍ପିତା ପ୍ରିୟ ଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ।

# ମଧୁବନ ଉନ୍ନୟନ ପରିଷଦ ତରଫରୁ ବିଦ୍ୟୁତ ବିଭାଗର ମୁଖ୍ୟଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ



ବାରିପଦା , ୬/୯ (ନି.ପ୍ର): ମଧୁବନ ଉନ୍ନୟନ ପରିଷଦର ସାଧାରଣ ସଂପାଦକ ବିକ୍ରମ କେଶରୀ ଜେନାଙ୍କ ନେତୃତ୍ୱରେ ବରିଷ୍ଠ ନାଗରିକ ସମିତି ବାରିପଦା, ମୟୂରଭଞ୍ଜର କର୍ମକର୍ତ୍ତା ଓ ସଦସ୍ୟମାନେ ବିଦ୍ୟୁତ ବିଭାଗର ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ବିଭିନ୍ନ ସମସ୍ୟାର ସମାଧାନ ସହିତ ମଧୁବନ ଅଞ୍ଚଳରେ ଏକ ୩୩ କେ.ଭି. ଷ୍ଟେସନ ପ୍ରତିଷ୍ଠା ନିମନ୍ତେ ଦାବୀ ପତ୍ର ପ୍ରଦାନ କରିଛନ୍ତି। ଲୋ-ଭୋଲଟେଜ, ୩ ଫେଜ ଲାଇନ ବ୍ୟବସ୍ଥା ଭଳି ଅନେକ ସମୟରେ ବିଦ୍ୟୁତ ଯୋଗାଣ ବାଧାପ୍ରାପ୍ତ ହେବା ସହିତ ସବଷ୍ଟେସନ ପ୍ରତିଷ୍ଠା ସଂପର୍କରେ ସବିଶେଷ ଆଲୋଚନା କରିଥିଲେ। ପ୍ରତିନିଧୀ ମଣ୍ଡଳୀରେ ବିଦ୍ୟୁତ ବିଭାଗର ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ସର୍ବେଶ୍ୱର ଭୂୟାଁ, ବରିଷ୍ଠ ନାଗରିକ ସମିତିର ଡଃ ଯୋଗେନ୍ଦ୍ର ନାଥ ପଣ୍ଡା, ରଘୁନାଥ ପଣ୍ଡା, ଡଃ କୁଞ୍ଜବନ ପୃଷ୍ଟି, ରବିନ୍ଦ୍ର ନାୟକ, ନନୀ ଗୋପାଳ ମହାନ୍ତି, ଜଗନ୍ନାଥ ମହାପାତ୍ର, ଇଶ୍ୱର ଚନ୍ଦ୍ର ଦାସ, ଅଶ୍ୱିନୀ ପାତ୍ର, ଉପେନ୍ଦ୍ର ମାଝୀ, ଶ୍ରୀଧର ପରିଡ଼ା ଓ ଚନ୍ଦ୍ର ଶେଖର ମହାନ୍ତି ପ୍ରମୁଖ କର୍ମକର୍ତ୍ତା ଆଲୋଚନା ଏବଂ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିଲେ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo